# ମଣ୍ଡଳୀ ପ୍ରବନ୍ଧ

ଏଠାରେ, ଆପଣ ଏହାକୁ କିପରି ଆରମ୍ଭ—ଆରମ୍ଭ କରନ୍ତି? ହଁ, ଉ-ହୁଁ...?... [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।] ଆପଣ ସେଗୁଡିକୁ ବନ୍ଦ କରିବାକୁ ପ୍ରସ୍ତୁତ ଥାଆନ୍ତୁ। ତାହାପରେ, ଯେତେବେଳେ, ମୁଁ ସେହିପରି ଭାବରେ ମୋର ମୁଣ୍ଡକୁ ହଲାଇ, ଆପଣଙ୍କ ଆଡେ ଇଶାରା କରିବି। ବୁଝିଲେ? ବୁଝିଲେ? ମୋର, ମୋ ମୁଣ୍ଡକୁ ହଲାଇ ଆପଣଙ୍କ ଆଡକୁ ଇଶାରା କରିବି। ଆପଣ...[ଜଣେ ଭାଇ କୁହନ୍ତି, "ମୁଁ ଏହା କେବେ କରେ ବୋଲି ଆପଣ ଚାହାଁନ୍ତି?" ଅନ୍ୟ ଜଣେ ଭାଇ କୁହନ୍ତି, "ସେ କହିଲେ, 'ଏହାକୁ ଚାଲୁ କରି ଦିଅନ୍ତୁ।'"]

ଭାଇମାନେ, ଆମେ ଆଜି ରାତି ଏଠାରେ ଏହି ସଭାକୁ ଏହା ଜାଣିବା ଉଦ୍ଦେଶ୍ୟରେ ଡାକିଅଛୁ ଯେ କିପରି ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀକୁ ପରିଚାଳନା କରିବାକୁ ଅଛି, ଯାହାକି, ଆମେ ବିଶ୍ୱାସ କରୁ ଯେ ଏହି ମଣ୍ଡଳୀର ଏକ ଅଂଶ ଅଟୁ।

2 ମୁଁ ଚାହେଁ, ଯେ ପ୍ରଥମ ବିଷୟ, ମୁଁ କହିବାକୁ ଚାହେଁ ଯେ ମୋର ବିଶ୍ୱ ଭ୍ରମଣରେ, ଯେତେଦୂର ମୁଁ ଜାଣେ, ଏହା ହେଉଛି ସେହି ଆତ୍ମିକ ସ୍ଥାନ ମଧ୍ୟରୁ ଅନ୍ୟତମ ଯେଉଁଠାରେକି ଆପଣ ପରମେଶ୍ୱରଙ୍କ ଆତ୍ମାକୁ ମୁଁ ଜାଣିଥିବା ଅନ୍ୟ କୌଣସି ସ୍ଥାନ ଅପେକ୍ଷା ଅଧିକ ଅନୁଭବ କରନ୍ତି। ମୋର ମନରେ ଅନ୍ୟ ଦୁଇଟି ସ୍ଥାନ ରହିଥିଲା ଯାହାକି ପୂର୍ବରେ ସେହିପରି ଥିଲା, କିନ୍ତୁ ଏବେ ଆମେ—ଆମେ ସେହି ସ୍ଥାନଗୁଡିକୁ ସେହିପରି ଦେଖୁ ନାହୁଁ; ସେମାନଙ୍କ ମଧ୍ୟରୁ ଗୋଟିଏ ତ ସଂଗଠନକୁ ଚାଲିଯାଇଛି, ଏବଂ ଅନ୍ୟଟି ଏକ—ଏକ ପ୍ରକାର ପତିତ ହୋଇଯାଇଛି।

3 ତେଣୁ ମୋତେ ଗତକାଲି ଡକାଗଲା ଏବଂ ମୋତେ—ମୋତେ କୁହାଗଲା ଯେ ଆପଣ ସମସ୍ତେ ଏହି ପ୍ରଶ୍ନଗୁଡିକୁ ମୋତେ ପଚାରିବା ପାଇଁ ଏକ ସଭା ଚାହୁଁଛନ୍ତି ଯାହା ଏହି ମଣ୍ଡଳୀରେ ଆପଣଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ, ଏବଂ ମୁଁ...ତାହା ପାଇଁ ମୁଁ ଆଜି ରାତି ଏଠାରେ ଅଛି, ତାହା ହେଉଛି...ଏବଂ ମଣ୍ଡଳୀକୁ—କୁ ଶୃଙ୍ଖଳାବଦ୍ଧ କରିବା ପାଇଁ, କିଅବା ସେହି ବିଷୟଗୁଡ଼ିକୁ ଆପଣଙ୍କୁ ଦେବା ପାଇଁ ଯାହାକି ମୁଁ ଭାବେ ଯେ—ଯେ ତାହା ଏହି ମଣ୍ଡଳୀକୁ ନିରନ୍ତର ବଢିବା ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ।

4 ଭାଇମାନେ, ମୁଁ ନିଶ୍ଚିତ ଯେ ଆପଣ ତାହା ଅନୁଭବ କରନ୍ତି, ଯେହେତୁ ମୁଁ ଏହି ସ୍ଥାନ ବିଷୟରେ ଏହି ଟିପ୍ପଣୀ କଲି ଯେ ଏହା ଏକ ଆତ୍ମିକ ସ୍ଥାନ ଅଟେ। ଏହା ବିଶ୍ୱରେ ସବୁଠାରୁ ବଡ ସ୍ଥାନ ନୁହେଁ, ଏବଂ ଏହା ସେହି ସ୍ଥାନ ମଧ୍ୟ ନୁହେଁ ଯେଉଁଠାରେକି ଆମର ଅତ୍ୟଧିକ ଗୀତ ଗାନ ହୋଇଥାଏ, ସବୁଠାରୁ ଅଧିକ ପାଟି ତୁଣ୍ଡ ହୋଇଥାଏ, ଏବଂ ସବୁଠାରୁ ଅଧିକ ଉଚ୍ଚ ପାଟିରେ ଚିତ୍କାର କରିବା ହୋଇଥାଏ, କିମ୍ବା ପରଭାଷାରେ କଥା କହିବା ହୋଇଥାଏ, ଏବଂ ବିଷୟସବୁ ହୋଇଥାଏ, ଏହା ତାହା ନୁହେଁ, ମାତ୍ର ଏହା ଆତ୍ମାଙ୍କର ସେହି ଗୁଣସକଳ ଅଟେ ଯାହାକି

ଏଠାରେ ଏହି ଆରାଧନାଳୟରେ କାର୍ଯ୍ୟକାରୀ ହୋଇଥାଏ । ଏବଂ, ଏପର୍ଯ୍ୟନ୍ତ, ମୁଁ ଭାଇ ନେୱିଲ୍‌ଙ୍କୁ ପ୍ରଶଂସା ଏବଂ ଧନ୍ୟବାଦ ଦେବାକୁ ଚାହେଁ, ଏବଂ—ଏବଂ ଏଠାରେ ଥିବା ଆପଣ ଭାଇମାନଙ୍କୁ, ଟ୍ରଷ୍ଟିମାନଙ୍କୁ ଏବଂ ଦୀକନ୍‌ମାନଙ୍କୁ, ଏବଂ ରବିବାର ଶ୍ରେଣୀ ଅଧୀକ୍ଷକଙ୍କୁ, ଏବଂ ସମସ୍ତଙ୍କୁ, ସେହି କାର୍ଯ୍ୟ ପାଇଁ—ପାଇଁ ଯାହାକି ଆପଣ ଏହାକୁ ଏହି ଉପାୟରେ ରଖିବାରେ ସାହାଯ୍ୟ ନିମନ୍ତେ କରିଛନ୍ତି । ଏହା ମୋର ଏକ ଦୀର୍ଘ ପ୍ରାର୍ଥନା, ଏବଂ ଏକ ସାନ ପିଲାବେଳ ଠାରୁ ଏକ ଇଚ୍ଛା ରହିଆସିଛି, ଯେ ଏହି ମଣ୍ଡଳୀକୁ ଶୃଙ୍ଖଳାରେ ସ୍ଥାପନ କରିବା ଏବଂ କ୍ରମାଗତ ଶୃଙ୍ଖଳାବଦ୍ଧ ରଖିବା ।

5 ତେବେ, ଯେତେବେଳେ ଆମେ ଗୀର୍ଜାଘରକୁ ଉତ୍ସର୍ଗ କରିଥିଲୁ, ମୁଁ ଆପଣଙ୍କୁ କହିଥିଲି, "ଟିକିଏ ପରେ ମୋ ପାଖରେ ଆପଣମାନଙ୍କ ସହ କଥା ହେବା ପାଇଁ କିଛି ବିଷୟ ରହିଥିଲା ଯେ ଏହି ବିଷୟକୁ କିପରି ଶୃଙ୍ଖଳାବଦ୍ଧ ରଖାଯିବାକୁ ଅଛି, କିପରି ଭାବରେ ଏହା ପରିଚାଳିତ ହେବା ଉଚିତ ।" ଏବଂ ଆପଣ ଆରମ୍ଭ କରିଥିଲେ...ଏଠାରୁ ଚାଲିଯିବା ପରେ, ଆମ ପାଖରେ ସେବକଗଣ ଏବଂ ଅନ୍ୟମାନେ ଥିଲେ । ମାତ୍ର ବର୍ତ୍ତମାନ, ଭାଇ ନେୱିଲ୍ ଆମ ମଧ୍ୟରେ କେବଳ ଯୁବା ହୋଇଥିବା ହେତୁ, ଆମ ମଧ୍ୟରେ ଆସିଥିବା ସକାଶୁ, ମୁଁ ଭାବିଲି ଯେ ଏହା ହେବା ଭଲ ହେବ ଯେ ଭାଇ ନେୱିଲ ବିଶ୍ଵାସରେ ଉତ୍ତମ ଭାବରେ ସ୍ଥାପିତ ହୁଅନ୍ତୁ ଏହା ପୂର୍ବେକି ମୁଁ ଏହିପରି ବିଷୟଗୁଡିକ ଉପସ୍ଥାପନ କରେ ଯାହାକି ମୁଁ ବର୍ତ୍ତମାନ କରିବାକୁ ଯାଉଅଛି । କିନ୍ତୁ ବର୍ତ୍ତମାନ, ମୁଁ ଜାଣିବା ପରେ ଯେ ସେ ବିଶ୍ଵାସରେ ଭଲ ଭାବରେ ସ୍ଥାପିତ ହେଉଅଛନ୍ତି, ଏବଂ ବୁଝୁଛନ୍ତି ଯେ ଶିକ୍ଷା ସିଦ୍ଧାନ୍ତ କଅଣ ଅଟେ, ଏବଂ—ଏବଂ ଖ୍ରୀଷ୍ଟଙ୍କ ପ୍ରତି ଏକ ବିଶ୍ଵସ୍ତ ସାକ୍ଷୀର ଭୂମିକା ଗ୍ରହଣ କରିଛନ୍ତି ଏବଂ ଯାହା ଆମେ ସତ୍ୟ ବୋଲି ବିଶ୍ଵାସ କରୁ ତାକୁ ଭଲ ଭାବରେ ଧରି ରହିଛନ୍ତି, ମୁଁ ଭାବୁଛି ଯେ ଏହା ବର୍ତ୍ତମାନ ସେହି ଘଟିକା, ଏକ ଭଲ ସମୟ ହେବ, ଯେ ତାହାଙ୍କ ନିକଟକୁ ଯିବା ପାଇଁ...ଏବଂ ଏଠାରେ ଆପଣ ପ୍ରାଚୀନଗଣ ଏବଂ ମଣ୍ଡଳୀର ବିଷୟଗୁଡ଼ିକ ମଧ୍ୟରେ, ଯେ ଆପଣ ଏହି ଆଦେଶଗୁଡିକୁ ଗ୍ରହଣ କରନ୍ତି ଏବଂ ସେଗୁଡ଼ିକୁ ମନେ ରଖନ୍ତି, ସେମାନେ ମୋର ଜାଣିବାରେ ପରମେଶ୍ଵରଙ୍କ ସମ୍ମୁଖରେ ସର୍ବୋତ୍ତମ ଅଟେ । ଏବଂ ତାହାପରେ ମୁଁ ଆପଣମାନଙ୍କ ଆଡେ ଚାହୁଁଥାଏ ଯେ ଆପଣ ଏହି ବିଷୟଗୁଡିକୁ ଠିକ୍ ସେହିପରି ଭାବରେ ବହନ କରନ୍ତି ଯେପରି ମୁଁ ସେଗୁଡିକୁ କୁହେ, କାରଣ ଏଠାରେ କାହାରି ଜଣକାକୁ ତ ମସ୍ତକ ହେବାକୁ ପଡିବ । ଆପଣଙ୍କୁ ତ କରିବାକୁ ହେବ...

6 ତେବେ, ମୁଁ କାହାରି ଉପରେ ଅଧିକାରପନ୍ନ ହେବାକୁ କିମ୍ବା ସେହିପରି କିଛି କରିବାକୁ ଚେଷ୍ଟା କରୁନାହିଁ, କିନ୍ତୁ, ଆପଣ ଦେଖନ୍ତୁ, ଜଣେ ବ୍ୟକ୍ତି କିମ୍ବା କୌଣସି ବିଷୟ ଯାହାର ଦୁଇଟି ମୁଣ୍ଡ ଥାଏ, ଏହା—ଏହା ଜାଣେ ନାହିଁ ଯେ କିପରି ଯିବାକୁ ଅଛି । ପରମେଶ୍ଵର କେବେବି ତାହାଙ୍କର ମଣ୍ଡଳୀରେ ଦୁଇଟି ମସ୍ତକ ରଖି ନ ଥିଲେ, ସେ କେବେ ବି ନୁହେଁ, ଏହା ଗୋଟିଏ ହିଁ ମସ୍ତକ ଅଟେ । ସେ ସର୍ବଦା ପ୍ରତ୍ୟେକ ପୀଢୀରେ ବ୍ୟବହାର କରିଛନ୍ତି ଯେପରିକି ଆମେ ଶାସ୍ତ୍ରରେ ଅଧ୍ୟୟନ କରିଅଛୁ, ସର୍ବଦା ଜଣେ ହିଁ ବ୍ୟକ୍ତି ରହିଛନ୍ତି ଯାହାଙ୍କ ସହିତ ସେ ବ୍ୟବହାର କରିଥାନ୍ତି । କାରଣ ଆପଣଙ୍କ ପାଖରେ ଦୁଇଜଣ ବ୍ୟକ୍ତି ଥାଆନ୍ତି, ଆପଣଙ୍କର ଦୁଇଟି ମତାମତ

ଥାଏ । ଏବଂ ଏହାକୁ ତ ଏକ ଅନ୍ତିମ ପରମ ସତ୍ୟକୁ ଆସିବାକୁ ଅଛି, ଏବଂ ମୋର ପରମ ସତ୍ୟ ହେଉଛି ବାକ୍ୟ, ବାଇବଲ । ଏବଂ ଏଠାରେ ଏହି ମଣ୍ଡଳୀର ଜଣେ ପାଳକ ଭାବରେ, ମୋର ପରମ ସତ୍ୟ ହେଉଛି ବାକ୍ୟ, ଏବଂ ମୁଁ ଚାହେଁ…ମୁଁ ଆପଣଙ୍କୁ ଜାଣେ, ଆମର ଭାଇମାନେ, ଆପଣ ମୋତେ କୌଣସି ବିଷୟର ଏକ ପ୍ରକାର ପରମ ସତ୍ୟ ଭାବରେ ଦେଖନ୍ତି ଯାହାକି… ଯେତେ ଦୂର ମୁଁ ପରମେଶ୍ୱରଙ୍କୁ ଅନୁସରଣ କରେ, ଯେପରିକି ପାଉଲ ଶାସ୍ତ୍ରରେ କୁହନ୍ତି, “ମୁଁ ଯେପରି ଖ୍ରୀଷ୍ଟଙ୍କ ଅନୁଗାମୀ, ସେହିପରି ତୁମେମାନେ ମୋର ଅନୁଗାମୀ ହୁଅ ।”

7 ଏବଂ ତାହାପରେ ମୁଁ ଆଶା କରେ ଯେ ଆପଣ ଭାଇମାନେ, ଯେକୌଣସି ସମୟରେ ଆପଣମାନେ ମୋତେ ଏହି ଶାସ୍ତ୍ରରୁ ଦୂରେଇ ଯିବାର ଦେଖନ୍ତି, ମୋ ପାଖକୁ ବ୍ୟକ୍ତିଗତ ଭାବରେ ଆସନ୍ତୁ ଓ ମୁଁ କେଉଁଠାରେ ଭୁଲ୍ ଅଛି ମୋତେ କୁହନ୍ତୁ । ମୋର ଏଥିରେ କିଛି ଯାଏ ଆସେ ନାହିଁ ଯେ ଯଦି ଆପଣ ଜଣେ ଟ୍ରଷ୍ଟି କିମ୍ବା ସେହି…କିମ୍ବା ଯଦି ଆପଣ ଜଗୁଆଳି ଅଟନ୍ତି, ଆପଣ ଯିଏ କେହି ବି ହୁଅନ୍ତୁ, ଖ୍ରୀଷ୍ଟଙ୍କଠାରେ ଜଣେ ଭାଇ ଭାବରେ, ମୋ ପ୍ରତି ଆପଣମାନେ କର୍ତ୍ତବ୍ୟବଦ୍ଧ ଅଟନ୍ତି, ଯେ ଆପଣ ମୋତେ କୁହନ୍ତୁ ଯେତେବେଳେ ମୁଁ ଶାସ୍ତ୍ରରେ ଭୁଲ୍ ଅଟେ । ଯଦି କୌଣସି ଏକ ପ୍ରଶ୍ନ ଅଛି, ତେବେ ଆସନ୍ତୁ ଆମେମାନେ ଏକାଠି, ବସି ଏହାକୁ ସମାଧାନ କରିବା ।

8 ଏବଂ ସେଇଥିପାଇଁ ଆପଣ, ମୋ ପାଖକୁ ଆଜି ରାତି ଆସିଛନ୍ତି, ବୋଲି ମୁଁ ଭାବୁଛି, ମୋତେ ଏଠାକୁ ଆଣିଛନ୍ତି, ଏହାର କାରଣ ହେଉଛି ଯେ ଏଠାରେ କିଛି ପ୍ରଶ୍ନମାନ ଅଛି ଯାହାକି ଆପଣଙ୍କ ମନରେ ଏହି ବିଷୟଗୁଡିକ ପାଇଁ ପ୍ରଶ୍ନ ଜାତ କରୁଅଛି ବୋଲି ମନେ ହୁଏ ଯାହାକି ମୋ ପାଖରେ ଏଠାରେ—ଏଠାରେ ଅଛି । ତେବେ ମନେରଖନ୍ତୁ, ଭାଇମାନେ, ମୁଁ ଜାଣେ ନାହିଁ…ଏହି ଟିକେଟ୍ ମଧ୍ୟରୁ କୌଣସିଥିରେ କୌଣସି ନାମ ଦସ୍ତଖତ ହୋଇନାହିଁ, କିନ୍ତୁ…ଏବଂ ସେଗୁଡିକ ଲେଖାହୋଇଛି, ଏବଂ ମୁଁ କରିପାରେ ନାହିଁ…ଜାଣେ ନାହିଁ ଯେ କିଏ ଲେଖିଛନ୍ତି, ମାତ୍ର ସେଗୁଡ଼ିକ ପ୍ରଶ୍ନ ଅଟେ ଯାହାକି ଆପଣଙ୍କ ମନରେ ଅଛି, ଏବଂ ମୁଁ ମୋର ସର୍ବୋତ୍ତମ ଜ୍ଞାନରେ ଉତ୍ତର ଦେବା ପାଇଁ ଏଠାରେ ଅଛି ।

9 ଏବଂ ମନେରଖନ୍ତୁ, ପରମେଶ୍ୱର ମୋ ଆଡକୁ ଏହା ଦେଖିବା ପାଇଁ ଅନାଇ ରହିଛନ୍ତି ଯେ ମୁଁ ଯେପରି ବାକ୍ୟରେ ରୁହେ । ଏବଂ ମୁଁ ଆପଣଙ୍କ ଆଡକୁ ଏହା ଦେଖିବା ପାଇଁ ଚାହିଁ ବସିଛି ଯେ ଆପଣ ବାକ୍ୟ ପାଳନ କରନ୍ତୁ, ଦେଖନ୍ତୁ, ଦେଖନ୍ତୁ, ଏହି ମଣ୍ଡଳୀରେ । ଏବଂ ଏହାକୁ ଆତ୍ମିକ ରଖନ୍ତୁ, କାରଣ, ମନେରଖନ୍ତୁ, ଶୟତାନର ଅନ୍ଧକାର ରାଜ୍ୟର—ର ସମସ୍ତ ଶକ୍ତି ଆପଣଙ୍କ ବିରୁଦ୍ଧରେ ହୋଇଯିବ ଯେତେବେଳେ ଆପଣ ପ୍ରଭୁଙ୍କଠାରେ ବଢିବାକୁ ଆରମ୍ଭ କରନ୍ତି । ଏବଂ ଆପଣଙ୍କୁ ନିଶ୍ଚିତ ସୈନିକ ହେବାକୁ ଅଛି, କେବଳ ନୂତନ ନିଯୁକ୍ତି ନୁହେଁ । ଆପଣ ବର୍ତ୍ତମାନ ବୃଦ୍ଧ ସୈନିକ ଅଟନ୍ତି, ଏବଂ ଯୁଦ୍ଧ କରିବାକୁ ତାଲିମପ୍ରାପ୍ତ ଅଟନ୍ତି । ଏବଂ ଶୟତାନ ଆପଣମାନଙ୍କ ମଧ୍ୟରେ ଆସିବ, ଯଦି ସେ ପାରିବ ତେବେ ଆପଣ ପରସ୍ପରଙ୍କ ସହିତରେ ବିବାଦ ଉତ୍ପନ୍ନ କରିବ । ତାକୁ ତୁରନ୍ତ ହିଁ ଧମକ ଦିଅନ୍ତୁ; ଆପଣ ଭାଇମାନେ ଅଟନ୍ତି; ଏବଂ ଏହା ଶତ୍ରୁ ଅଟେ । ଆଉ ଆମେ ଏହି ସନ୍ଧ୍ୟାକାଳୀନ ଦୀପ୍ତି ସମୟରେ ଏକ ମାନଦଣ୍ଡକୁ ଉତ୍ତୋଳନ କରି ଧରିବା

ପାଇଁ ଅଛୁ, ଯେ, ଯେତେବେଳେ ଜଗତ ଅନ୍ଧକାର ହୋଇଯାଉଛି ଏବଂ ସମଗ୍ର ମଣ୍ଡଳୀ ରାଜ୍ୟ ଗୀର୍ଜା ସଂଘ ପରିଷଦକୁ ଯାଉଅଛି । ଏବଂ ଖୁବ୍ ଶୀଘ୍ର ସେମାନେ ଏହି ଦ୍ୱାରରେ ଏକ ଚିହ୍ନ ଲଗାଇ ଦେବାକୁ ଚେଷ୍ଟା କରିବେ, "ବନ୍ଦ!" ଆଉ ତାହାପରେ ଆମକୁ ଅନ୍ୟ ସ୍ଥାନଗୁଡିକରେ ସାକ୍ଷାତ କରିବା ପାଇଁ ଯିବାକୁ ପଡିବ, 'କାରଣ ସେମାନେ ନିଶ୍ଚିତ ଭାବରେ ଏହି ଦିନଗୁଡିକ ମଧ୍ୟରୁ ଗୋଟିକରେ ଏହି ମଣ୍ଡଳୀଗୁଡିକୁ ବନ୍ଦ କରିଦେବେ ଯଦି ଆମେ ଏହି ପଶୁର ଚିହ୍ନକୁ ଗ୍ରହଣ ନ କରିବା । ଏବଂ ଆମେ ପରମେଶ୍ୱରଙ୍କ ନିକଟରେ ସଚ୍ଚୋଟ ରହିବା ଉପରେ ନିର୍ଭର କରୁ ଯେପର୍ଯ୍ୟନ୍ତକି ମୃତ୍ୟୁ ଆମକୁ ମୁକ୍ତ ନ କରିଦିଏ, ଏବଂ ତାହା ହିଁ ଅଟେ ଯାହା କରିବାକୁ ଆମେ ଇଚ୍ଛା କରୁ ।

10 ବର୍ତ୍ତମାନ ସିଧାସଳଖ...ଏବଂ ମୁଁ ପଚାରିବି, ଯଦି ଏପରି ଏକ ସମୟ ଆସେ ଯେ ଏହି ବିଷୟଗୁଡ଼ିକ ମଧ୍ୟରୁ କୌଣସି ଉପରେ ପ୍ରଶ୍ନ ପଚରାଯାଏ, ଯେ ଏହି ଟେପ୍‌ଟି ଏହି ମଣ୍ଡଳୀର ସଦସ୍ୟମାନଙ୍କ ସମ୍ମୁଖରେ ଚଲା ଯାଇପାରେ, ଦେଖନ୍ତୁ, ଆପଣଙ୍କର ସଭାଗୁଡ଼ିକରେ, କିମ୍ବା ସଭାଗୁଡିକ ପୂର୍ବରୁ, ଠିକ୍ ପୂର୍ବରୁ ଯେତେବେଳେ ସଭା ଆରମ୍ଭ ହୁଏ । ଏହି ଟେପ୍‌କୁ ଲଗାନ୍ତୁ ଏବଂ ଏହାକୁ ଚଲାନ୍ତୁ! ଏବଂ ଏଠାରେ ଥିବା ମଣ୍ଡଳୀ ଏହା ବୁଝିପାରୁ ଯେ ଏହି ବ୍ୟକ୍ତିମାନେ ପରମେଶ୍ୱରଙ୍କ ନିକଟରେ କର୍ତ୍ତବ୍ୟବଦ୍ଧ ଅଟନ୍ତି, ଯେପରିକି ଏହି ମଣ୍ଡଳୀରେ ସେମାନଙ୍କର ଶପଥ ଅଛି, ଯେ ଏହି ସିଦ୍ଧାନ୍ତଗୁଡିକୁ ଧରି ରଖିବାରେ ସାହାଯ୍ୟ କରନ୍ତି । ଆପଣ ସେମାନଙ୍କ ସହିତ ଅସହମତ ହୋଇପାରନ୍ତି; ଏବଂ ଯଦି ମୁଁ ଆପଣଙ୍କୁ ଏହାକୁ ଚଳାଇବାକୁ ଦେବି, ତାହାହେଲେ ମୁଁ ଆପଣଙ୍କ ସହିତ ଅସହମତ ହେବି । ଆମ ପାଖରେ ତ କେଉଁଠାରେ ଏପରି କିଛି ଉତ୍ସ ରହିବାକୁ ହିଁ ଅଛି ଯେଉଁଠାରେକି ଏହା ଏକ ଚରମ ହେବ । ଏବଂ ସର୍ବୋତ୍ତମ ଯାହା ମୁଁ ଜାଣେ, ମୁଁ ଏହାକୁ ପବିତ୍ରଆତ୍ମାଙ୍କ ଅଧୀନରେ ପ୍ରଦାନ କରୁଅଛି, ତାହାଙ୍କୁ ମୋର ଚରମ ହେବାକୁ ଦେଉଅଛି । ଏବଂ ଏହି ପ୍ରଶ୍ନଗୁଡିକ ଉପରେ ଏହି ଟେପ୍‌ଟି ଆପଣଙ୍କର ଚରମ ହେଉ ।

ତେବେ, ପ୍ରଥମଟି ହେଉଛି:

**220. ଖାଦ୍ୟ ଏବଂ ପୋଷାକ ପାଇଁ...ଆର୍ଥିକ ସାହାଯ୍ୟ କରିବା ହେତୁ ଆହ୍ୱାନ ପ୍ରତି ମଣ୍ଡଳୀ କିପରି ବ୍ୟବହାର କରିବା କଥା? କି—କି କାର୍ଯ୍ୟ, ମଣ୍ଡଳୀ କଅଣ—କଅଣ କରିବା ଉଚିତ୍?**

11 ବର୍ତ୍ତମାନ ଆମେ ହୃଦୟଙ୍ଗମ କରୁ ଯେ ମଣ୍ଡଳୀ ତାର ନିଜର ପାଇଁ, ଏଠାରେ ଆମର ମଣ୍ଡଳୀର ସଦସ୍ୟମାନଙ୍କ ପାଇଁ ଉତ୍ତରଦାୟୀ ଅଟେ, ଆମେ ସେମାନଙ୍କ ପାଇଁ ସମ୍ପୂର୍ଣ୍ଣରୂପେ ଉତ୍ତରଦାୟୀ ଅଟୁ ଯେତେଦୂର ସେମାନଙ୍କୁ ଯୋଗାଇ ଦେବାର ସାଧନ ଆମ ପାଖରେ ଅଛି । ଆମେ ଆମର ନିଜ ପାଇଁ ଉତ୍ତରଦାୟୀ ଅଟୁ, ଅର୍ଥାତ୍, ଦୃଢବଦ୍ଧ, ନିରନ୍ତର ସଦସ୍ୟମାନଙ୍କ ପାଇଁ ଯେଉଁମାନେକି ଆମ ସହିତ ଏଠାକୁ ଆସନ୍ତି ଏବଂ ଉପାସନା କରନ୍ତି । ଆମର ଭାଇ ଓ ଭଉଣୀ ଭାବରେ ସେମାନଙ୍କ ପାଇଁ ଆମେ କର୍ତ୍ତବ୍ୟବଦ୍ଧ ଅଟୁ, ଯେଉଁମାନେକି ଏହି ସମାବେଶର ଆମର ସଦସ୍ୟ ବୋଲି ପ୍ରମାଣିତ କରିଛନ୍ତି ।

12 ବର୍ତ୍ତମାନ, ଆମେ ହୃଦୟଙ୍ଗମ କରୁ ଯେ ଆଜି ରାତିରେ ଖାଦ୍ୟ ବିନା, ପୋଷାକ ବିନା ଲକ୍ଷ ଲକ୍ଷ ଲୋକମାନେ ଅଛନ୍ତି, ଏବଂ ଆମେ ସେମାନଙ୍କର ସମଗ୍ର ଗୋଷ୍ଠୀକୁ ସାହାଯ୍ୟ କରିବା ପାଇଁ ସକ୍ଷମ ହେବାକୁ ଚାହିଁବୁ, ସେସବୁ କିଛି କରିବା ପାଇଁ ଚାହିଁବୁ ଯାହା ଆମେ କରିପାରୁ; ମାତ୍ର ଆର୍ଥିକ ଦୃଷ୍ଟିରୁ ଆମେ ତାହା କରିପାରିବୁ ନାହିଁ, ଆମେ ସମଗ୍ର ବିଶ୍ୱକୁ ସାହାଯ୍ୟ କରିପାରିବୁ ନାହିଁ। କିନ୍ତୁ ଆମେ ଆମର ନିଜ ପାଇଁ କର୍ତ୍ତବ୍ୟବଦ୍ଧ ଅଟୁ। ଏବଂ ମୁଁ ଭାବୁଛି, ସେଥିରେ, ଏବଂ ତାହାପରେ ଯଦି ଆମର କିଛି ବାକି ରହିଯାଏ ଯେ ଆପଣ ସେହି ଲୋକମାନଙ୍କ ପାଇଁ ଯୋଗଦାନ କରିବାକୁ ଚାହଁବେ ଯେଉଁମାନେକି ଏଠାରେ ଏହି ମଣ୍ଡଳୀର ସଦସ୍ୟ ନୁହଁନ୍ତି, ଏପରି କିଛି ଯାହାକି ଆପଣ ସେମାନଙ୍କୁ ଦେବା ପାଇଁ ଚାହିଁବେ, ତାହା ଦୀକନ୍ ବୋର୍ଡ ମଧ୍ୟରେ ପାରିତ ହେବା ଉଚିତ।

13 ଦୀକନ୍‌ମାନେ ହିଁ ସେହି ଜଣକା ଅଟନ୍ତି ଯାହାକୁ—ଯାହାକୁ ଏହି ବିରୋଧ, କିମ୍ବା ଏହି ସମସ୍ୟାର ବରଂ, ସମ୍ମୁଖୀନ ହେବାକୁ ପଡିବ; କାରଣ ବାଇବଲରେ ଯେତେବେଳେ ଖାଦ୍ୟ ଏବଂ ପୋଷାକ, ଏବଂ ଅନ୍ୟାନ୍ୟ ବିଷୟରେ ବିବାଦ ଆସିଲା, ପ୍ରେରିତ କ୍ରିୟା ପୁସ୍ତକରେ, ସେମାନେ ଏହା ବିଷୟରେ ପ୍ରେରିତମାନଙ୍କୁ ଡାକିଲେ, ଏବଂ ସେମାନେ କହିଲେ, "ଯାଅ ଓ ଆପଣା ମଧ୍ୟରେ ଏପରି ସାତଜଣ ବ୍ୟକ୍ତିଙ୍କୁ ଖୋଜ ଯେଉଁମାନେକି ବିଶ୍ୱସ୍ତ, ଏବଂ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ଅଟନ୍ତି ଯେପରିକି ସେମାନେ ଏହି ବିଷୟଗୁଡ଼ିକରେ ଯୋଗ ଦେଇପାରନ୍ତି। କାରଣ ଆମେ ନିରନ୍ତର ପରମେଶ୍ୱରଙ୍କ ବାକ୍ୟ ଅଧ୍ୟୟନରେ ଏବଂ ପ୍ରାର୍ଥନାରେ ନିଜକୁ ସମର୍ପଣ କରିବୁ।"

14 ଏବଂ ଏହା ଦେଖିବା ପାଳକଙ୍କ କର୍ତ୍ତବ୍ୟ ନୁହେଁ...ଖାଦ୍ୟ ଏବଂ ଇତ୍ୟାଦି ପାଇଁ। ତାହା ଦୀକନ୍‌ମାନଙ୍କ ଦ୍ୱାରା କରାଯିବା ଉଚିତ୍। ଏହା ଟ୍ରଷ୍ଟିମାନେ ନୁହଁନ୍ତି, ଏହା କରିବା ଦୀକନ୍‌ମାନଙ୍କ କାର୍ଯ୍ୟାଳୟ ଅଟେ। ଏବଂ ତାହାପରେ ଏହା ହେବା ଉଚିତ୍...ମନେରଖନ୍ତୁ ଯେ ବାଇବଲରେ, ସେମାନେ ନିଜ ନିଜ ପାଇଁ ଯୋଗଦାନ କରୁଥିଲେ, ସେହି ଗ୍ରୀକ୍ ଏବଂ ସେହି—ଏବଂ ସେହି ଯିହୁଦୀ, ଯେଉଁଠାରେକି ଏହି ଯୁକ୍ତିତର୍କ ଆସିଲା ଯେ ଜଣେ ଅନ୍ୟଠାରୁ ଟିକିଏ ଅଧିକ ଲାଭ ପାଉଅଛି, କିନ୍ତୁ ଏହା ସେହି ଲୋକମାନେ ଥିଲେ ଯେଉଁମାନେକି ସେମାନଙ୍କର ସମସ୍ତ ସାମଗ୍ରୀ ବିକ୍ରୟ କରି ମଣ୍ଡଳୀକୁ ସମର୍ଥନ କରିବା ପାଇଁ ତାହା ଦାନ କରିଥିଲେ, ଏବଂ ତାହାପରେ ସେମାନଙ୍କ ମଧ୍ୟରେ ସମାନ ଭାବରେ—ରେ ବିଭକ୍ତ କରା ଯାଉଥିଲା। ଏବଂ ସେଠାରେ ଟିକିଏ ବିବାଦ ଆସିଥିଲା, ଏବଂ ସେଠାରେ ହିଁ ଥିଲା ଯେଉଁଠାରେକି ଆମେ ଆମର ପ୍ରଥମ ଦୀକନ୍‌ମାନଙ୍କୁ ପାଇଥିଲୁ। ଏବଂ ତାହା କରିବା, ସେମାନଙ୍କର କର୍ତ୍ତବ୍ୟ ମଧ୍ୟରୁ ଗୋଟିଏ ଥିଲା।

15 ମୁଁ ଭାବେ ଯେ, ଆମର ନିଜର ଭାବରେ, ଆମର ନିଜ ଲୋକ ଭାବରେ, ଆମେ ସେମାନଙ୍କର ଯତ୍ନ ନେବା ଉଚିତ୍। ଏବଂ ଯେକୌଣସି ଅଭିଯୋଗ, ଏହାକୁ ଦୀକନ୍ ବୋର୍ଡର ଅଧ୍ୟକ୍ଷ ନିକଟକୁ, ପଠାଯିବା ଉଚିତ୍, ଏବଂ ତାହାପରେ ଏହାକୁ ଦୀକନ୍ ବୋର୍ଡ ଦ୍ୱାରା ବିଚାର କରାଯିବା ଉଚିତ ଏବଂ ସେମାନେ ଏହା ବିଷୟରେ କଅଣ କରିବାକୁ ସମର୍ଥ ତାହା

ଦେଖିବା ଉଚିତ୍ । ଏବଂ ସେହି ସମସ୍ତ ବିଷୟ ଯାହାକି ପୋଷାକ, ଏବଂ ଖାଦ୍ୟ, ଏବଂ ଆର୍ଥିକ ସାହାଯ୍ୟ, କିମ୍ୱା ଏହା ଯାହାକିଛି ବି ଅଟେ, ଦୀକନ୍ ମାଧ୍ୟମ ଦେଇ ଆସିବା ଉଚିତ୍ । ତାହାପରେ ଦୀକନ୍‌ମାନେ, ଯେତେବେଳେ ସେମାନେ ନିର୍ଣ୍ଣୟ ନିଅନ୍ତି ଯେ ସେମାନେ—ଯେ ସେମାନେ...ସେମାନେ ଏହା ବିଷୟରେ କଅଣ କରିବାକୁ ଯାଉଛନ୍ତି, ତାହାପରେ ଏହାକୁ କୋଷାଧ୍ୟକ୍ଷଙ୍କ ନିକଟରେ—ରେ ଉପସ୍ଥାପିତ କରାଯିବା ଉଚିତ୍, ଏହା ଦେଖିବା ପାଇଁ ଯେ ଯଦି କୋଷାଧ୍ୟକ୍ଷ ଏହି ସମୟରେ ଏହି ନିର୍ଦ୍ଦିଷ୍ଟ ପରିମାଣର ଅର୍ଥରାଶି ଦେବା ପାଇଁ, କିମ୍ୱା—କିମ୍ୱା ଏହି ପୋଷାକ କିଣିବା ପାଇଁ, କିମ୍ୱା ଏହା ଯାହାକିଛି ବି ଅଟେ ତାହା କରିବା ପାଇଁ ସକ୍ଷମ ଅଟନ୍ତି କି ନାହିଁ । କିନ୍ତୁ ସେହି—ସେହି ଦୀକନ୍ ବୋର୍ଡ ତାହା ଉପରେ ବିଚାର ବିମର୍ଶ କରିବା ଉଚିତ୍, ଏବଂ ଏହା ଟ୍ରଷ୍ଟି କିମ୍ୱା ପାଳକଙ୍କ ନିକଟକୁ ଯାଏ ନାହିଁ । ଏହା ସମ୍ପୂର୍ଣ୍ଣ ଭାବରେ, ଦୀକନ୍‌ମାନଙ୍କର ଏକ ବିଷୟବସ୍ତୁ ଅଟେ ।

ତେବେ, ବର୍ତ୍ତମାନ, ପ୍ରଶ୍ନ ନମ୍ୱର ଦୁଇ ।

**221. କଅଣ ଏହା ପ୍ରଚାରମଞ୍ଚରୁ ଖୋଲାଖୋଲି କହିବା ଯଥେଷ୍ଟ କି ଯେ ପରଭାଷା ଏବଂ ଅର୍ଥ କରିବାର ବିଷୟ ସେବା ପୂର୍ବରୁ ଏକ ସଭାରେ କରାଯିବା ଉଚିତ?**

ମୋ ପାଖରେ ଥିବା କାଗଜର ଏହି ଖଣ୍ଡରେ ତାହା ହେଉଛି ଦ୍ୱିତୀୟ ପ୍ରଶ୍ନ, ଯାହାକି ଗୋଟିଏ ଛୋଟ କାର୍ଡ ଅଟେ ।

16 ତେବେ, ଏହା ଏଠାରେ ପାଳକଙ୍କ ସମ୍ୱନ୍ଧୀୟ ହେବ, ଦେଖନ୍ତୁ । କାରଣ ସେ—ସେ, ଅବଶେଷରେ, ଆତ୍ମିକ ଅଂଶ ସମ୍ୱନ୍ଧରେ, ସେ ଏହାର ମୁଖ୍ୟ ଅଟନ୍ତି । ଦୀକନ୍‌ମାନେ ହେଉଛନ୍ତି ମଣ୍ଡଳୀର ପୋଲିସ୍, ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଏବଂ ଏହି ବିଷୟଗୁଡ଼ିକର ଯତ୍ନ ନେବା ନିମନ୍ତେ, ଏବଂ ଗରିବ ଲୋକଙ୍କୁ ଖାଇବାକୁ ଦେବା ନିମନ୍ତେ, ଓ ଇତ୍ୟାଦି । ବିତ୍ତ ଏବଂ ଭବନ ଉପରେ ଟ୍ରଷ୍ଟିମାନେ ରହନ୍ତି; ତାହା ହିଁ ଅଟେ ଯାହାକି ସେମାନଙ୍କୁ ଦେଖାଶୁଣା କରିବାକୁ ଥାଏ । କିନ୍ତୁ ପାଳକ ତ ତାହା ଉପରେ—ଆତ୍ମିକ ଅଂଶର ତଦାରଖକାରୀ ଅଟନ୍ତି, ଏବଂ ଭାଇ ନେଭିଲ୍, ଏହା ଆପଣଙ୍କ ପାଖକୁ ଯିବ ।

17 ତେବେ, ସେଠାରେ...କିଛି ସମୟ ପୂର୍ବରୁ ଯେତେବେଳେ, ସେହି ମଣ୍ଡଳୀ ପ୍ରବନ୍ଧ ବ୍ୟବସ୍ଥିତ କରାଗଲା । ମୁଁ ପରଭାଷାରେ କଥା କହିବା ଏବଂ ଅର୍ଥ କରିବାରେ ବିଶ୍ୱାସ କରେ, ଏବଂ ସମସ୍ତ ଉତ୍ତମ ଆତ୍ମିକ ଦାନଗୁଡିକ ଉପରେ ବିଶ୍ୱାସ କରେ ଯାହାକି ମଣ୍ଡଳୀରେ ରହିବା ନିମନ୍ତେ ପରମେଶ୍ୱରଙ୍କ ଆଡୁ ନିଯୁକ୍ତ ଅଟେ । ମାତ୍ର ଆମେ ଏପରି ଏକ ଦିନରେ ବାସ କରୁଅଛୁ ଯେପରିକି ତାହା ବାଇବଲ ସମୟରେ ରହିଥିଲା, ଯେଉଁଠାରେକି ମଣ୍ଡଳୀଗୁଡ଼ିକ...ବର୍ତ୍ତମାନ, ଆପଣ ପାଉଲଙ୍କୁ ଲକ୍ଷ୍ୟ କରନ୍ତୁ, ସେ ଏଫିସରେ ମଣ୍ଡଳୀର ପ୍ରତିଷ୍ଠା କରିଥିଲେ, ଏଫିସୀୟ ମଣ୍ଡଳୀ, ଯାହାକି ଏକ ସୁ-ପ୍ରତିଷ୍ଠିତ ମଣ୍ଡଳୀ ଥିଲା । କଅଣ ଆପଣ ଧ୍ୟାନ ଦେଲେ କି? ଆମେ ବିଶ୍ୱାସ କରୁ ଯେ ପାଉଲ, ଏବଂ ନିଜେ ହିଁ ଏହା କହିଥିଲେ, ଯେ ସେ ଅନେକ ଭାଷାରେ କଥା ହୋଇଥିଲେ, ଏବଂ ଆମେ ଜାଣୁ ଯେ ତାଙ୍କ ପାଖରେ ପରଭାଷାର ଦାନ ରହିଥିଲା । ସେ

ଯାହା ଶିଖିଥିଲେ ତାହା ନୁହେଁ, କିନ୍ତୁ ଯାହା ସବୁ ତାଙ୍କୁ ଆତ୍ମିକ ଭାବରେ ଦାନ କରା ଯାଇଥିଲା, ଯେହେତୁ ସେ କିପରି ସେଠାରେ କରିନ୍ଥୀୟମାନଙ୍କ ପାଖରେ ତାହା କହୁଛନ୍ତି । ଏବଂ ସମୟ ରକ୍ଷା କରିବା ନିମନ୍ତେ, ମୁଁ କେବଳ ବାଇବଲକୁ ଓଲଟାଇ ଏହାକୁ ଆପଣଙ୍କ ନିମନ୍ତେ ପାଠ କରୁନାହିଁ, କାରଣ ତାହା ଆଜି ରାତି ଏଠାରେ ଆମର—ଆମର ବାସକୁ ଅଧିକ ଲମ୍ବା କରି ଦେବ, ଯେହେତୁ ମୋ ପାଖରେ ଅଧିକ ସମୟ ନାହିଁ । ଆଉ ତେବେ...କିନ୍ତୁ କେବଳ ଏଇଥି ପାଇଁ ଯେପରିକି ଆପଣ ଖୋଲାଖୋଲି ଭାବରେ ଦେଖିପାରନ୍ତି ।

18 ତେବେ, ପାଉଲଙ୍କୁ କେବେବି ଥରୁଟିଏ ହେଲେ ଏଫିସୀୟ ମଣ୍ଡଳୀ କିମ୍ବା ରୋମୀୟ ମଣ୍ଡଳୀ ସହିତ ସେମାନଙ୍କର ଆତ୍ମିକ ବରଦାନଗୁଡିକ ବିଷୟରେ, କିମ୍ବା ଅନ୍ୟ କୌଣସି ସେହି ମଣ୍ଡଳୀମାନଙ୍କ ସହିତ ସେହି କଥା ହେବାକୁ ପଡି ନ ଥିଲା, ଯେ ସେଗୁଡିକୁ କିପରି କ୍ରମରେ ରଖାଯିବାକୁ ଅଛି । ମାତ୍ର ତାଙ୍କୁ କରିନ୍ଥୀୟମାନଙ୍କ ସହିତରେ ନିରନ୍ତର ଏହି ବିଷୟରେ କଥା ହେବାକୁ ପଡିଥିଲା, କାରଣ ସେମାନେ ପ୍ରତ୍ୟେକ ସମୟରେ ଏହାକୁ ଏକ ସମସ୍ୟା କରିଥଲେ । ଏବଂ ପାଉଲ କହିଥିଲେ, ଯେତେବେଳେ ସେ ସେମାନଙ୍କ ମଧ୍ୟରେ ଆସିଲେ, ଯଦି ସେମାନେ ଏହା ଜାଣିବାକୁ ପାଇଲେ ଯେ ଜଣଙ୍କ ପାଖରେ ପରଭାଷା ଅଛି ଏବଂ ଅନ୍ୟ ଜଣଙ୍କ ପାଖରେ ଗୀତ ଅଛି, ଆଉ ସେ ପ୍ରଭୁଙ୍କୁ ସେମାନଙ୍କର ସମସ୍ତ ଉତ୍ତମ ବରଦାନ ଏବଂ ସେହିପରି ବିଷୟଗୁଡିକ ପାଇଁ ଧନ୍ୟବାଦ ଦେଇଥିଲେ । ଏବଂ ଯଦି ଆପଣ କରିନ୍ଥୀୟର ପ୍ରଥମ ପର୍ବ କିମ୍ବା ଦ୍ୱିତୀୟରେ ଧ୍ୟାନ ଦେବେ, ପାଉଲ ସେମାନଙ୍କୁ କହୁଥିଲେ, ପ୍ରବସ୍ଥା ନେଇ, ଯେ ସେମାନେ ଖ୍ରୀଷ୍ଟଙ୍କଠାରେ କଅଣ ଥିଲେ, କିପରି ସେ...ସେମାନେ ଖ୍ରୀଷ୍ଟଙ୍କଠାରେ କେଉଁ ପ୍ରବସ୍ଥାରେ ଥିଲେ ।

19 ତେବେ ସେ ସେମାନଙ୍କୁ କହିବା ପରେ, ତାହାପରେ ଜଣେ ପିତା ସଦୃଶ ସେ ସେମାନଙ୍କ ଉପରେ ଚାବୁକ ପକାଇବାକୁ ଲାଗିଲେ, ଏବଂ କହିବାକୁ ଲାଗିଲେ, "ମୁଁ ଶୁଣୁଛି ଯେ ତୁମ ମଧ୍ୟରେ ବିବାଦମାନ ଅଛି, ଏବଂ ମୁଁ ଶୁଣୁଛି ତୁମେ ପ୍ରଭୁଙ୍କ ମେଜରେ ମଦ୍ୟପାନ କରୁଅଛ ।" ସେ ସେମାନଙ୍କୁ ଖ୍ରୀଷ୍ଟିଆନ ବିଶ୍ୱାସରୁ ବିତାଡିତ କଲେ ନାହିଁ; ଏବଂ ଆପଣ ଭାଇମାନେ ମଧ୍ୟ ତାହା କରନ୍ତୁ ନାହିଁ, ସେମାନଙ୍କୁ ଖ୍ରୀଷ୍ଟିଆନ ବିଶ୍ୱାସରୁ ବିତାଡିତ କରନ୍ତୁ ନାହିଁ, ମାତ୍ର ଏହା ତ ସେହି ଉପାୟ ଥିଲା ଯେଉଁ ପ୍ରକାରେକି ସେମାନେ ପରମେଶ୍ୱରଙ୍କ ଗୃହରେ ନିଜକୁ ଆଚରଣ କରୁଥିଲେ । ସେହିଠାରେ ହିଁ ତାହା ଅଟେ ।

20 ତେବେ, ମୁଁ ଏହା କହିବି, ଯେପରିକି ପୁରାତନ ସମୟର ପାଉଲ କହିଥିଲେ, ଯେ, "ଯେତେବେଳେ ତୁମେମାନେ ଏକତ୍ର ହୁଅ, ଯଦି ଜଣେ ପରଭାଷାରେ କଥା କୁହେ, ତେବେ ଅନ୍ୟ ଜଣେ ତାହାର ଅର୍ଥ କରୁ । ଯଦି କୌଣସି ଅର୍ଥକାରକ ନ ଥାଆନ୍ତି, ତେବେ ତୁମେ ନୀରବ ଥାଅ । କିନ୍ତୁ ଯଦି ଜଣେ ଅର୍ଥକାରକ ଅଛନ୍ତି..."

21 ତେବେ, ମୁଁ ଏଠାରେ ଥିବା ମଣ୍ଡଳୀକୁ ଦେଖିଛି, ଏବଂ ମୁଁ ଆପଣମାନଙ୍କୁ ବୃଦ୍ଧି ପାଉଥିବାର ଦେଖିଛି, ଏବଂ ମୁଁ ଅନେକ ଆତ୍ମିକ ଦାନଗୁଡିକୁ ଆପଣଙ୍କ ମଧ୍ୟରେ କାର୍ଯ୍ୟ କରୁଥିବାର

ଦେଖିଛି। ସତ କହିବାକୁ ଗଲେ, ଥରେ ମୋତେ ପ୍ରଭୁଙ୍କଠାରୁ ଏକ ବାକ୍ୟ ନେଇ ଭାଇ ନେଭିଲଙ୍କ ନିକଟକୁ ଆସିବାକୁ ପଡିଥିଲା, ଯେ ତାଙ୍କୁ ଏପରି କୌଣସି ବିଷୟ ଉପରେ ସଂଶୋଧନ କରେ ଯାହାକି ସେ କରୁଥିଲେ।

22 ଏବଂ ଯଦି ମୁଁ...ଯଦି ପ୍ରଭୁ କରିଛନ୍ତି...ପବିତ୍ରଆତ୍ମା ମୋତେ ପଲର ଜଣେ ତଦାରଖକାରୀ କରିଛନ୍ତି, ତେବେ ଏହା ମୋର କର୍ତ୍ତବ୍ୟ ଅଟେ ଯେ ମୁଁ ଆପଣଙ୍କୁ ସତ କୁହେ। ଏବଂ ମୁଁ ଭାଇ ନେଭିଲଙ୍କଠାରେ ବହୁତ କୃତଜ୍ଞ ଅଟେ, ଯେ ସେ ସତ୍ୟ ପ୍ରତି ମନୋଯୋଗ କରିଥିଲେ। ମୁଁ କେବଳ ଏହାକୁ ସେହିପରେ କହିପାରେ ଯେପରିକି ସେ ମୋତେ କୁହନ୍ତି।

23 ତେବେ, ଏହା ଉପରେ, ଯେହେତୁ ମୁଁ ଆପଣଙ୍କର ମଣ୍ଡଳୀକୁ ବୃଦ୍ଧି ପାଉଥିବାର ଦେଖିଅଛି, ଏବଂ ଏହାକୁ ଲକ୍ଷ୍ୟ କରିଅଛି। ଏବଂ ମଣ୍ଡଳୀରେ, ଏହି ପ୍ରକାରେ ତାହା ଆମ ପାଖରେ ପ୍ରଥମେ ଥିଲା, ଏବଂ ଏହି ଉପାଯରେ ଆମେ—ଆମେ ଏହାକୁ ପୁଣିଥରେ ଚାହୁଁଅଛୁ।

24 ତେବେ, ଯଦି ଆପଣ ନ ଦେଖିବେ, ଯେତେବେଳେ ଶିଶୁମାନେ...ପ୍ରଥମ ବିଷୟ ଯାହା ଏକ ଶିଶୁ କରେ ତାହା ହେଉଛି ସେତେବେଳେ କଥା କହିବାକୁ ଚେଷ୍ଟା କରିବା ଯେତେବେଳେ ସେ କଥାବାର୍ତ୍ତା କରିପାରେ ନାହିଁ। ବୁଝିଲେ? ସେ ବହୁତ ବୁଡୁ ବୁଡୁ କରେ, ଏବଂ ଶବ୍ଦ କରେ, ଓ—ଓ ଅନ୍ୟାନ୍ୟ ବିଷୟ କରେ, କିନ୍ତୁ ସେ ଭାବେ ଯେ ସେ ତ ଠିକ୍...ସେ ସେହି ସମୟରେ ପ୍ରଚାରକଙ୍କୁ ମଧ୍ୟ ପଛରେ ପକାଇଦେବ। ତେବେ, ଆମେ ତାହା କେବଳ ପ୍ରାକୃତିକ ଜୀବନରେ ପାଉ ନାହୁଁ, ମାତ୍ର ଆତ୍ମିକ ଜୀବନରେ ମଧ୍ୟ ତାହା ପାଇଥାଉ। ଏହା ଏକ ଛୋଟ ବିଷୟ ଅଟେ। ଏବଂ ଯଦି ଆପଣ ସେହି ଶିଶୁକୁ ସଂଶୋଧନ କରିବାକୁ ଚେଷ୍ଟା କରନ୍ତି ଓ ତାକୁ ଏକ ପାନେ ଦେବାକୁ ଚେଷ୍ଟା କରନ୍ତି କାରଣ ସେ "ଗୁଉଁ" କରୁଅଛି ଏବଂ କଥା କହିବାକୁ ଚେଷ୍ଟା କରୁଛି, ତାହାହେଲେ ଆପଣ ପିଲାଟିକୁ ନଷ୍ଟ କରିଦେବେ। ଦେଖନ୍ତୁ, ଏବଂ ଆପଣ ତାଙ୍କୁ ଆଘାତ କରିବେ। ଏବଂ ଏହା ଉତ୍ତମ ହେବ ଯେ ସେହି ଶିଶୁଟିକୁ ଟିକିଏ ବଢିବାକୁ ଦିଆଯାଉ ଯେପର୍ଯ୍ୟନ୍ତକି ସେ ପ୍ରକୃତରେ ତାର ଶବ୍ଦଗୁଡିକୁ ଠିକ୍ ଭାବରେ କହିପାରେ, ଏବଂ ତାହାପରେ ତାକୁ କୁହନ୍ତୁ ଯେ କେବେ। "ଯେତେବେଳେ ପାପା କଥାବାର୍ତ୍ତା କରନ୍ତି କିମ୍ବା ମାମା କଥାବାର୍ତ୍ତା କରନ୍ତି ସେତେବେଳେ ନୁହେଁ।" ମାତ୍ର ଯେତେବେଳେ ଏହା ଉପଯୁକ୍ତ ସମୟ ହୁଏ, ସେତେବେଳେ ତାକୁ ତାର ନିଜର କଥା କହୁ। କଅଣ ଆପଣ ମୋତେ ବୁଝୁଛନ୍ତି? ତେବେ, ଯେତେବେଳେ ତାର କଥା ହେବାର ସମୟ ଆସେ, ତାକୁ ସେତେବେଳେ କଥା ହେବାକୁ ଦିଅନ୍ତୁ।

25 ତେବେ, ଯଦି ମୋର କୌଣସି ଏପରି ବିଷୟ ରହିଛି ଯାହାକି ମୋ ଶରୀରରେ କଣ୍ଟକସ୍ୱରୂପ ଅଟେ, ତାହା ହେଉଛି ସଭାରେ, ଯେତେବେଳେ ମୁଁ କହୁଥାଏ ସେତେବେଳେ କେହି ଜଣେ ଉଠନ୍ତି ଓ ତାହାପରେ ପରଭାଷାରେ ଏକ ବାର୍ତ୍ତା ଦିଅନ୍ତି ଏବଂ ଆତ୍ମାକୁ ଭଙ୍ଗ କରି ଦିଅନ୍ତି। ମୁଁ ଏବେ ହେଁ ନ୍ୟୁୟର୍କର ଏବଂ ବିଭିନ୍ନ ସ୍ଥାନରେ ହୋଇଥିବା ଏକ ସଭାରୁ

ଆସିଅଛି ଯେଉଁଠାରେକି ସେବକମାନେ ସେହି କଥାକୁ ଜାରି ରଖିବାକୁ ଅନୁମତି ଦିଅନ୍ତି, ସମୟ ପରେ ସମୟ, ଏବଂ ଏହା ଆଉ କିଛି ନୁହେଁ ବରଂ—ବରଂ ଏକ ଦ୍ୱନ୍ଦ୍ୱ ଅଟେ । ଦେଖନ୍ତୁ, ଯେତେବେଳେ ପରମେଶ୍ୱର ଗୋଟିଏ ଚିନ୍ତାଧାରାରେ ବ୍ୟବାହାର କରୁଅଛନ୍ତି, ସେ...ଏହା ହୁଏ—ଏହା ହୁଏ...ସେ ତାହାଙ୍କର ନିଜର ଉଦ୍ଦେଶ୍ୟକୁ ହିଁ ପରାସ୍ତ କରୁଥିବେ, ଯଦି ସେ ଆପଣଙ୍କ ନିକଟରେ ଗୋଟିଏ ଚିନ୍ତାଧାରା ପରିବେଷଣ କରିବାକୁ ଚେଷ୍ଟା କରୁଥାନ୍ତି, ମଣ୍ଡଳୀ ନିକଟରେ, ଯେ ଏକ ଯଜ୍ଞ ବେଦି ଡାକରା ଦିଆଯାଉ ଏବଂ କିଛି ଗୋଟାଏ ବିଷୟ ହଠାତ୍ ମଝିରେ ପ୍ରବେଶ କରେ ।

26 ଉଦାହରଣ ସ୍ୱରୂପ, ଏହିପରି ଭାବରେ । ଆମେ ମେଜରେ ବସିଛୁ, କଥାବାର୍ତ୍ତା କରୁଅଛୁ, ଏବଂ ଆମେ ପ୍ରଭୁଙ୍କ ବିଷୟରେ କଥାବାର୍ତ୍ତା କରୁଛୁ । ଆଉ ଜୁନିଅର ମେଜ ପାଖକୁ ଦୌଡିଆସେ, ପ୍ରକୃତରେ ଶୀଘ୍ର, ଆମେ ଯାହା କରୁଥାଉ ସେଥିରୁ ସମସ୍ତ ଧ୍ୟାନକୁ ଟାଣି ନିଏ, ଏବଂ, ପାଟିତୁଣ୍ଡ କରେ, ଚିତ୍କାର କରେ, "ବାପା! ମା! ମୋର ପ୍ରଭୁ! ମୋର ପ୍ରଭୁ! ମୁଁ ଦଳରେ ଖେଳର ଏକ ଉତ୍ତମ ଘରୋଇ ପ୍ରଦର୍ଶନ କଲି! ଏବଂ ଆମେ *ଏହା*, *ତାହା*, ଏବଂ *ଅନ୍ୟାନ୍ୟ* ସବୁ କରୁଛୁ!" ଏବଂ ଯେତେବେଳେ ଆମେ ଠିକ୍ ଏକ ପ୍ରକୃତ ଅତ୍ୟୁ-ତ୍ତମ ପବିତ୍ର ବିଷୟ ଉପରେ ରହିଥିଲୁ । ତେବେ, ସେ ଏକ ଉତ୍ତମ ଘରୋଇ ପ୍ରଦର୍ଶନ କରିବା, ତାହା ଠିକ୍ ଅଛି; ବେସବଲ୍ ଖେଳରେ, ତାହା ଠିକ୍ ଅଛି । କିନ୍ତୁ ସେତେବେଳେ ସେ କ୍ରମରୁ ବାହାରେ ଥାଏ ଯେତେବେଳେ ସେ ସେହି ବାର୍ତ୍ତାର ମଝିରେ ପ୍ରବେଶ କରେ ଯାହା ଆମେ କଥାବାର୍ତ୍ତା କରୁଥାଉ । ତାର ସମୟ ଆସିବା ପର୍ଯ୍ୟନ୍ତ ସେ ଅପେକ୍ଷା କରୁ ଏବଂ ତାହାପରେ ସେ କହୁ ଯେ ସେ ବେସବଲ୍ ଖେଳରେ କଅଣ କଲା ।

27 ତେବେ, ତାହା ସେହି ସମାନ ବିଷୟ ଅଟେ ଯାହା ଆଜି ଆମେ ଦାନଗୁଡିକ ସହିତରେ ପାଇଥାଉ । ସେହି କାରଣରୁ ପରମେଶ୍ୱର ଅତ୍ୟଧିକ ଆତ୍ମିକ ବରଦାନ ଥିବା ଲୋକମାନଙ୍କ ଉପରେ ଭରସା କରିପାରନ୍ତି ନାହିଁ, ସେମାନେ ଜାଣନ୍ତି ନାହିଁ ଯେ ସେଗୁଡିକୁ କିପରି ନିୟନ୍ତ୍ରଣ କରିବେ । ତାହା ହିଁ ଅଟେ ଯାହାକି ଆଜି ମାମଲା ଅଟେ, ଯେଉଁ କାରଣରୁ ଆମ ପାଖରେ ଅଧିକ ନାହିଁ ।

28 ଏବଂ ଆମେ ପାଉ ଯେ ସେଠାରେ ଆତ୍ମିକ ବରଦାନଗୁଡ଼ିକର ଅନେକ ନକଲମାନ ରହିଛି । କିନ୍ତୁ ମୁଁ ବିଶ୍ୱାସ କରେ ନାହିଁ ଯେ ତାହା *ସେହିପରି* ଭାବରେ ଏଠାରେ ଆମ ମଣ୍ଡଳୀରେ ଅଟେ । ମୁଁ ଏଥିପାଇଁ କୃତଜ୍ଞ ଅଟେ । ମୁଁ ଆଦୌ ବିଶ୍ୱାସ କରେ ନାହିଁ ଯେ ଏହା ଏକ ନକଲ ଅଟେ । ମୋର ବିଶ୍ୱାସ ଯେ ଆମ ପାଖରେ ପ୍ରକୃତ ବରଦାନଗୁଡିକ ଅଛି, କିନ୍ତୁ ସେହି ବରଦାନଗୁଡ଼ିକୁ କିପରି ନିୟନ୍ତ୍ରଣ କରାଯିବାକୁ ଅଛି ତାହା ଆମେ ନିଶ୍ଚୟ ଜାଣିବା ଉଚିତ୍ ।

29 ଏବଂ ତାହାପରେ ଯେତେବେଳେ ଆପଣ କିଛି ଭଲ କରିବାକୁ ଯାଆନ୍ତି...ଠିକ ଯେପରିକି ଆପଣ ଜଣେ ମାଲିକ ପାଇଁ କାମ କରୁଛନ୍ତି ଏବଂ ଆପଣ ନିଜର କାମରେ ପ୍ରଥମେ ଆରମ୍ଭ କଲେ ଆଉ ଆପଣ ଆଜ୍ଞାଗୁଡିକୁ ନେବା ପାଇଁ ଇଚ୍ଛୁକ ହେଲେ, ତାହାପରେ ମାଲିକର

ଆପଣଙ୍କ ଉପରେ ଭରସା ଆସିଥାଏ ଏବଂ ସବୁ ସମୟରେ ସେ ଆପଣଙ୍କୁ ଏକ ଅଧିକ ଉଚ୍ଚତର ପଦୋନ୍ନତିକୁ ଦେଇ ଆସିଥାଏ ।

30 ତେବେ, ମୁଁ ବିଶ୍ୱାସ କରେ ଯେ ବ୍ରାନହାମ୍ ଟ୍ୟାବର୍ନାକଲ୍ର ସମୟ ଆସିଯାଇଛି, ଯେ ଏହା ଜାଣିବା ହେତୁ...ସେହି ବରଦାନଗୁଡିକୁ ଗ୍ରହଣ କରିବା ଯାହାକି ପରମେଶ୍ୱର ଆମକୁ ଦେଇଛନ୍ତି, ଯେ ପରମେଶ୍ୱର ଆମକୁ ଏପରି କୌଣସି ବିଷୟ ସହିତ ଭରସା କରିପାରନ୍ତି ଯାହାକି ତାହାଠାରୁ ଅଧିକ ବଡ଼ ଅଟେ ଯାହା ଆମ ପାଖରେ ଅଛି । ମାତ୍ର ଆମେ ଆଗକୁ ଯାଇ ନ ପାରୁ...ଏବଂ ଆପଣ ଏପରି ଜଣେ ବ୍ୟକ୍ତିଙ୍କୁ ଦେଖନ୍ତି, ଯାହାଙ୍କୁକି ଆପଣଙ୍କୁ ସର୍ବଦା ଓ ସବୁକିଛି କହିବାକୁ ପଡୁଥିବ । ଏବଂ ମନେରଖନ୍ତୁ, "ଭବିଷ୍ୟଦ୍‌ବକ୍ତାମାନଙ୍କର ଆତ୍ମା ଭବିଷ୍ୟଦ୍‌ବକ୍ତାଙ୍କ ଅଧୀନରେ ଥାଏ," ଶାସ୍ତ୍ର କୁହେ । ଯେତେବେଳେ ଆପଣ ଜଣେ ପୁରୁଷଙ୍କୁ ଦେଖନ୍ତି ଯାହାଙ୍କୁକି ଆପଣଙ୍କୁ ସଂଶୋଧନ କରିବାକୁ ପଡିଥାଏ, କିମ୍ୱା ଜଣେ ମହିଳାଙ୍କୁ, ଏବଂ ସେହି ବ୍ୟକ୍ତି କ୍ରମରୁ ବାହାରି ଯାଆନ୍ତି, ଏବଂ ତାହାପରେ ଆପଣ ତାଙ୍କୁ ଶାସ୍ତ୍ରୀସଂଗତ ସତ୍ୟ କହୁଥାନ୍ତି, ତେବେ ତାହା ଏହା ଦର୍ଶାଏ ଯେ ସେମାନଙ୍କ ଉପରେ ଥିବା ଆତ୍ମା ପରମେଶ୍ୱରଙ୍କ ନୁହେଁ । କାରଣ ବାଇବଲ କୁହେ, "ଭବିଷ୍ୟଦ୍‌ବକ୍ତାମାନଙ୍କର ଆତ୍ମା," କିମ୍ୱା, "ଭବିଷ୍ୟତ୍‌ବାଣୀର ଆତ୍ମା," ଯାହାକି, ସାକ୍ଷ୍ୟ ଦେବା, ପ୍ରଚାର କରିବା, ପରଭାଷାରେ କଥା କହିବା, କିମ୍ୱା ଏହା ଯାହାକିଛି ବି ଅଟେ, 'କାରଣ ପରଭାଷାର ଅର୍ଥ କରିବା ହେଉଛି ଭବିଷ୍ୟତ୍‌ବାଣୀ । ତେଣୁ ଏହା ଭବିଷ୍ୟଦ୍‌ବକ୍ତାଙ୍କ ଅଧୀନରେ ଅଟେ, ଏବଂ ବାକ୍ୟ ହେଉଛି ଭବିଷ୍ୟଦ୍‌ବକ୍ତା । ତେଣୁକରି ଆମେ—ଆମେ ଦେଖୁ ଯେ ଏହା ଜଣେ ପୁରୁଷ କିମ୍ୱା ଜଣେ ସ୍ତ୍ରୀ ନିମନ୍ତେ କ୍ରମରୁ ବାହାରି ଯିବା ଅଟେ ଯେ ସେ ଡେଇଁପଡ଼ି ଏକ ବାର୍ତ୍ତା ଦିଅନ୍ତି, ଯେତେବେଳେକି ପ୍ରଚାର ମଞ୍ଚ ଉପରେ ପ୍ରଚାରକ ମହୋଦୟ ରହିଥାଆନ୍ତି, ସେମାନେ ତାହା ଯେତେ କରିବାକୁ ଚାହାଁନ୍ତୁ ନା କାହିଁକି ।

31 ତେବେ ମୁଁ ବ୍ରାନହାମ୍ ଟ୍ୟାବର୍ନାକଲ୍ ପାଇଁ ଏହା ପରାମର୍ଶ ଦେଉଅଛି, ଯେ ଆମର—ଆମର ବରଦାନଗୁଡିକ ରହିଥିବା ଯୋଗୁଁ ଯାହାକି ଆମେ ପାଇଥାଉ...ଏବଂ ଆମ ପାଖରେ ଏଠାରେ ବହୁତ ଉତ୍ତମ ଦାନପ୍ରାପ୍ତ ଲୋକମାନେ ଅଛନ୍ତି । ତେବେ, ସେହି ବରଦାନଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ହେଉଛି ଏକ ଏକ ନିଜସ୍ୱ ସେବାକାର୍ଯ୍ୟ । ସେଗୁଡ଼ିକ ହେଉଛି ବରଦାନ, ଠିକ୍ ଯେପରିକି ପ୍ରଚାର କରିବା ଏକ ବରଦାନ ଅଟେ, ଯେପରିକି ଆରୋଗ୍ୟତା ଏକ ବରଦାନ ଅଟେ, ଯେପରିକି ଅନ୍ୟାନ୍ୟ ବିଷୟମାନ ବରଦାନ ଅଟେ, ଏଗୁଡ଼ିକ ହେଉଛି ବରଦାନ, ସେମାନେ ନିଜେ ନିଜେ ହେଉଛନ୍ତି ଗୋଟିଏ ସେବାକାର୍ଯ୍ୟ । ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାଙ୍କର ନିଜ ସେବାକାର୍ଯ୍ୟରେ ଅପେକ୍ଷା କରିବା ପାଇଁ ଆଜ୍ଞା ଦିଆଯାଇଛି ।

32 ତେଣୁ ବ୍ରାନହାମ୍ ଟ୍ୟାବର୍ନାକଲ୍ ଏହିପରି ଭାବରେ କାର୍ଯ୍ୟ କରୁ, ଏବଂ ସେହି ଦିନରେ, ବିଶେଷତଃ ଏହି ଦିନରେ ଯେତେବେଳେକି ଆମ ପାଖରେ ବହୁତ କିଛି ଥିଲା (ମୁଁ ଏହା କହିବାକୁ ଚାହେଁ ନାହିଁ, ମାତ୍ର), ଏତେ ଅଧିକ କୃତ୍ରିମ-ବିଶ୍ୱାସ ରହିଥିଲା । ଆମେ କୃତ୍ରିମ-ବିଶ୍ୱାସ ଚାହୁଁ ନାହୁଁ । କୌଣସି ପୁରୁଷ, କୌଣସି ସଚ୍ଚୋଟ ବ୍ୟକ୍ତି କୃତ୍ରିମ-ବିଶ୍ୱାସ ରଖିବାକୁ

ଚାହାଁନ୍ତି ନାହିଁ । ଆମେ...ଯଦି ଆମର ନାହିଁ...ପ୍ରକୃତ ହୋଇପାରେ ନାହିଁ, ତେବେ ଆସନ୍ତୁ ଆମେ ଆଦୌ ରଖିବା ନାହିଁ, ଆସନ୍ତୁ ସେପର୍ଯ୍ୟନ୍ତ ଅପେକ୍ଷା କରିବା ଯେପର୍ଯ୍ୟନ୍ତକି ଆମେ ପ୍ରକୃତ ବିଷୟ ପାଇ ନ ଯାଉ । ତେବେ, ମୁଁ ବିଶ୍ୱାସ କରେ ଯେ ଆପଣ—ଆପଣ ପୁରୁଷମାନେ ସେଥିରେ ସହମତ ହେବେ । ଆମେ କୌଣସି କୃତ୍ରିମ-ବିଶ୍ୱାସ ଚାହୁଁ ନାହୁଁ । ଭାଇମାନେ, ଆମେ କୌଣସି ବିଷୟ ଉପରେ କୃତ୍ରିମ-ବିଶ୍ୱାସ କରି ଏହି ଜଗତକୁ ଛାଡିବା ଆରମ୍ଭ କରିପାରିବା ନାହିଁ । ଆମକୁ ତ ତାହା ନେବାକୁ ଅଛି ଯାହାକି ବାସ୍ତବ ଏବଂ ଯାହାକି ଅସଲି ଅଟେ । ଯଦି ଆମେ ତାହା ପାଇନାହୁଁ, ତାହାହେଲେ ଆସନ୍ତୁ ସେପର୍ଯ୍ୟନ୍ତ ଅପେକ୍ଷା କରିବା ଯେପର୍ଯ୍ୟନ୍ତକି ଆମେ ତାହା ପାଇ ନ ଯାଉ, ଏବଂ ତାହାପରେ ଏହା ବିଷୟରେ କିଛି କହୁ । ବୁଝିଲେ?

33 ତେବେ, ମୁଁ କହିବି, ଏହି ସମସ୍ତ ପୁରୁଷ ଏବଂ ମହିଳା ଯେଉଁମାନେକି ପରଭାଷାରେ କଥାବାର୍ତ୍ତା କରନ୍ତି, ଏବଂ ଭବିଷ୍ୟତ୍‌ବାଣୀ କରନ୍ତି ଏବଂ ବାର୍ତ୍ତା ଦିଅନ୍ତି...ଏବଂ ମୁଁ—ମୁଁ ଆପଣ ପୁରୁଷମାନଙ୍କ ସହିତ ବିଶ୍ୱାସ କରୁଛି ଯେ ସେମାନେ ପ୍ରକୃତ ଅଟନ୍ତି । ବର୍ତ୍ତମାନ, ବାଇବଲ କହିଅଛି, "ସମସ୍ତ ବିଷୟ ପ୍ରମାଣ କର; ଏବଂ ଯାହା ଉତ୍ତମ ଅଟେ ତାହା ଦୃଢ଼ ଭାବରେ ଧରି ରଖ ।" "କାରଣ ମୁଁ ଖନେଇ ହେଉଥିବା ଓଷ୍ଠାଧର ଓ ଅନ୍ୟାନ୍ୟ ଭାଷା ସହିତରେ ଏହି ଲୋକମାନଙ୍କୁ କଥା କହିବି, ଏହା ସେହି ବିଶ୍ରାମ ଅଟେ ଯାହା ମୁଁ କହିଥିଲି ଯେ ସେମାନେ ପ୍ରବେଶ କରିବା ଉଚିତ୍," ଏଠାରେ ଯିଶାଇୟ ପୁସ୍ତକରେ ।

34 ତେବେ, ମୁଁ ଏହା ପରାମର୍ଶ ଦେବି ଯେପରିକି ଏହି ଆରାଧନାଳୟ ଗୋଟିଏ ସମୟରେ କେବଳ ଗୋଟିଏ ବରଦାନ ଦ୍ୱାରା ହିଁ ସେବିତ ହେବ, କାରଣ ଏହା ଆମକୁ ପୁନର୍ବାର ସେହି କ୍ରମରେ ସିଧା ଫେରାଇ ଆଣିଥାଏ ଯେଉଁ ବିଷୟରେ ମୁଁ କହିବାକୁ ଚେଷ୍ଟା କରୁଅଛି: ଯଦି କେହି ଜଣେ କହୁଅଛନ୍ତି, ତେବେ ଭବିଷ୍ୟଦ୍‌ବକ୍ତାଙ୍କ ଆତ୍ମା ଭବିଷ୍ୟଦ୍‌ବକ୍ତାଙ୍କ ଅଧୀନରେ ଥାଉ । କଅଣ ଆପଣ ବୁଝିପାରିଲେ କି? ତେବେ, ସେମାନେ ଯେଉଁମାନଙ୍କରକି ଖ୍ରୀଷ୍ଟଙ୍କ ଶରୀର ନିମନ୍ତେ ଏକ ସେବାକାର୍ଯ୍ୟ ଅଛି...ଏବଂ ବର୍ତ୍ତମାନ ଏହା କୁହାଯାଇଅଛି, ତେବେ ଏହା କାର୍ଯ୍ୟକାରୀ କରାଯାଉ । ଯେଉଁମାନଙ୍କରକି ଖ୍ରୀଷ୍ଟଙ୍କ ଶରୀର ନିମନ୍ତେ ଏକ ସେବାକାର୍ଯ୍ୟ ଅଛି ସେମାନେ ସେମାନଙ୍କର ସେବାକାର୍ଯ୍ୟକୁ ଅପେକ୍ଷା କରନ୍ତୁ, କାରଣ ଏହା ଖ୍ରୀଷ୍ଟଙ୍କଠାରୁ ମଣ୍ଡଳୀ ନିମନ୍ତେ ଏକ ସେବାକାର୍ଯ୍ୟ ଅଟେ । ମାତ୍ର ଆପଣ ସମସ୍ତେ ଏକ ସମୟରେ ସେବା କରିପାରନ୍ତି ନାହିଁ, ସେଠାରେ ଏକ ସମୟରେ ଗୋଟିଏ ହିଁ ହେବାକୁ ଅଛି ।

35 ବ୍ରାନହାମ୍ ଟ୍ୟାବର୍ନାକଲ୍ ଏହିପରି ହିଁ ହେବ । ସେମାନେ ଯେଉଁମାନେକି ପରଭାଷାରେ କଥା କୁହନ୍ତି, ଏବଂ ଯେଉଁମାନେକି ପରଭାଷାର ଅର୍ଥ କରନ୍ତି, ଏବଂ ଯେଉଁମାନଙ୍କ ପାଖରେ ଭବିଷ୍ୟତ୍‌ବାଣୀ ଅଛି ଯାହାକି ମଣ୍ଡଳୀକୁ ଦିଆଯିବାକୁ ଥାଏ, ତେବେ ସେମାନେ ଅତି ଶୀଘ୍ର ନିଜ ନିଜ ମଧ୍ୟରେ ଆସିଯାଆନ୍ତୁ...ସଭା ଆରମ୍ଭ ହେବା ପୂର୍ବରୁ, ସେମାନେ ଏକ ନିଯୁକ୍ତ କୋଠରୀରେ ଏକତ୍ର ହୁଅନ୍ତୁ, ଏବଂ ପ୍ରଭୁଙ୍କ ସେବାକାର୍ଯ୍ୟ ଉପରେ ଅପେକ୍ଷା କରନ୍ତୁ ।

36 ଯେପରି ପାଳକଙ୍କୁ ସ୍ୱୟଂ ଦର୍ଶକବୃନ୍ଦଙ୍କ ଗହଣକୁ ଆସିବା ପୂର୍ବେ ତାହା କରିବାକୁ ପଡିଥାଏ; ତାହାଙ୍କୁ ନିଶ୍ଚିତରେ ବାଇବଲ ନେବାକୁ ଥାଏ, ନିଜ କୋଠରୀର ଶାନ୍ତ ବାତାବରଣରେ, ଆତ୍ମାରେ ଅଧ୍ୟୟନ କରିବାକୁ ଥାଏ, ଏବଂ ଦର୍ଶକବୃନ୍ଦଙ୍କ ଆଗରେ କହିବା ହେତୁ ଅଭିଷିକ୍ତ ହେବାକୁ ଥାଏ। ଯଦି ସେ ତାହା ନ କରନ୍ତି, ସେ ସେଠାରେ ପହଞ୍ଚିବା ପରେ ଦ୍ୱନ୍ଦ୍ୱରେ ପଡ଼ିବାକୁ ଯାଉଛନ୍ତି। (ପ୍ରତ୍ୟେକ ପୁରୁଷ ଏବଂ ପ୍ରତ୍ୟେକ ମହିଳା, ଏକ ଆତ୍ମିକ ବରଦାନ ସହିତ, ପ୍ରଭୁଙ୍କ ନିକଟକୁ ଆସନ୍ତୁ।) ଏବଂ ପାଳକଙ୍କର ଏକକ ସେବାକାର୍ଯ୍ୟ ରହିଥିବା ହେତୁ, ସେ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି; ଇଂରାଜୀ ଶବ୍ଦ, *ଜଣେ ପ୍ରଚାରକର*, ଅର୍ଥ "ଜଣେ ଭବିଷ୍ୟଦ୍‌ବକ୍ତା," ଅର୍ଥାତ୍ ବାକ୍ୟର ଭାବୀ-କହିବା ଲୋକ।

37 ସେମାନେ ଯେଉଁମାନଙ୍କରକି ସେବାକାର୍ଯ୍ୟ ଅଛି ଯାହାଙ୍କୁକି ଅନ୍ୟ କାହାରିର ଅଂଶ ହେବାକୁ ପଡିଥାଏ, ଯେପରିକି ପରଭାଷା ସହିତ ଜଣେ କଥା କହିବା ଏବଂ ଅନ୍ୟ ଜଣେ ଅର୍ଥ କରିବା, ସେମାନେ *ଏକାଠି* ନିଜ ନିଜର ସେବାକାର୍ଯ୍ୟ ଉପରେ ଅପେକ୍ଷା କରନ୍ତି। ସେମାନେ ଏକ ବ୍ୟକ୍ତିଗତ କୋଠାରୀରେ ରହି ପରଭାଷାରେ କଥା କହିପାରନ୍ତି ନାହିଁ ଏବଂ ତାହାପରେ ଆସି ଅନ୍ୟଜଣକ କଅଣ କହିଲା ତାହା କହିପାରନ୍ତି ନାହିଁ, କାରଣ ତାଙ୍କ ପାଖରେ ଉଭୟ ଭାଷା ଏବଂ ଅର୍ଥ ରହିବାକୁ ଅଛି। ବୁଝିଲେ? ତେବେ, ଯଦି ତାଙ୍କ ପାଖରେ ତାହା ଅଛି, ବହୁତ ଭଲ, ଆମେ ଏହାକୁ ସେହିପରି ଭାବରେ ଗ୍ରହଣ କରିବାକୁ ଚାହୁଁ। ଏବଂ ଆମେ ଚାହୁଁ ଯେ ଆମ ମଣ୍ଡଳୀରେ ଥିବା ଏହି ବରଦାନଗୁଡିକରୁ ମଣ୍ଡଳୀ ଉପକୃତ ହେଉ। ପରମେଶ୍ୱର ତାହା ଆମମାନଙ୍କ ପାଖକୁ ପଠାଇଲେ, ଏବଂ ଏହା…ଆମେ ଚାହୁଁ ଯେ ଆମ ମଣ୍ଡଳୀ ଏହି ଆତ୍ମିକ ବରଦାନଗୁଡିକରୁ ଉପକୃତ ହେଉ। ତେଣୁ ସେହି ବ୍ୟକ୍ତି ଯିଏକି ପରଭାଷାରେ କଥାବାର୍ତ୍ତା କରନ୍ତି, ଏବଂ ଯିଏ ଅର୍ଥ କରନ୍ତି, ଏବଂ ଯିଏ ଭବିଷ୍ୟଦ୍‌ବାଣୀ କରନ୍ତି, ସେମାନେ ଏକାଠି ଆସନ୍ତୁ ଏହା ପୂର୍ବେକି ସେହି—ସେହି ମଣ୍ଡଳୀ ସମାଗମ ହୁଏ। ସେମାନେ ନିଜ ନିଜ ଭିତରେ ଏକ କୋଠରୀରେ ସାକ୍ଷାତ କରନ୍ତୁ, ମଣ୍ଡଳୀ ପ୍ରତି ପ୍ରଭୁଙ୍କ ସେବାକାର୍ଯ୍ୟ ନିମନ୍ତେ ଅପେକ୍ଷା କରନ୍ତୁ। କଅଣ ଏହା ବୁଝି ହେଲା କି?

38 ଏବଂ ତାହାପରେ, ଏହିପରି ଭାବରେ, ଯଦି ଭାଇ ନେୱିଲ୍, ଧରନ୍ତୁ, ତେବେ, ବର୍ତ୍ତମାନ ମୋତେ, ମୋତେ କ୍ଷମା କରନ୍ତୁ, ମୋତେ ଏହା କହିବାକୁ ଦିଅନ୍ତୁ: ଯଦି ଭାଇ କଲିନ୍ସ ପରଭାଷାରେ କଥା ହୁଅନ୍ତି ଏବଂ ଭାଇ ହିକରସନ ଏହାର ଅର୍ଥ କରନ୍ତି, ତେବେ ଯାଇ ସେମାନଙ୍କର ସେବାକାର୍ଯ୍ୟ *ଏକାଠି* ମଣ୍ଡଳୀ ପାଇଁ ଅଟେ। ବର୍ତ୍ତମାନ, ତାହା ଭାଇ ନେୱିଲଙ୍କ ସେବାକାର୍ଯ୍ୟ ନୁହେଁ; ତାହା ହେଉଛି ମଣ୍ଡଳୀ ପାଇଁ ଆପଣଙ୍କର ସେବାକାର୍ଯ୍ୟ। ମୁଁ ଏହାକୁ ଉଦାହରଣ ଭାବରେ ଦେଉଅଛି। ତାହାପରେ ଆପଣ ଭାଇମାନେ ପରମେଶ୍ୱରଙ୍କ ଗୃହରେ ନିଜର ସେବାକାର୍ଯ୍ୟକୁ ଯଥାସ୍ଥାନରେ ରଖିବା ନିମନ୍ତେ ଆଗ୍ରହୀ ହେବା ଉଚିତ୍ ଯେପରିକି ପାଳକ ତାଙ୍କର ପାଇବା ପାଇଁ ଆଗ୍ରହୀ ଅଟନ୍ତି, କାରଣ ଏହା କରିବା ଅତ୍ୟନ୍ତ ଜରୁରୀ ଯେ ଆପଣ ତାହା କରନ୍ତୁ। ମାତ୍ର ଆପଣ ଏହା ଆପଣଙ୍କର ନିଜର କୋଠରୀର ଗୋପନୀୟତାରେ କରିପାରିବେ ନାହିଁ, ଯଦି *ଆପଣ* କୁହନ୍ତି ଏବଂ *ଆପଣ* ଅର୍ଥ କରନ୍ତି, ତେବେ ଆପଣଙ୍କୁ ଏକାଠି

ଆସିବାକୁ ପଡିବ। ତେବେ, ମଣ୍ଡଳୀରେ ଏକାଠି ଆସନ୍ତୁ, ନିଜ ପାଇଁ ଏକ କୋଠରୀରେ, କାରଣ ଆପଣଙ୍କର ଏକ ବ୍ୟକ୍ତିଗତ ସେବାକାର୍ଯ୍ୟ ରହିଛି। ଏହା ଏକ ଉନ୍ମୁକ୍ତ ସେବାକାର୍ଯ୍ୟ ନୁହେଁ, ଏହା ତ ଏପରି ଅଟେ ଯାହାକି ମଣ୍ଡଳୀକୁ ସାହାଯ୍ୟ କରିବା ପାଇଁ ଅଟେ। ବୁଝିଲେ? ଏହା ତ ଏପରିକିଛି ଯାହାକି ମଣ୍ଡଳୀକୁ ସାହାଯ୍ୟ କରିବା ନିମନ୍ତେ ଅଟେ, ମାତ୍ର ଏହା ମୁଖ୍ୟ ସହଭାଗୀତାରେ କରାଯିବା ଉଚିତ ନୁହେଁ, କେବଳ ଯେଉଁ ଉପାୟରେ ମୁଁ ଆପଣଙ୍କୁ କହିବାକୁ ଯାଉଅଛି ତାହା ସେହିପରି କରାଯାଉ। ବୁଝିଲେ? ତାହାପରେ, ଯାହାକିଛି ଭାଇ କଲିନ୍ସ କୁହନ୍ତି, ଏବଂ ଭାଇ ହିକରସନ ଏହାର ଅର୍ଥ କରନ୍ତି, ଉଦାହରଣ ସ୍ୱରୂପେ, ତେବେ ଭାଇ *ଯେକେହି* ଏହାକୁ ଲେଖି ନିଅନ୍ତୁ, ଯେ ଏହା କଅଣ ଅଟେ। ଆଉ ତାହାପରେ ଯଦି ଏହା ଆସୁଅଛି…

39 ବର୍ତ୍ତମାନ, ଆମେ ସମସ୍ତେ ଜାଣୁ ଯେ ପ୍ରଭୁ ଆସୁଛନ୍ତି, ଆମେ ତାହା ବିଷୟରେ ଅବଗତ ଅଟୁ। ଏବଂ ଯଦି ଭାଇ ନେୱିଲ ପ୍ରତ୍ୟେକ ରାତିରେ ଉଠି ଏହା କୁହନ୍ତି, "ଦେଖନ୍ତୁ, ପ୍ରଭୁ ଆସୁଛନ୍ତି! ଦେଖନ୍ତୁ, ପ୍ରଭୁ ଆସୁଛନ୍ତି!" ତାହା ଠିକ୍ ହେବ, ଦେଖନ୍ତୁ। କିନ୍ତୁ ସେ ତାହା (ସେହି ପାଳକ) ମଞ୍ଚ ଉପରେ କହୁଛନ୍ତି, କାରଣ ଏଥିପାଇଁ ସେ ବାକ୍ୟ ପାଇଛନ୍ତି। ଏବଂ ଯଦି ସେ ଜଣେ ପାଳକ, ମଣ୍ଡଳୀ ପ୍ରତି ଭବିଷ୍ୟଦ୍‌ବକ୍ତା…କିମ୍ବା ଜଣେ ପାଳକ, ବରଂ, ତାହାହେଲେ ତାଙ୍କୁ ପ୍ରଭୁଙ୍କର ବାକ୍ୟ ଅଧ୍ୟୟନ କରିବାକୁ ଅଛି ଏବଂ ପ୍ରଭୁଙ୍କ ଆଗମନ ବିଷୟରେ ପ୍ରଭୁଙ୍କ ବାକ୍ୟରେ ଯାହା ଲେଖା ହୋଇଛି ତାହା ଆପଣଙ୍କୁ ଜଣାଇବାକୁ ଅଛି, ଏବଂ ତାହା ଦ୍ୱାରା ଆପଣ ଚେତାବନୀ ପାଆନ୍ତି। ଅନ୍ୟଥା ଏକ ସେବାକାର୍ଯ୍ୟ (ମଣ୍ଡଳୀ ପ୍ରତି) ଯାହା ସହିତ ତାଙ୍କର କୌଣସି ସମ୍ପର୍କ ରହେ ନାହିଁ, ପରଭାଷାଗୁଡ଼ିକ, ଭାଷାଗୁଡ଼ିକର ଅର୍ଥ (ଯାହାକି ଭବିଷ୍ୟଦ୍‌ବାଣୀ), କିମ୍ବା ଜଣେ ଭବିଷ୍ୟଦ୍‌ବକ୍ତା କହୁଥିବା, ତାହା ତ ଏପରି କିଛି ଅଟେ ଯାହାକି ବାକ୍ୟରେ ଲେଖା ହୋଇନାହିଁ। ବାକ୍ୟରେ ଯାହା ଲେଖା ହୋଇଛି, *ତାହାଙ୍କୁ* ତାହା ଆଣିବାକୁ ଅଛି; କିନ୍ତୁ ଯାହା ବାକ୍ୟରେ ଲେଖା ହୋଇନାହିଁ, ତାହା ଅଟେ ଯାହାକି *ଆପଣଙ୍କୁ* ତାଙ୍କୁ କହିବାକୁ ଅଛି। ଯେପରିକି, ଉଦାହରଣ ସ୍ୱରୂପ, "ଭାଇ ହ୍ୱିଲରଙ୍କୁ କୁହ, **ସଦାପ୍ରଭୁ ଏହି କଥା କୁହନ୍ତି**, 'ଆସନ୍ତାକାଲି, ତାଙ୍କ ବାଲି ଗର୍ତ୍ତରେ, ଏହାକୁ ନ ଯାଆନ୍ତୁ, କାରଣ ସେଠାରେ ଏକ ଟ୍ରକ ଓଲଟି ଥିବ,'" କିମ୍ବା ସେହିପରି କିଛି, ଏବଂ ଏହା କରାଯିବାକୁ ଅଛି। ଏବଂ ଆପଣ ଏହା କହିଛନ୍ତି ଏବଂ ସେ ଏହାର ଅର୍ଥ କରିଛନ୍ତି, ଏବଂ ତାହାପରେ ଆପଣଙ୍କର ସେବାକାର୍ଯ୍ୟ ସମାପ୍ତ ହେବା ପରେ ଏହାକୁ ମଞ୍ଚ ଉପରେ ରଖି ଦିଅନ୍ତି, ତାହାପରେ, ରାତିରେ, ଗୀର୍ଜା (ଭଜନ) ଗୀତ ଗାଇବା ଏବଂ ଇତ୍ୟାଦି ଆରମ୍ଭ କରିବା ପରେ; ଯଦି ଆପଣଙ୍କର ସେବାକାର୍ଯ୍ୟ ସେତେବେଳେ ପର୍ଯ୍ୟନ୍ତ ସମାପ୍ତ ହୋଇ ଯାଇଥାଏ, ତେବେ ସେମାନେ ସେହି ବିଷୟ ସହିତ ଆସନ୍ତୁ ଯାହାକି ସେହି ଭବିଷ୍ୟଦ୍‌ବାଣୀ କହିଥିଲା।

40 ଏବଂ ମୁଁ ଭାବୁନାହିଁ ଯେ ଆମର ଅଛି…କିମ୍ବା ଯଦି ଆପଣ ତାହା କରନ୍ତି, ତେବେ ଏହାକୁ ସେଠାରେ ରଖି ଦିଅନ୍ତୁ। ଯେତେବେଳେ ଏହି ଲୋକମାନେ ଏକାଠି ହୁଅନ୍ତି, ତେବେ ଯେଉଁମାନଙ୍କର ଜ୍ଞାନ ଅଛି ସେମାନେ ପ୍ରଥମେ ଆସନ୍ତୁ। କାରଣ, ଆପଣ ଦେଖନ୍ତୁ, ଯଦି ଜଣେ ପରଭାଷାରେ କଥା କୁହେ ଏବଂ ଶାସ୍ତ୍ର ଅନୁଯାୟୀ ଅର୍ଥ କରେ, ତାହା ସେପର୍ଯ୍ୟନ୍ତ

ଗ୍ରହଣ କରାଯାଇପାରରିବ ନାହିଁ ଯେପର୍ଯ୍ୟନ୍ତକି ଦୁଇ କିମ୍ବା ତିନି ଲୋକ, ଦୁଇ କିମ୍ବା ତିନିଜଣ ସାକ୍ଷୀମାନଙ୍କ ଦ୍ଵାରା ସାକ୍ଷ୍ୟ ପ୍ରଦାନ ନ କରାଯାଇଛି, ଦେଖନ୍ତୁ, ତାହା ବିଷୟରେ ସାକ୍ଷୀ ହେବାକୁ ପଡିଥାଏ, ଯେ ସେମାନେ ଏହା ପ୍ରଭୁଙ୍କର ବାକ୍ୟ ବୋଲି ବିଶ୍ଵାସ କରନ୍ତି । କାରଣ… ଏବଂ ବେଳେବେଳେ ଏହି ଛୋଟ ସେବାକାର୍ଯ୍ୟରେ, ଠିକ୍ ଯେପରିକି ଅନ୍ୟ ସେବାକାର୍ଯ୍ୟରେ ହୋଇଥାଏ, ଆପଣ ଏପରି ଆତ୍ମାଗୁଡିକୁ ପାଆନ୍ତି ଯେଉଁମାନେକି ଭୁଲ୍ ଅଟେ; ଦେଖନ୍ତୁ, ସେମାନେ ସେଠାରେ ଉଡୁଥିବେ । ଏବଂ ଆମେ ତାହା ଚାହୁଁ ନାହୁଁ । ନା । ଆମେ ଚାହୁଁ ଯେ ଏହି ସେବାକାର୍ଯ୍ୟଗୁଡିକୁ ଉନ୍ମୋଚିତ କରାଯିବା ହେତୁ ପ୍ରସ୍ତୁତ ହୁଅନ୍ତୁ ଯଦି ସେଗୁଡିକ ଉନ୍ମୋଚିତ କରାଯିବାକୁ ଥାଏ, କାରଣ ପରମେଶ୍ଵରଙ୍କ କୌଣସି ବିଷୟ କରିପାରେ…ଆପଣ ତାହାର ଉନ୍ମୋଚିତ ହେବା ବିଷୟରେ ଚିନ୍ତା କରନ୍ତୁ ନାହିଁ, ମୋର କହିବାର ଅର୍ଥ, ଏହା—ଏହା ପରୀକ୍ଷାକୁ ସହ୍ୟ କରି ନେବ, ଯଦି ଏହା ପରମେଶ୍ଵରଙ୍କର ଥାଏ ।

41 ପାଳକଙ୍କ ପରି, ଯଦି କେହି ତାଙ୍କୁ ବାକ୍ୟରେ ଆହ୍ଵାନ କରେ, ତାଙ୍କୁ ଏହା ବିଷୟରେ ପଶ୍ଚାତ ସମର୍ଥନ ରଖିବାର ପ୍ରୟୋଜନ ନାହିଁ, ସେ ଅବିକଳ ଠିକ୍ ତାହା ଜାଣନ୍ତି ଯେ ସେ କଅଣ କହୁଅଛନ୍ତି, "ଏଠାକୁ ଉପରକୁ ଚାଲି ଆସ ।" ବୁଝିଲେ? ଏବଂ ଅନ୍ୟାନ୍ୟ ଏହି ସେବାକାର୍ଯ୍ୟଗୁଡିକ ପରି ସମାନ ଅଟନ୍ତି, ସେହି ସମାନ ଭାବରେ ହିଁ ହେବାକୁ ଥାଏ ।

42 ତେବେ, ଯଦି—ଯଦି ଜଣେ ପରଭାଷାରେ କଥା କୁହେ ଓ ଏକ ବାର୍ତ୍ତା ଦିଏ… ତେବେ, କେତେକ ଲୋକ ପରଭାଷାରେ କଥା କୁହନ୍ତି ଯେତେବେଳେ ସେମାନେ ଠିକ୍ "ନିଜଠାରେ ନିଷ୍ଠା ଜନ୍ମାଇଥାନ୍ତି," ବାଇବଲ କୁହେ, ସେମାନଙ୍କର କେବଳ ଏକ ଭଲ ସମୟ ଚାଲିଥାଏ । ସେମାନେ ପରଭାଷାରେ କଥାବାର୍ତ୍ତା କରନ୍ତି, ସେମାନେ ଅନୁଭବ କରନ୍ତି । ଏବଂ ସେମାନେ ନିଶ୍ଚିତରେ ପରଭାଷାରେ କଥାବାର୍ତ୍ତା କରନ୍ତି, ସେମାନେ ପ୍ରକୃତରେ ପରଭାଷାରେ କଥାବାର୍ତ୍ତା କରନ୍ତି, ଏବଂ ଏହା ଆତ୍ମା ଅଟେ ଯାହାକି ଏହା କରୁଥାଏ । କିନ୍ତୁ ଯଦି ଏହା ଦର୍ଶକବୃନ୍ଦଙ୍କ ମଧ୍ୟରେ କୌଣସିଠାରେ ବସିଥାଏ, ଓ ପରଭାଷାରେ କଥା କହୁଥାଏ, କେବଳ ନିଜଠାରେ ନିଷ୍ଠା ଜନ୍ମାଉଥାଏ, ତେବେ ଏହା ମଣ୍ଡଳୀ ପାଇଁ କୌଣସି ଲାଭଦାୟକ ବିଷୟ ନୁହେଁ; ସେହି ବ୍ୟକ୍ତି ନିଜଠାରେ ନିଷ୍ଠା ଜନ୍ମାଉଅଛନ୍ତି, କିମ୍ବା ସେହି ମହିଳା, କିମ୍ବା ଯିଏକେହି ବି ଏହା କରୁଥାନ୍ତି । ବୁଝିଲେ?

43 ପରଭାଷାରେ କଥା କହିବା ହେଉଛି ନିଷ୍ଠା ଜନ୍ମାଇବା ନିମନ୍ତେ ପରମେଶ୍ଵରଙ୍କ ଏକ ଦାନ, ଯେପରିକି ପାଉଲ ଶାସ୍ତ୍ରରେ କହିଲେ, ଯେ ଏହା ମଣ୍ଡଳୀରେ ନିଷ୍ଠା ଜନ୍ମାଇବା ହେତୁ ଅଟେ । ତେଣୁ ଏହାକୁ ତ ତାହାର ବାହାରେ ପରମେଶ୍ଵରଙ୍କଠାରୁ ମଣ୍ଡଳୀ ନିମନ୍ତେ କିଛି ପ୍ରତ୍ୟକ୍ଷ ବାର୍ତ୍ତା ହେବା ଆବଶ୍ୟକ ଅଟେ, ଯାହାକି ବାଇବଲରେ ଯାହା ଲେଖା ହୋଇଅଛି । ବୁଝିଲେ? ଏହା ଏପରି କିଛି ଅଟେ ଯାହାକି…

44 ଯଦି ଆପଣ ମୋତେ ପଚାରିବେ, "ଭାଇ ବ୍ରାନହାମ୍, ମୋତେ କିପରି ବାପ୍ତିଜିତ ହେବା ଉଚିତ୍?" ମୁଁ ଆପଣଙ୍କୁ ଅତି ଶୀଘ୍ର କହିପାରେ । ଆପଣଙ୍କୁ ତାହା ପରଭାଷାରେ କହି ମୋତେ

ଜଣାଇବାକୁ ପଡ଼େ ନାହିଁ, ଏହା ତ ଠିକ ଏଠାରେ ବାଇବଲରେ ଲେଖା ହୋଇଛି ଯେ ତାହା ବିଷୟରେ କଅଣ କରିବାକୁ ଅଛି । ବୁଝିଲେ? ମୋତେ କରିବାକୁ ପଡ଼େ ନାହିଁ…ଆପଣଙ୍କୁ ତାହା ବିଷୟରେ କୌଣସି ପ୍ରଶ୍ନ ପଚାରିବାକୁ ପଡ଼େ ନାହିଁ ଏବଂ କାହାରି ଜଣକାକୁ ପରଭାଷାରେ କଥା କହି ଆପଣଙ୍କୁ ଜଣାଇବାକୁ ପଡ଼େ ନାହିଁ । ଦେଖନ୍ତୁ, ତାହା ତ ଲେଖା ହୋଇସାରିଛି ।

45 କିନ୍ତୁ ଯଦି ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ମୋତେ କଅଣ କରିବା ଉଚିତ୍? ମୋର ଏଠାରେ ଏକ ନିଷ୍ପତ୍ତି ଅଛି ଯାହାକି ମୋତେ ନେବାକୁ ଅଛି ଯେ ମୋତେ ଏହି ମଣ୍ଡଳୀକୁ ଗ୍ରହଣ କରି ନେବା ଉଚିତ୍ ନା ଅନ୍ୟ ଏକ ମଣ୍ଡଳୀକୁ ଚାଲିଯିବା ଉଚିତ," କିମ୍ବା ସେହିପରି କିଛି । କିମ୍ବା, "କଅଣ ମୋତେ *ଏହା, ତାହା* କରିବା ଉଚିତ?" ତେବେ, ତାହାକୁ ତ ପରମେଶ୍ୱରଙ୍କଠାରୁ ଆସିବାକୁ ହେବ । ଦେଖନ୍ତୁ, ପରମେଶ୍ୱରଙ୍କୁ ତାହା ଆମକୁ କହିବାକୁ ପଡିବ । ମାତ୍ର ତାହାକୁ ତ ଅନ୍ୟ ଏକ ସେବାକାର୍ଯ୍ୟ ମାଧ୍ୟମରେ ଆସିବାକୁ ପଡିବ, 'କାରଣ ବାକ୍ୟ କୁହେ ନାହିଁ ଯେ, "ଓରମାନ୍ ନେଭିଲ୍ ବ୍ରାନହାମ୍ ଟ୍ୟାବର୍ନାକଲ୍‌କୁ ଛାଡି ଦିଅନ୍ତୁ ଏବଂ ଫୋର୍ଟ ୱେନ ଗସପେଲ୍ ଟ୍ୟାବର୍ନାକଲ୍‌କୁ ଚାଲି ଯାଆନ୍ତୁ ।" ଦେଖନ୍ତୁ, ଏହା ସେଠାରେ ବାକ୍ୟରେ ତାହା କୁହେ ନାହିଁ, ଦେଖନ୍ତୁ, ତେଣୁ ତାହା ଅଟେ ଯେଉଁଥିପାଇଁକି ଏହି ବରଦାନଗୁଡ଼ିକ ଅଟେ ।

46 ଯେପରିକି ଜଣେ ବ୍ୟକ୍ତି ଏଠାକୁ ଆସନ୍ତି ଓ କୁହନ୍ତି, "କଅଣ ଆପଣ ଈଶ୍ୱରୀୟ ଆରୋଗ୍ୟତାରେ ବିଶ୍ୱାସ କରନ୍ତି?" ଆମେ ତାହା ପ୍ରଚାର କରୁ, ଆମେ ଏହାକୁ ବିଶ୍ୱାସ କରୁ, ଆମେ ଅଭିଷେକ କରାଯିବାରେ, ତେଲରେ ବିଶ୍ୱାସ କରୁ ।

47 ମାତ୍ର ଏଠାରେ କୌଣସି ଲୋକ ଅଛନ୍ତି ଯିଏକି କହୁଛନ୍ତି ଯେ ସେ "ବଢିପାରନ୍ତି ନାହିଁ, ମାମଲା କଅଣ ଅଟେ?" ତେବେ ଏହା ପରମେଶ୍ୱରଙ୍କୁ, ପରଭାଷା ଜରିଆରେ, ଅର୍ଥ କରିବା ଜରିଆରେ, ଭବିଷ୍ୟତ୍‌ବାଣୀ ମାଧ୍ୟମରେ, କିମ୍ବା କୌଣସି ଜରିଆରେ ସେହି ବ୍ୟକ୍ତିଙ୍କ ଜୀବନରେ ଓହ୍ଲାଇ ଆସିବାକୁ ଅଛି ଯେ ସେହି ବିଷୟକୁ କାଢି ନିଅନ୍ତି ଯାହାକି ସେ କରିଥାଏ, ଓ ତାଙ୍କୁ ଏହା ବିଷୟରେ କହିବାକୁ ଅଛି । ତାହା ହେଉଛି ଏକ ସେବାକାର୍ଯ୍ୟ ଯାହାକି ପାଳକଙ୍କର ନୁହେଁ, ଏହା ତ ଏହି ସେବାକାର୍ଯ୍ୟ କରୁଥିବା ଦାନଗୁଡ଼ିକର ଅଟେ, କିନ୍ତୁ ସେଗୁଡିକ ସେଠାରେ ଦର୍ଶକବୃନ୍ଦଙ୍କ ଗହଣରେ ବାହାରେ କରାଯିବା ହେତୁ ନୁହେଁ । ବୁଝିଲେ?

48 ତେବେ, ପାଉଲଙ୍କୁ କେବେବି ଥରୁଟିଏ ହେଲେ ସେହି—ସେହି ଏଫିସୀୟ ମଣ୍ଡଳୀକୁ ସେହି ବିଷୟରେ କିଛି ହେଲେ କହିବାକୁ ପଡ଼ି ନ ଥିଲା, ସେମାନେ ଶୃଙ୍ଖଳାରେ ଥିଲେ, ସେହି ରୋମାନ୍ ମଣ୍ଡଳୀ, କିମ୍ବା ଅନ୍ୟ କୌଣସି ସେହି ମଣ୍ଡଳୀଗୁଡ଼ିକ ମଧ୍ୟରୁ; କେବଳ କରିନ୍ଥୀୟ ମଣ୍ଡଳୀ, ଏବଂ ସେମାନେ କେବେହେଲେ ନିଜକୁ କରିପାରି ନ ଥିଲେ…ବର୍ତ୍ତମାନ, ପାଉଲ ପରଭାଷାରେ କଥା କହିବାରେ ବିଶ୍ୱାସ କରିଥିଲେ । ତାଙ୍କର ଏଫିସୀୟ ମଣ୍ଡଳୀରେ ପରଭାଷାରେ କଥାବାର୍ତ୍ତା କରିବାର ବିଷୟ ରହିଥିଲା, ଯେପରିକି ତାଙ୍କର କରିନ୍ଥୀୟ ମଣ୍ଡଳୀରେ ରହିଥିଲା, ଦେଖନ୍ତୁ, କିନ୍ତୁ ସେ ଏଫିସୀୟମାନଙ୍କ ସହିତ ପରଭାଷାରେ କେବଳ କଥାବାର୍ତ୍ତା କରିବା, ଭାଷାର ଅର୍ଥ କରିବା ଅପେକ୍ଷା ଅଧିକ କିଛି କହିପାରିଥିଲେ ।

49 ତେବେ, ଯଦି କେହି ଏପରି ଏକ ବାର୍ତ୍ତା ଲେଖନ୍ତି ଯାହାକି ପରଭାଷାରେ ଦିଆଯାଇଅଛି କିମ୍ବା ଭବିଷ୍ୟଦ୍‌ବାଣୀରେ ଦିଆଯାଇଅଛି, ଏବଂ ମଞ୍ଚ ଉପରେ ରଖାଯାଇଅଛି, ତେବେ ଏହାକୁ ସେବା ଆରମ୍ଭ ହେବା ପୂର୍ବରୁ ଏହି ଲୋକମାନଙ୍କଠାରୁ ଯେଉଁମାନେକି କଥା କହିଥିଲେ, ଏବଂ ଅର୍ଥ କରିଥିଲେ "**ସଦାପ୍ରଭୁ ଏହି କଥା କୁହନ୍ତି**" କୁ ପାଳକଙ୍କ ଦ୍ୱାରା ପାଠ କରାଯିବା ଆବଶ୍ୟକ। ଏବଂ ଯଦି ତାହା ଅର୍ଥ କରାଯାଇଥିବା ଅନୁସାରେ ଘଟିତ ହୁଏ, ତାହାହେଲେ ଆମେମାନେ ନିଜର ହାତ ଉତ୍ତୋଳନ କରି ପରମେଶ୍ୱରଙ୍କୁ ଆମମାନଙ୍କ ମଧ୍ୟରେ ତାହାଙ୍କର ଆତ୍ମାଙ୍କ ପାଇଁ ଧନ୍ୟବାଦ ଦେବା। ଯଦି ଏହା ନ ଘଟେ, ତେବେ ସେହି କାର୍ଯ୍ୟକୁ ଆଉ ଅଧିକ କରନ୍ତୁ ନାହିଁ ଯେପର୍ଯ୍ୟନ୍ତକି ସେହି ମନ୍ଦ ଆତ୍ମା ଆପଣଙ୍କଠାରୁ ବାହାରି ନ ଯାଏ। ପରମେଶ୍ୱର ମିଛ କୁହନ୍ତି ନାହିଁ, ସେ ସର୍ବଦା ସତ୍ୟ ଅଟନ୍ତି।

50 ତାହାପରେ, ଆପଣ ଦେଖନ୍ତୁ, ଆପଣ ତେବେ ବର୍ତ୍ତମାନ ପୁରୁଷଙ୍କ ପରି କାର୍ଯ୍ୟ କରିବା ପାଇଁ ଯଥେଷ୍ଟ ବୟସ୍କ ହୋଇଥାନ୍ତି, ପିଲା ପରି ନୁହେଁ ("ଗୁ, ଗୁ, ଗୁ"), ଆପଣଙ୍କ ପାଖରେ କିଛି ଗୋଟାଏ ବିଷୟ ପାଇଁ କିଛି ଅର୍ଥ ରଖିବାକୁ ଥାଏ।

51 ମଣ୍ଡଳୀ ତେବେ ଆସୁ, ଯେତେବେଳେକି ତାହା ଶୃଙ୍ଖଳାରେ ଆସୁଅଛି, ଏହି କ୍ରମକୁ ଆସୁ। ଯଦି ଜଣେ ଭବିଷ୍ୟଦ୍‌ବାଣୀ କରେ...ଯଦି କେହି ଅଶିକ୍ଷିତ, ଆପଣଙ୍କ ମଧ୍ୟକୁ ଆସେ, ଏବଂ ଆପଣ ପରଭାଷାରେ କଥାବାର୍ତ୍ତା କରନ୍ତି, ତେବେ ଆପଣ ତାହା ପ୍ରତି ଏକ ପ୍ରକାର ବର୍ବର ହୋଇଯିବେ, ସେ ଜାଣିବେ ନାହିଁ ଯେ ଆପଣ କଅଣ କହୁଛନ୍ତି। ବୁଝିଲେ? ଏବଂ ପ୍ରକୃତରେ ଏହି ଦିନରେ ଯେତେବେଳେକି ଏହା ବିଷୟରେ ଏତେ ଅଧିକ ଦ୍ୱନ୍ଦ୍ୱ ରହିଛି, ଏହା ଏକ ବାଧାଜନକ ପ୍ରସ୍ତର କରିଥାଏ। ମାତ୍ର ଜଣେ ପରଭାଷାରେ କଥା ହେଉନ୍ତୁ, ଆଉ ଅନ୍ୟ ଜଣେ ଅର୍ଥ କରନ୍ତୁ ଏବଂ ବାର୍ତ୍ତା ଦେଉନ୍ତୁ, ଏବଂ ତାହା ଠିକ୍ ଏଠାରେ ଏହି ମଞ୍ଚ ଉପରୁ ପାଠ କରାଯାଉ, ଯେ କଅଣ ଘଟିବାକୁ ଯାଉଅଛି, ଏବଂ ତାହାପରେ ଏହାକୁ ଘଟୁ, ଆପଣ ଦେଖନ୍ତୁ ଯେ କଅଣ ଘଟେ। ସେମାନଙ୍କୁ କୁହନ୍ତୁ, ଯେ, "ଆସନ୍ତାକାଲି ଏକ ନିର୍ଦ୍ଦିଷ୍ଟ ସମୟରେ," କିମ୍ବା "ପରବର୍ତ୍ତୀ ସପ୍ତାହରେ ଏକ ନିର୍ଦ୍ଦିଷ୍ଟ ସମୟରେ, ଏହା ଏକ ନିର୍ଦ୍ଦିଷ୍ଟ ବିଷୟ ହେବାକୁ ଯାଉଅଛି," ତାହାପରେ ସେଠାରେ ବସିଥିବା ସେହି ଅବିଶ୍ୱାସୀ ତାହା ଶୁଣୁ ଏବଂ ଏହା ଘଟିବା ପୂର୍ବରୁ ତାହା ପୂର୍ବରୁ କୁହାଯାଉଥିବାର ଶୁଣୁ। ତାହାପରେ ସେମାନେ ଜାଣିବେ ଯେ ଆପଣଙ୍କ ମଧ୍ୟରେ କେଉଁ ପ୍ରକାରର ଆତ୍ମା ଅଛି, ଏହା ପରମେଶ୍ୱରଙ୍କ ଆତ୍ମା ହେବ। ତାହାହିଁ ଅଟେ ଯାହାକି ପାଉଲ କହିଥିଲେ, "ତେବେ ଯଦି ଜଣେ ଭବିଷ୍ୟଦ୍‌ବାଣୀ କରି ଗୁପ୍ତ ବିଷୟଗୁଡ଼ିକୁ ପ୍ରକାଶ କରିପାରେ, ତାହାହେଲେ କଅଣ ସମଗ୍ର ମଣ୍ଡଳୀ ନତମସ୍ତକ ହେବେ ନାହିଁ କି, ଅଥବା, ସେହି ଅବିଶ୍ୱାସୀ, ଏବଂ କହିବ ନାହିଁ କି, 'ପରମେଶ୍ୱର ଆପଣଙ୍କ ଗହଣରେ ଅଛନ୍ତି'?" ବୁଝିଲେ? କାରଣ ଏହା ହୋଇପାରେ ନାହିଁ...

52 କିନ୍ତୁ ବର୍ତ୍ତମାନ ଆମେ ଚାହୁଁ ନାହୁଁ..."ଯେତେବେଳେ ଆମେ ଶିଶୁ ଥିଲୁ," ପାଉଲ କହିଲେ, "ମୁଁ ଶିଶୁ ପରି ଆଚରଣ କରୁଥିଲି," ସେ ସେଠାରେ କରିନ୍ଥୀୟମାନଙ୍କୁ କହିଲେ,

"ମୁଁ ଶିଶୁ ପରି କଥା କହୁଥିଲି ।" ତାଙ୍କର ଏକ ଶିଶୁ ଭଳି ମନ ଥିଲା । "କିନ୍ତୁ ଯେତେବେଳେ ମୁଁ ବୟସ୍କପ୍ରାପ୍ତ ହେଲି, ମୁଁ ଶିଶୁତୁଲ୍ୟ ବିଷୟଗୁଡିକୁ ପରିତ୍ୟାଗ କରି ଦେଲି ।"

53 ତେବେ, ମୁଁ ଆପଣ ସମସ୍ତଙ୍କୁ କହୁଛି, ଦେଖନ୍ତୁ । ବର୍ତ୍ତମାନ, କିଛି ବର୍ଷ ପୂର୍ବେ, ଆପଣ ଏହି ବରଦାନଗୁଡ଼ିକ ସହିତ ଶିଶୁ ଥିଲେ, ଆଗକୁ ପଛକୁ ଖେଳୁଥିଲେ । କିନ୍ତୁ ବର୍ତ୍ତମାନ ଆପଣ ଏକ ଲମ୍ବା ଅନ୍ତରାଳ ବିଦ୍ୟାଳୟକୁ ଯାଇଛନ୍ତି, ଏବେ ପୁରୁଷ ହେବାର ସମୟ ଆସିଯାଇଛି, କେବଳ ଖେଳିବା ପାଇଁ ଏଗୁଡିକ ବ୍ୟବହାର କରିବାର ସମୟ ନୁହେଁ । ଏହି ବରଦାନଗୁଡ଼ିକ, ସେଗୁଡିକ ପବିତ୍ର, ସେଗୁଡିକ ପରମେଶ୍ୱରଙ୍କର ଅଟେ, ଏବଂ ଆପଣ ସେଗୁଡିକ ସହିତ ଖେଳନ୍ତି ନାହିଁ । ପରମେଶ୍ୱର ସେଗୁଡିକୁ ବ୍ୟବହାର କରିବାକୁ ଦିଅନ୍ତୁ । ତାହାହିଁ ଅଟେ ଯାହାକି ଆପଣଙ୍କର ସେବାକାର୍ଯ୍ୟ ହେବାକୁ ଚାହୁଁଛି । ସେହି ଉପାୟରେ ହିଁ ବ୍ରାନହାମ୍ ଟ୍ୟାବର୍ନାକଲ୍‌କୁ ସେବାରେ ରଖାଯିବା କଥା । ଏବଂ—ଏବଂ ଯଦି ଏହାକୁ ପ୍ରଶ୍ନ କରାଯାଏ, କୌଣସି ସମୟରେ, ତେବେ ଏହି ଟେପ୍ ସାକ୍ଷୀ ଭାବରେ ରହିଥାଉ ଯେ ବ୍ରାନହାମ୍ ଟ୍ୟାବର୍ନାକଲ୍‌ରେ ତାହା ସେହିପରି ଭାବରେ ହିଁ କରାଯିବା କଥା ।

54 ଯଦି ଜଣେ ଅପରିଚିତ ବ୍ୟକ୍ତି ଆସନ୍ତି, କାରଣ ସେମାନେ ଆପଣଙ୍କ ପାଖରେ ସବୁବେଳେ ରହିଥିବେ, କାରଣ ଏହା ଏକ ଆନ୍ତଃନାମଧାରୀ ଆରାଧନାଳୟ ହୋଇଥିବା ହେତୁରୁ, ସେଠାରେ ଏପରି ଲୋକମାନେ ଆସନ୍ତି ଯେଉଁମାନଙ୍କରକି ଏହି ଉତ୍ତମ ତାଲିମ ନ ଥାଏ, ସେମାନଙ୍କର ତାହା ନ ଥାଏ, ସେମାନେ ଅଧିକ କିଛି ଭଲ ଜାଣନ୍ତି ନାହିଁ । ଏବଂ ସେମାନଙ୍କର ନିଜର ପାଳକ, ସେମାନେ ଠିକ୍ ମଝିରେ ଡେଇଁ ପଡ଼ିବେ ଏବଂ ତାଙ୍କ ବାର୍ତ୍ତାକୁ ଭଗ୍ନ କରିଦେବେ, ଏବଂ ଏକ ବେଦୀର ଡାକରାକୁ ଭାଙ୍ଗି ଦେବେ, ଏବଂ ପରଭାଷାରେ କଥା କହିବେ ଓ ସେହିପରି ସବୁ ବିଷୟ କରିବେ । ଆପଣମାନେ ତାହା ଅପେକ୍ଷା ଅଧିକ ଉତ୍ତମ ତାଲିମପ୍ରାପ୍ତ ପୁରୁଷ ଅଟନ୍ତି । ବୁଝିଲେ? ତେବେ ସେବା ପରେ, ଯଦି ସେ ଅବାଧ୍ୟ ହୁଅନ୍ତି, ତାହାହେଲେ ସେମାନଙ୍କ ପାଖକୁ ଯିବା ଏହା ଦୀକନର କାର୍ଯ୍ୟ ଅଟେ । ଆପଣ ନିଜର ପାଳକଙ୍କୁ ଏହା କରିବାକୁ ଦିଅନ୍ତୁ ନାହିଁ ଯେପର୍ଯ୍ୟନ୍ତକି ଏହା ଏପରି ଏକ ସ୍ଥାନକୁ ନ ଆସିଯାଏ ଯେଉଁଠାରେକି ଏଠାରେ କୌଣସି ଦୀକନ୍ ନାହାଁନ୍ତି, ମାତ୍ର ଜଣେ ଦୀକନ୍‌କୁ ତାହା ଦେଖିବା ଉଚିତ୍ । ବୁଝିଲେ?

55 ତେବେ, ସେବା ପରେ…ଯଦି ସେହି ବ୍ୟକ୍ତି କେବଳ ଉଠନ୍ତି ଏବଂ ଏକ ବାର୍ତ୍ତା ଦିଅନ୍ତି, ସେହି ପାଳକ, ଯଦି ସେ ମାତ୍ର ଗୋଟିଏ ମିନିଟ୍ ପାଇଁ ଅଟକି ଯାଇ ଆଗକୁ ଯିବାକୁ ଚାହାଁନ୍ତି, ବହୁତ ଭଲ, ଦେଖନ୍ତୁ, ତାହା ପାଳକଙ୍କ ଉପରେ ନିର୍ଭର କରେ । କିନ୍ତୁ ତାହାପରେ ତତକ୍ଷଣାତ୍ ହିଁ ସେହି ଦୀକନ, ଏହା ପୂର୍ବେକି ସେହି ବ୍ୟକ୍ତି ଭବନରୁ ବାହାରି ଯାଆନ୍ତି, ସେମାନଙ୍କୁ ଗୋଟିଏ ପାର୍ଶ୍ୱକୁ ନେଇ ଯାଆନ୍ତୁ ଓ ତାହା ବିଷୟରେ ସେମାନଙ୍କ ସହିତ କଥାବାର୍ତ୍ତା କରନ୍ତୁ ।

ଏବଂ ଯଦି ସେମାନେ ଏହାକୁ ପ୍ରଶ୍ନ କରନ୍ତି, ସେମାନଙ୍କୁ ଏହି ଟେପ୍ ନିକଟକୁ ଆଣନ୍ତୁ ଏବଂ କୁହନ୍ତୁ, "ଏହା ହେଉଛି ତାହା ଯାହାକି ବିଶପ୍, କିମ୍ବା, ମଣ୍ଡଳୀର ତଦାରଖକାରୀ…"

(ଯାହାକି *ବିଶପ୍* ଅଟେ, ସେହି...ଯେକୌଣସି ପର୍ଯ୍ୟବେକ୍ଷକ, ଦେଖନ୍ତୁ, ତାହାହିଁ ଅଟେ ଯାହାକି ବାଇବଲରେ ଏହାକୁ କୁହାଯାଏ, "ବିଶପ୍ କାର୍ଯ୍ୟ," ଦେଖନ୍ତୁ, ତେଣୁ ତାହା ମଣ୍ଡଳୀର ସାଧାରଣ ତଦାରଖକାରୀ ଅଟେ।) "ତେବେ...ଏହା ହେଉଛି ସେହି ଆଜ୍ଞା ଏବଂ ଏହି ଉପାୟରେ ଆମର ମଣ୍ଡଳୀ କାର୍ଯ୍ୟ କରେ। ତେବେ, ଆମେ ଭଲ ପାଉ ଯେ ଆପଣ ଆସି ନିଜର ବାର୍ତ୍ତାକୁ ପରିବେଷଣ କରନ୍ତି। କିନ୍ତୁ ଯଦି ଆପଣ ପ୍ରଭୁଙ୍କଠାରୁ ଏକ ବାର୍ତ୍ତା ପାଇଛନ୍ତି ଏବଂ ତାହା...ତେବେ ଏହା ପ୍ରଦାନ କରାଯାଉ, ଏଠାରେ ଉପରକୁ ଆସନ୍ତୁ ଏବଂ ଏହାକୁ ଆମ ମଞ୍ଚ ଉପରେ ରଖନ୍ତୁ, ଏବଂ ଆମର ସେବକ ଏହାକୁ ମଣ୍ଡଳୀ ନିକଟରେ ପାଠ କରିବେ, ଏହି ମଣ୍ଡଳୀ ପ୍ରତି ଏକ ବାର୍ତ୍ତା ଅଟେ।"

ମାତ୍ର ଏହା କେବଳ ଶାସ୍ତ୍ରର ପୁନରାବୃତ୍ତି, ଏବଂ ସେହିପରି ବିଷୟ ହେବା ଉଚିତ୍ ନୁହେଁ। ଏହାକୁ ଲୋକମାନଙ୍କ ପାଇଁ କୌଣସି ବିଷୟର ଏକ ପ୍ରତ୍ୟକ୍ଷ ବାର୍ତ୍ତା ହେବା ଆବଶ୍ୟକ, ଏପରି କିଛି ଯାହାକି ଘଟିବାକୁ ଯାଉଅଛି, କିମ୍ବା ଏପରି କିଛି ଯାହା ସେମାନେ କରିବା ଉଚିତ୍। କଅଣ ଏହା ବୁଝି ହେଲା? ଠିକ୍ ଅଛି।

**222. ତେବେ, ମଣ୍ଡଳୀରେ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଲୋକମାନଙ୍କୁ ନିରନ୍ତର ଦୀକନମାନଙ୍କଠାରୁ ତଦନୁସାରେ ଏକ—ଏକ ପୁନରାବୃତ୍ତି ସ୍ମରଣ କରାଇ ଦେବା ଅପେକ୍ଷା କଅଣ ଅଧିକ କିଛି ଉତ୍ତମ ଉପାୟ ଅଛି କି?**

ନା, ତାହା, ମୁଁ ବର୍ତ୍ତମାନ ହିଁ ତାହା ବୁଝାଇଲି। ତାହା ହେଉଛି ପ୍ରଶ୍ନ ନମ୍ବର ତିନି।

56 ଦୀକନ୍‌ମାନେ, ଆପଣଙ୍କର କର୍ତ୍ତବ୍ୟ ହେଉଛି ଦୟା ଏବଂ ବନ୍ଧୁତ୍ୱ ସହିତ, ମଣ୍ଡଳୀରେ ଶୃଙ୍ଖଳା ରକ୍ଷା କରିବା। ଏବଂ ତାହାପରେ ଆପଣ କରିବା ଉଚିତ୍, ଯଦି କେହି ମଣ୍ଡଳୀରେ ଶୃଙ୍ଖଳାରୁ ବାହାରି ଯାଆନ୍ତି, କିମ୍ବା ଜଣେ ମଦ୍ୟପ ପରି ଏଠାକୁ ଆସନ୍ତି, କିମ୍ବା କେହି ଜଣେ ଭିତରକୁ ଆସନ୍ତି।

57 ଯେପରିକି ଅନ୍ୟ ରାତ୍ରିରେ ସେଠାରେ ସେମାନେ ସେହି ସେବକଙ୍କୁ ମଞ୍ଚ ଉପରେ ଗୁଳି କରି ଦେଇଥିଲେ। ଆପଣ ସେ ବିଷୟରେ ଶୁଣିଛନ୍ତି, ସେହି ମଦ୍ୟପ ଏକ ଦୁଇ-ନଳି ଛୋଟ ବନ୍ଧୁକ ସହିତ ଆସିଥିଲା। ସେ ନିଜର ପତ୍ନୀଙ୍କୁ ଡାକ ଦେଇଥିଲା, ଏବଂ—ଏବଂ ତାଙ୍କ ପତ୍ନୀଙ୍କୁ ଚାହିଁଥିଲା, ଏବଂ ପାଳକ ଆଡକୁ ଗଲା। ଏବଂ ପାଳକ ତାଙ୍କୁ ସେଠାରେ ତାଙ୍କର ପତ୍ନୀଙ୍କୁ ବସିଥିବାର ଦେଖାଇଥିଲେ, କିନ୍ତୁ ସେ ତାଙ୍କୁ ଠିକ୍ ମଣ୍ଡଳୀରେ ହିଁ ଗୁଳି କରିବାକୁ ଯାଉଥିଲା, ଏବଂ ପାଳକ ତାଙ୍କ ସହିତ କଥାବାର୍ତ୍ତା କରିବାକୁ ଲାଗିଲେ। ଏବଂ ଏହା ପରିବର୍ତ୍ତେ—ଏହା ପରିବର୍ତ୍ତେ...ସେହି—ସେହି ବ୍ୟକ୍ତି ସେହି ଛୋଟ ବନ୍ଧୁକ ନେଇ ବୁଲି ପଡିଲା ଓ ପ୍ରଚାର ମଞ୍ଚରେ ହିଁ ପାଳକଙ୍କୁ ଗୁଳି କରି ଦେଇଥିଲା, ଏବଂ ତାହାପରେ ତାଙ୍କ ପତ୍ନୀଙ୍କୁ ଗୁଳି କଲା, ଓ ନିଜକୁ ଗୁଳି କରି ହତ୍ୟା କରିଥିଲା।

58 ତେବେ, ଯଦି ସେଠାରେ ଦଳେ ଦୀକନ୍‌ମାନେ ରହିଥାଆନ୍ତେ ଯେତେବେଳେ ସେହି ବ୍ୟକ୍ତି ସେହି ଛୋଟ ବନ୍ଧୁକ ସହିତ ସେହି ଦ୍ୱାର ଦେଇ ପ୍ରବେଶ କରିଥିଲା, ତେବେ ସେମାନେ

ତାଙ୍କୁ ଘେରି ଧରି ପକାଇଥାନ୍ତେ, ତାହା ହାତରୁ ସେହି ବନ୍ଧୁକଟିକୁ ଛଡାଇ ନେଇଥାନ୍ତେ। ବୁଝିଲେ? ଦେଖନ୍ତୁ, ତାହା—ତାହା ହେଉଛି ଶୃଙ୍ଖଳିତ ଦୀକନ୍। ଆଉ ତେବେ, ଏହି ବିଷୟଗୁଡିକ ସେହିପରି ଭାବରେ ଚାଲିଛି ଯେପରିକି ସେମାନେ ବର୍ତ୍ତମାନ କରୁଛନ୍ତି, ଆପଣ କୌଣସି ବି ବିଷୟ ଆଶା କରିପାରନ୍ତି। ମାତ୍ର, ମନେରଖନ୍ତୁ, ଦୀକନ୍‌ମାନେ ପରମେଶ୍ୱରଙ୍କ ଗୃହରେ ପରମେଶ୍ୱରଙ୍କ ପୋଲିସ୍ ଆରକ୍ଷୀ ଅଟନ୍ତି, ଅନ୍ୟ କେହି ଯାହା ଭାବନ୍ତୁ ନା କାହିଁକି। ବେଳେବେଳେ ଜଣେ ପୋଲିସ୍ ଚାହାଁନ୍ତି ନାହିଁ ଯେ ସେ ଯାଇ କାହାରିକୁ ଗିରଫ କରନ୍ତି, ବୋଧହୁଏ ତାଙ୍କର ଜଣେ ବନ୍ଧୁ ହୋଇଥିବେ, କିନ୍ତୁ ସେ ଏକ କାର୍ଯ୍ୟାଳୟ ପ୍ରତି ଶପଥ ନେଇଥାନ୍ତି, ତାଙ୍କୁ ତ ତାହା ଯେକୌଣସି ପ୍ରକାରେ କରିବାକୁ ପଡିଥାଏ। ତାହା ହେଉଛି ତାଙ୍କ ସହର ପ୍ରତି ତାଙ୍କର କର୍ତ୍ତବ୍ୟ। ବୁଝିଲେ?

59 ତାହାହିଁ ହେଉଛି ମଣ୍ଡଳୀ ପାଇଁ ଜଣେ ଦୀକନ୍‌ର କର୍ତ୍ତବ୍ୟ। ଏବଂ ଯଦି କେହି ଡେଇଁ ପଡ଼ି ପାଳକଙ୍କୁ ବାଧା ଦେବା ଆରମ୍ଭ କରନ୍ତି, କିମ୍ବା ସେହିପରି ଅନ୍ୟ କିଛି କରନ୍ତି, ଏବଂ ପାଳକ ତାଙ୍କର ବାର୍ତ୍ତାରେ, ଦୀକନ୍‌ମାନେ ସେହି ଲୋକମାନଙ୍କ ପାଖକୁ ଯିବା ଉଚିତ୍, ସେମାନଙ୍କ ମଧ୍ୟରୁ ଦୁଇ ବା ତିନି ଜଣ, କହିବା ଉଚିତ, "ଭାଇ, କଅଣ ଆମେ ତୁମ ସହିତ କଥା ହୋଇପାରିବା କି?" ବୁଝିଲେ? ତାଙ୍କୁ ଗୀର୍ଜାରୁ ବାହର କରି, କାର୍ଯ୍ୟାଳୟକୁ ନେବା ଉଚିତ୍, *ଏଠା*ରେ କିମ୍ବା ଅନ୍ୟ କୌଣସି କାର୍ଯ୍ୟାଳୟକୁ, ଏବଂ ଏହା ବିଷୟରେ ତାଙ୍କୁ କହିବା ଉଚିତ୍, କୁହନ୍ତୁ, "ଆପଣ ବାଧା ଦେବା ଉଚିତ୍ ନୁହେଁ।" ଆପଣ ଜାଣନ୍ତି, କୌଣସି ପ୍ରକାରେ ସେବାକୁ ବାଧା ଦେବା ଏହା ଆଇନ ଦ୍ୱାରା ଏକ—ଏହା ଏକ ବଡ଼ ଜରିମାନା ଅଟେ। ବୁଝିଲେ? କିନ୍ତୁ କିଛି ଲୋକ, ଯେପରିକି ଜଣେ ଅପରାଧୀ କିମ୍ବା ଏପରି କିଛି, ଆପଣଙ୍କ ମଧ୍ୟରେ ଆସନ୍ତି, ଆପଣ ଜାଣନ୍ତି, ଏବଂ—ଏବଂ କେତେକ ଧାର୍ମିକ ପାଖଣ୍ଡ, ଏବଂ—ଏବଂ ପାଟି ତୁଣ୍ଡ କରିବା ଆରମ୍ଭ କରନ୍ତି, ତାହାପରେ ଦୀକନ୍‌ମାନେ...ଏବଂ ଯଦି—ଏବଂ ଯଦି ଏପରି ମନେହୁଏ ଯେ ଦୀକନ୍‌ମାନେ ଏହାକୁ ନିୟନ୍ତ୍ରଣ କରିବାକୁ ସକ୍ଷମ ନୁହଁନ୍ତି, ତାହାହେଲେ ଟ୍ରଷ୍ଟି ବୋର୍ଡ କିମ୍ବା ମଣ୍ଡଳୀର ଅନ୍ୟ କେହି ଛିଡା ହୋଇ ଏହିପରି ବ୍ୟକ୍ତିଙ୍କୁ ସାହାଯ୍ୟ କରିପାରନ୍ତି। ଆପଣ ତାହା ଜାଣିଛନ୍ତି।

60 ଏବଂ—ଏବଂ ତେବେ ମୋତେ ପୁନର୍ବାର ଏଠାରେ ପ୍ରଶ୍ନ ପଚାରିବାକୁ ଦିଅନ୍ତୁ।

**ତେବେ, ମଣ୍ଡଳୀରେ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଲୋକମାନଙ୍କୁ ଦୀକନମାନଙ୍କଠାରୁ ବର୍ତ୍ତମାନ, ବେଳେ ବେଳେ, ଏକ ପୁନରାବୃତ୍ତି ସ୍ମରଣ କରାଇ ଦେବା ଅପେକ୍ଷା କଅଣ ଅଧିକ କିଛି ଉତ୍ତମ ଉପାୟ ଅଛି କି?**

61 ବର୍ତ୍ତମାନ ମୁଁ ଭାବୁଛି ଯେ ସେହି—ସେହି ପାଳକ, କଦାଚିତ୍ ସର୍ବଦା...କିମ୍ବା ଏହି ଟେପ୍‌କୁ ଚଲାନ୍ତୁ, ତାହା ଏକ ସାକ୍ଷୀ ପାଇଁ ଛିଡା ହୋଇହେଉ। ଦୀକନ୍‌ମାନେ ହେଉଛନ୍ତି ପୋଲିସ୍, ଏବଂ ସେମାନଙ୍କର ଶବ୍ଦ ହେଉଛି ଆଇନ ଏବଂ ଶୃଙ୍ଖଳା। ବୁଝିଲେ? ଏବଂ ସେମାନଙ୍କ ପାଖରେ ମଣ୍ଡଳୀରୁ ଏବଂ ଏପରିକି ଦେଶର ଆଇନ୍‌ରୁ ମଧ୍ୟ ଅଧିକାର ଅଛି ଯେ ପରମେଶ୍ୱରଙ୍କ ସେହି

ଗୃହକୁ ସଠିକ୍ ସ୍ଥାନ କରାଯାଉ । ଏବଂ ଯେକେହି ସେହିପରି ଜଣେ ଦୀକନ୍‌ର ବିରୁଦ୍ଧାଚରଣ କରନ୍ତି, ସେ ଦୁଇରୁ ଦଶ ବର୍ଷ ଯାଏଁ ସଂଘିୟ କାରାଗାରରେ—ରେ ଦଣ୍ଡ ପାଇଁ ଦାୟୀ ହେବ । ଯଦି ଆପଣ ସେମାନଙ୍କୁ ଯିବାକୁ କୁହନ୍ତି ଏବଂ ସେମାନେ ତାହା କରନ୍ତି ନାହିଁ, କିମ୍ବା ସେହିପରି କିଛି, ବିଶୃଙ୍ଖଳିତ ଆଚରଣ କରୁଥିବା କୌଣସି ବ୍ୟକ୍ତି, ସେ ଜାଣନ୍ତି ନାହିଁ ଯେ ସେ କଅଣ କରୁଛନ୍ତି…ସେ ନିଜକୁ ଦାୟୀ କରୁଛନ୍ତି, କିମ୍ବା ସମସ୍ତ ପ୍ରକାରର ଜରିମାନା, ଯେକୌଣସି ବିଷୟ ପାଇଁ ନିଜକୁ ଦାୟୀ କରୁଛନ୍ତି ।

62 ଏବଂ ତାହାପରେ ଯଦି ଏହା ଏପରି ଏକ ସ୍ଥାନକୁ ଆସେ ଯେ କେହି ଜଣେ…ବର୍ତ୍ତମାନ, ଯେପରିକି…ଏବଂ ଯଦି କେହି ଡେଇଁପଡନ୍ତି ଏବଂ ବିଶୃଙ୍ଖଳିତ ହୁଅନ୍ତି…ଯେପରିକି ବୋଧହୁଏ ପରଭାଷାରେ କଥା କହିବା କିମ୍ବା ସେପରି କିଛି, ତେବେ ମୁଁ ତାହା ସପକ୍ଷରେ ଯାଏ ନାହିଁ । ଦେଖନ୍ତୁ, ସେମାନଙ୍କୁ ଯିବାକୁ ଦିଅନ୍ତୁ, କାରଣ ଯଦି ସେମାନେ ଅପରିଚିତ ଅଟନ୍ତି । ଯଦି ସେମାନେ ଆମର ନିଜର ଲୋକ ଅଟନ୍ତି, ତେବେ ହେବାକୁ ଦିଅନ୍ତୁ, ପରଦିନ ରାତିରେ, ଆପଣ ଦୀକନ୍‌ମାନେ ଏହି ଟେପ୍‌କୁ ନିଅନ୍ତୁ, ଏବଂ କୁହନ୍ତୁ, "ବର୍ତ୍ତମାନ, ଆମେ ସେବା ଆରମ୍ଭ କରିବା ପୂର୍ବରୁ ଆମେ ମଣ୍ଡଳୀର ପ୍ରବନ୍ଧଗୁଡିକ ଚଲାଇବାକୁ ଯାଉଅଛୁ, ମୁଁ ଚାହେଁ ଯେ ସମସ୍ତେ ଏହାକୁ ବୁଝନ୍ତୁ ।" ଏବଂ ଆପଣ ପାଳକମାନେ ଏବଂ ଆପଣ ସମସ୍ତେ ସେହିପରି ଭାବରେ ଏକତ୍ର କାର୍ଯ୍ୟ କରିପାରନ୍ତି ।

**223. ତେବେ, ଭାଇ ବ୍ରାନହାମ୍, ରବିବାର ଶ୍ରେଣୀର ଶିକ୍ଷା ବିଷୟରେ କଅଣ ଅଟେ? ଭାଇ ବ୍ରାନହାମ୍, ରବିବାର ଶ୍ରେଣୀର ଶିକ୍ଷା ବିଷୟରେ** (ଠିକ୍ ଅଛି), **କଅଣ ଏହା ପ୍ରଚାର ସେବା ପୂର୍ବରୁ ହେବା ଉଚିତ୍ କି?**

63 ହଁ, ଆମେ ସବୁବେଳେ ସେହିପରି ହିଁ କରିଆସିଛୁ । ପ୍ରଚାର ସେବା ପୂର୍ବରୁ ରବିବାର ଶ୍ରେଣୀର ଶିକ୍ଷା କରିଥାଉ । ଏବଂ ଏହା ରବିବାର ଶ୍ରେଣୀର ଶିକ୍ଷାକୁ ଆସୁଥିବା ସାନ ସାନ ପିଲାମାନଙ୍କୁ, ସେମାନଙ୍କର ଶ୍ରେଣୀକୁ ବରଖାସ୍ତ କରିବାର ଏକ ସୁଯୋଗ ଦେଇଥାଏ । ଏବଂ ଯଦି—ଏବଂ ଯଦି ସେମାନେ ଚାହାଁନ୍ତି…ଏବଂ ସେହି ସାନ ପିଲାମାନେ ଏହାକୁ ନ ବୁଝନ୍ତି, ଏବଂ ସେମାନଙ୍କୁ ପ୍ରଚାର ସେବାର ସବୁ ସମୟ ବସି ରହିବାକୁ ପଡ଼ିଥାଏ ଆଉ ତାହାପରେ ରବିବାର ଶ୍ରେଣୀର ଶିକ୍ଷା କରିବାକୁ ପଡ଼ିଥାଏ, ସେହି ସାନ ପିଲାମାନେ ଥକି ଯାଇଥାନ୍ତି । ରବିବାର ଶ୍ରେଣୀର ଶିକ୍ଷା ପ୍ରଥମେ ହେଉ, ଏକ ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ, କେବଳ ସେହି ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ରବିବାର ଶ୍ରେଣୀର ଶିକ୍ଷା ଆରମ୍ଭ କରନ୍ତୁ । ରବିବାର ଶ୍ରେଣୀର ଅଧୀକ୍ଷକଙ୍କୁ ତାହା ଲକ୍ଷ୍ୟ କରିବା ଉଚିତ୍, ଯେ ଏହି ରବିବାର ଶ୍ରେଣୀର ଶିକ୍ଷା ଏକ ନିର୍ଦ୍ଦିଷ୍ଟ ସମୟରେ, ଏକ ସ୍ଥିରିକୃତ ସମୟରେ ଆରମ୍ଭ ହୁଏ । ଏବଂ ଏହା ଏକ ନିର୍ଦ୍ଦିଷ୍ଟ ସମୟରେ ବରଖାସ୍ତ କରାଯାଏ । ସମସ୍ତ ରବିବାର ଶ୍ରେଣୀର ଶିକ୍ଷା, ତାହାପାଇଁ ଯଥେଷ୍ଟ ସମୟ ନିର୍ଦ୍ଧାରିତ କରନ୍ତୁ, ଏବଂ ତାହାପରେ ବରଖାସ୍ତ କରନ୍ତୁ ।

**224. ପାଳକ ବ୍ୟତୀତ ଅନ୍ୟ କେହି ବୟସ୍କ ଶ୍ରେଣୀର ଶିକ୍ଷକ ହେବା ଉଚିତ୍ କି?**

64 ଯଦି ଏହା ତାହା ଅଟେ ତେବେ ସହମତ । ଯଦି ପାଳକ ରବିବାର ଶ୍ରେଣୀର ଶିକ୍ଷା ଦେବାକୁ ଚାହୁଁଛନ୍ତି ଏବଂ ତାହାପରେ ବାର୍ତ୍ତା ଆଣିବାକୁ ଚାହୁଁଛନ୍ତି, ତାହା ଖୁବ୍ ଉତ୍ତମ ଓ ଭଲ ଅଟେ ଯଦି ସେ ଦୁଇ ଥର ସେବା କରିବାକୁ ଚାହାଁନ୍ତି । ମାତ୍ର ଯଦି ସେ ନ ଚାହାଁନ୍ତି, ତେବେ ଆପଣ ନିଜର ବୟସ୍କ ରବିବାର ଶ୍ରେଣୀର ଶିକ୍ଷକଙ୍କୁ ନିଅନ୍ତୁ, ଦେଖନ୍ତୁ, ଆପଣଙ୍କର ବୟସ୍କ ଶ୍ରେଣୀ ପାଇଁ । ଏବଂ ତାହାପରେ ଯଦି—ଯଦି ପାଳକଙ୍କ ମନରେ ଅନ୍ୟ କେହି ଅଛନ୍ତି, ଏବଂ ସେହି ବ୍ୟକ୍ତି ତାହା କରିବାକୁ ଚାହୁଁଛନ୍ତି, ତେବେ ନିଜକୁ ତିରିଶ ମିନିଟ୍ ଦିଅନ୍ତୁ, କିମ୍ବା ଆପଣ ଯାହାକିଛି ନିଜର ରବିବାର ଶ୍ରେଣୀର ଶିକ୍ଷା ନିମନ୍ତେ ଦେବାକୁ ଯାଉଛନ୍ତି, ତିରିଶ କିମ୍ବା ପଇଁ-ତିରିଶ, ଚାଳିଶ ମିନିଟ୍, ତାହା ଯାହାକିଛି ବି ଅଟେ ।

65 ଏବଂ ଏଠାରେ ଏକ ଘଣ୍ଟି ରଖାଯିବା ଉଚିତ୍ । ଏବଂ ଯେତେବେଳେ ସେହି ଘଣ୍ଟି ବଜା ହୁଏ, ତାହାର ଅର୍ଥ...କିମ୍ବା ସେହି ଗୀର୍ଜାର ଘଣ୍ଟି, ଯେତେବେଳେ ଏହା ବାହାରେ ବଜା ହୁଏ, ତାହା ରବିବାର ଶ୍ରେଣୀର ଶିକ୍ଷାକୁ ବରଖାସ୍ତ କରାଯିବା ଅଟେ । ଏବଂ ଯେତେବେଳେ ସେହି ଘଣ୍ଟି ବାଜେ, ତାହାର ଅର୍ଥ ହେଉଛି ସେଠାରେ ସବୁକିଛି ବିଷୟ ଶୃଙ୍ଖଳାରେ ଆସିଯାଉ ।

66 ତେବେ ସେଠାରେ ଗୋଟିଏ କିମ୍ବା ଦୁଇଟି ଭଜନ ପାଇଁ ଏତେ ସମୟ ରହିବ, ଯାହାକିଛି ବି ଆପଣ ଗାଇବାକୁ ଯାଉଛନ୍ତି । ବହୁତ ଅଧିକ ସମୟ ନୁହେଁ, ଦେଖନ୍ତୁ, ଆପଣ ଲୋକମାନଙ୍କୁ ଅଧିକ ସମୟ ଅଟକାଇ ରଖି ସେମାନଙ୍କୁ ଥକାଇ ଦେବେ । ଏବଂ କେବଳ ଘଣ୍ଟି ବଜାଇ ଦିଅନ୍ତୁ, ଏକ ଭଜନ ଗାଆନ୍ତୁ ଏବଂ ଆପଣ ଯାହାକିଛି କରିବାକୁ ଯାଉଛନ୍ତି ତାହା କରନ୍ତୁ, ଏବଂ ତାହାପରେ ନିଜର ଶ୍ରେଣୀଗୁଡିକୁ ସେହି ସ୍ଥାନକୁ ପଠାଇ ଦିଅନ୍ତୁ । ଏବଂ ତୁରନ୍ତ ଯେତେବେଳେ ସେହି ସମୟ ଉପସ୍ଥିତ ହୁଏ, ଧରନ୍ତୁ ଏହା ଦଶଟାରେ—ରେ ହେବାକୁ ଯାଉଅଛି, କିମ୍ବା ଦଶଟା-ତିରିଶରେ, କିମ୍ବା ଦଶଟା-ପନ୍ଦରରେ, ଏହା ଯାହାକିଛି ବି ଅଟେ, ସେହି ଘଣ୍ଟିକୁ ବଜାନ୍ତୁ ଏବଂ ପ୍ରତ୍ୟେକ ଶିକ୍ଷକ ସେମାନଙ୍କର ଶ୍ରେଣୀକୁ ବରଖାସ୍ତ କରନ୍ତୁ, ଏଠାରେ ଦର୍ଶକବୃନ୍ଦଙ୍କ ନିକଟକୁ ଆସିଯାଆନ୍ତୁ । ଆଉ ତାହାପରେ...ଏବଂ ବିବରଣୀ ଦିଅନ୍ତୁ, ରବିବାର ଶ୍ରେଣୀର ଶିକ୍ଷା ବିବରଣୀକୁ, ଏବଂ ତାହାପରେ ସମ୍ପୂର୍ଣ୍ଣ ବିଷୟକୁ ବରଖାସ୍ତ କରିଦିଅନ୍ତୁ, ଏବଂ ପ୍ରଚାର ସେବା ନିମନ୍ତେ ରହିବାକୁ ଚାହୁଁଥିବା ସମସ୍ତେ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ରୁହନ୍ତୁ । ଦେଖନ୍ତୁ, ତେବେ ଯାଇ ଏହା ଶୃଙ୍ଖଳାରେ ଅଟେ ।

> ପ୍ରଶ୍ନ? **କିପରି ମା-...**[ଜଣେ ଭାଇ କୁହନ୍ତି, **"ଏବଂ ତାହାପରେ କଅଣ ଆମର ଏକ ବିଭାଜିତ ଶ୍ରେଣୀ ହେବ, ଅନ୍ୟ ଅର୍ଥରେ?"**—ସମ୍ପା ।]

67 ଓଃ, ହଁ, ଆପଣଙ୍କର ରହିବା ଉଚିତ୍ । ଜଣେ—ଜଣେ ତିନି-ବର୍ଷ-ବୟସର ପିଲା ତାହା ବୁଝିପାରିବ ନାହିଁ ଯାହା ଜଣେ ଚଉଦ-ବର୍ଷ-ବୟସର ବାଳକ ବୁଝିବ । ମୁଁ ଭାବୁଛି ମୁଁ ତାହା ଟିକିଏ ଅଧିକ ଦୂରକୁ ନେଇଗଲି ।

**225. ସେଠାରେ କେତୋଟି ଶ୍ରେଣୀ ରହିବା ଉଚିତ୍?**

68 ଆପଣଙ୍କୁ ନିଜର ଶ୍ରେଣୀଗୁଡିକୁ ରଖିବା ଉଚିତ୍...ଯେପରିକି ଏକ ଅତି ଛୋଟ ଶ୍ରେଣୀଟିଏ ଯାହାକି କାହାଣୀ କହୁଥିବା ବୋର୍ଡ ପାଇବାକୁ ଚାହେଁ, ତାହା ଜଣେ ଚଉଦ-ବର୍ଷ-ବୟସର ବାଳକ ବା ବାଳିକା ପାଇଁ ବହୁତ ଅଧିକ ଅଟେ। ବୁଝିଲେ? ଆପଣଙ୍କ ପାଖରେ ସେହି ଛୋଟ ଶିଶୁମାନଙ୍କର ଶ୍ରେଣୀ ନେବା ପାଇଁ କେହି ରହିବା ଉଚିତ୍, କୌଣସି ବୃଦ୍ଧ ମାଆ କିମ୍ବା ଏପରି କେହି ଯିଏକି ଜାଣନ୍ତି ଯେ ସେମାନଙ୍କର ଯତ୍ନ କିପରି ନେବାକୁ ଅଛି। ଅନ୍ୟ ଶ୍ରେଣୀଗୁଡିକ, ମୁଁ ଭାବୁଛି, କେହି ଜଣେ ରହିବା ଉଚିତ ଯିଏକି ବାକ୍ୟ ଉପସ୍ଥାପନ କରିବା ନିମନ୍ତେ ଅଧିକ ସକ୍ଷମ ଅଟନ୍ତି। ବୁଝିଲେ? ଏବଂ ସେଠାରେ ଶ୍ରେଣୀମାନ ରହିବା ଉଚିତ୍। ବର୍ତ୍ତମାନ କହିବାକୁ ଗଲେ, ସେଠାରେ ରହିବେ ଯେପରିକି ଗୋଟିଏ ଶ୍ରେଣୀ ସେଥିରୁ ହେବ... ଅତି କମରେ ତିନୋଟି ଶ୍ରେଣୀ।

69 ସେଠାରେ ଅତି ଛୋଟ ଶିଶୁମାନଙ୍କ ପାଇଁ ଶ୍ରେଣୀ ରହିବା ଉଚିତ୍, ସେଠାରେ ପ୍ରାୟଃ ପାଞ୍ଚ ବର୍ଷ ବୟସରୁ ହେବା ଉଚିତ୍। ଏବଂ ତାହାଠୁ କମ୍ ବୟସର ଅନ୍ୟ ସମସ୍ତଙ୍କୁ ମାଆ ସହିତ ରଖିବା ଉଚିତ୍, ଏବଂ ପ୍ରଚାର ଚାଲୁଥିବା ସମୟରେ—ରେ ଯଦି ଏହା ଆବଶ୍ୟକ ହୁଏ ତେବେ ଶିଶୁଗୃହଙ୍କୁ ନେବା ଉଚିତ୍, ଯଦି ସେମାନେ ପାଟି ତୁଣ୍ଡ କରନ୍ତି। ତାହା ପାଇଁ ତ ସେଠାରେ ଶିଶୁଗୃହ ରହିଛି।

70 ଏବଂ ମୁଁ ଭାବୁଛି ଯେ ସେହି—ସେହି ଶ୍ରେଣୀଗୁଡ଼ିକ ପ୍ରାୟଃ ପାଞ୍ଚ କିମ୍ବା ଛଅ ବର୍ଷର ଛୋଟ ଶିଶୁମାନଙ୍କଠୁ ଆରମ୍ଭ କରି, ଆଠ କିମ୍ବା ନଅ, ଦଶ ପର୍ଯ୍ୟନ୍ତ, ସେହିପରି କିଛି ଭାବରେ ବ୍ୟବସ୍ଥା କରାଯିବା ଉଚିତ୍। ଏବଂ ତାହାପରେ ଦଶ ବର୍ଷରୁ ଆରମ୍ଭ କରି ପନ୍ଦର ପର୍ଯ୍ୟନ୍ତ ସେହି—ସେହି କିଶୋରାବସ୍ଥା ଶ୍ରେଣୀରେ ରହିବା ଉଚିତ୍। ଏବଂ ତାହାପରେ ପନ୍ଦର ବର୍ଷରୁ ଅଧିକ ବୟସ୍କ ଶ୍ରେଣୀ ରହିବ, 'କାରଣ ସେମାନେ...ଯଦି ସେମାନେ ଯଥେଷ୍ଟ ବୟସ୍କ ଅଟନ୍ତି ତାହା କରିବାକୁ—କୁ...ଆଜିକାଲି ତ ସେମାନେ ଏକ ଚାକିରି ପାଇପାରନ୍ତି ଏବଂ ସେମାନେ ସେହି ବୟସରେ ପ୍ରାୟଃ, ମତଦାନ କରିବାକୁ ଚାହୁଁଛନ୍ତି; ତେଣୁ ସେମାନେ—ସେମାନେ ବାକ୍ୟ ଶୁଣିବାକୁ ସମର୍ଥ ହେବା ଉଚିତ୍, ମାତ୍ର ମୁଖ୍ୟ ପ୍ରେକ୍ଷାଳୟକୁ ଆସିଯାଆନ୍ତୁ ଏବଂ ତାହା ପ୍ରାପ୍ତ କରନ୍ତୁ।

## 226. କେଉଁମାନେ ଶିକ୍ଷକ କିଏ ହେବା ଉଚିତ୍?

71 ସେଠାରେ ଆପଣ ଅଛନ୍ତି, ଏହା ଆପଣଙ୍କ ଉପରେ ନିର୍ଭର କରେ ଯେ ଆପଣ ନିଜର ଶିକ୍ଷକମାନଙ୍କ ପାଇଁ ମତଦାନ କରନ୍ତୁ। ଏବଂ ଆପଣଙ୍କୁ ତାହା କରିବା ଉଚିତ୍, ସେମାନଙ୍କୁ ସେଠାରେ ରଖନ୍ତୁ, କାହାରିକୁ ନେଇ ଆସନ୍ତୁ। ଏବଂ ମଣ୍ଡଳୀ ସହିତ ସାକ୍ଷାତ କରନ୍ତୁ, ଏବଂ କୁହନ୍ତୁ, “କିଏ...କିଏ ଏଠାରେ ପ୍ରଭୁଙ୍କର ଚାଳନାକୁ ଅନୁଭବ କରୁଛନ୍ତି?” ଏବଂ ତାହାପରେ ଜଣେ ଯୋଗ୍ୟ ଶିକ୍ଷକକୁ ନେଇ ଆସନ୍ତୁ। ଏବଂ ତାହାପରେ ଏହା କରାଯାଉ। ଭାଇମାନେ, ଏହା ସମ୍ପୂର୍ଣ୍ଣରୂପେ କାମ ହେବା ଆବଶ୍ୟକ। ଯଦି ସେହି ଶିକ୍ଷକ ଏଥିରେ ଯୋଗ୍ୟ ହୋଇପାରୁ ନାହାଁନ୍ତି, ତେବେ ଶିକ୍ଷକମାନଙ୍କୁ ପରିବର୍ତ୍ତନ କରନ୍ତୁ।

72 ଯେତେବେଳେ ସମୟ ଆସେ, ପରମେଶ୍ୱରଙ୍କ ଅଧୀନରେ, ଯଦି ମୁଁ ଏପରି ଅନୁଭବ କରେ ଯେ ଓର୍ମାନ ନେଭିଲ ଏଠାରେ ପାଳକ ହେବା ପାଇଁ ଆଉ ଯୋଗ୍ୟ ହୋଇପାରନ୍ତି ନାହିଁ, ମୁଁ ଏହାକୁ ମଣ୍ଡଳୀ ନିକଟରେ ଉଲ୍ଲେଖ କରିବାକୁ ଯାଉଅଛି । ଯେତେବେଳେ ମୁଁ ଏଠାରେ ଗୋଟିଏ ବିଷୟ ଦେଖେ, ଭାବନ୍ତୁ ଯେ ଆପଣ ଦୀକନ୍‌ମାନେ ଦୀକନ୍ ହେବା ନିମନ୍ତେ ଯୋଗ୍ୟ ହୋଇପାରନ୍ତି ନାହିଁ, ମୁଁ ଏହାକୁ ମଣ୍ଡଳୀ ନିକଟରେ ଉଲ୍ଲେଖ କରିବାକୁ ଯାଉଅଛି, ଯେ, "ମୁଁ ପାଇଲି ଯେ ଏଠାରେ ଜଣେ ନିର୍ଦ୍ଦିଷ୍ଟ ଦୀକନ୍ ଅଛନ୍ତି ଯିଏକି ଏପରି କିଛି କାର୍ଯ୍ୟ କରୁଛନ୍ତି ଯାହାକି ତାଙ୍କୁ କରିବା ଉଚିତ୍ ନୁହେଁ, ଏବଂ ସେ ତାଙ୍କର କର୍ତ୍ତବ୍ୟ ନିର୍ବାହ କରନ୍ତି ନାହିଁ," ଏବଂ ସେହିପରି ପ୍ରଭୃତି, କିମ୍ବା ଜଣେ ଟ୍ରଷ୍ଟି କିମ୍ବା ଏହା ଯାହାକେହି ବି ଅଟେ । ମୁଁ ଏହାକୁ ମତଦାନ କରି ଭିତରକୁ କିମ୍ବା ବାହରକୁ କରିପାରେ ନାହିଁ, ତାହା ତ ମଣ୍ଡଳୀକୁ କରିବାକୁ ଅଛି, ମାତ୍ର ମୁଁ ନିଶ୍ଚିତ ଭାବରେ ଏହାକୁ ମଣ୍ଡଳୀ ସମ୍ମୁଖରେ ଉପସ୍ଥାପନ କରିବାକୁ ଯାଉଅଛି । ଦେଖନ୍ତୁ, କାରଣ ଏହାହିଁ ଅଟେ ଯାହାକି ତାହା କରିବା ଉଚିତ୍ । ପର୍ଯ୍ୟବେକ୍ଷକ ଭାବରେ, ତାହାହିଁ ଅଟେ ଯାହାକି ମୋତେ ହେବା ଉଚିତ୍, ମୋତେ ତାହା ଦେଖିବାକୁ ଓ ଲକ୍ଷ୍ୟ କରିବାକୁ ଅଛି ଯେ କଅଣ ହେଉଅଛି । ଆମେମାନେ ସ୍ୱର୍ଗକୁ ଯାଉଅଛୁ, ଏଠାରେ କୌଣସି ସ୍ଥାନରେ ଏକ ଜନ ସମାବେଶରେ କିମ୍ବା କିଛି ଗୋଟାଏ ମଜା କରିବା ପାଇଁ ନୁହେଁ ଏବଂ ପରସ୍ପର ଉପରେ ଦୌଡିବା ପାଇଁ ନୁହେଁ, ଏବଂ ବେସବଲ୍ ଖେଳିବା ପାଇଁ ନୁହେଁ । ଆମେ ଏଠାରେ ପୃଥିବୀର ସବୁଠାରୁ ଅନୁଗ୍ରହକାରୀ ବିଷୟକୁ, ପରମେଶ୍ୱରଙ୍କ ବାକ୍ୟକୁ ପରିଚାଳନା କରୁଅଛୁ, ଏବଂ ଏହାକୁ ଏକ ଈଶ୍ୱରୀୟ କ୍ରମରେ ହେବା ଉଚିତ ।

**ଶିକ୍ଷକ କିଏ ହେବା ଉଚିତ୍?**

73 ସେମାନଙ୍କୁ ବାଛିବା ଏହା ଆପଣଙ୍କ ଉପରେ ନିର୍ଭର କରେ । କିନ୍ତୁ ମୁଁ ନେବି, ଶିଶୁମାନଙ୍କ ପାଇଁ, ମୁଁ ଜଣେ ବୃଦ୍ଧ ମହିଳାଙ୍କୁ ନେବି, ଏପରି ଯିଏକି ତାହା କରିପାରିବେ । ମାତ୍ର କିଶୋରମାନଙ୍କ ପାଇଁ, ମୁଁ ଏପରି କୌଣସି ଶିକ୍ଷକଙ୍କୁ ନେବି ଯିଏକି କଡା ଅଟନ୍ତି, ଏବଂ ଏପରି ନୁହେଁ ଯିଏକି କେବଳ ଏଠାକୁ ଯାଆନ୍ତି ଏବଂ ନିଆଁରେ ପୋଡା ରୋଷେଇକୁ ଖାଆନ୍ତି । ଯଦି ସେମାନେ ଏକ ନିଆଁରେ ପୋଡା ରୋଷେଇକୁ ଖାଇବାକୁ ଇଚ୍ଛା କରନ୍ତି ତାହା ଠିକ୍ ହେବ, କିନ୍ତୁ କେବଳ ସେହି ବିଷୟକୁ ସମସ୍ତକିଛି ଦେଇ ଦେବା...ଏହାକୁ ବାକ୍ୟରେ ରଖନ୍ତୁ, ଏପରି କେହି ଯିଏକି ବାକ୍ୟ ଧରିବାକୁ ସକ୍ଷମ ଅଟନ୍ତି । ଏବଂ ଏହା ହେବାକୁ ଯାଉଅଛି, ଏହି ମଣ୍ଡଳୀ ତାହା ପାଇଁ ଛିଡ଼ା ନୁହେଁ...ନିଆଁରେ ପୋଡା ରୋଷେଇ ସବୁ ଠିକ୍ ଅଛି, ଏବଂ—ଏବଂ ଛୋଟ ଆମୋଦଜନକ ଭୋଜି ଯାହାକି ଆପଣ ଏକାଠି ଯିବାକୁ ଓ ସହଭାଗୀତା କରିବାକୁ ଚାହାଁନ୍ତି, ତାହା ଠିକ ଅଛି, ତାହା—ତାହା ଏହା ଅଟେ ଯାହାକି ଆପଣ ପିଲାମାନଙ୍କୁ ମନୋରଞ୍ଜନ କରାଇବା ପାଇଁ କରିବା ଉଚିତ୍ । ମାତ୍ର *ଏଠା*ରେ ଏହି ସ୍ଥାନରେ, ଏହା ହେଉଛି ପରମେଶ୍ୱରଙ୍କ ବାକ୍ୟ । ନିଆଁରେ ପୋଡା ରୋଷେଇ ତ ସେତେବେଳେ ଅଟେ ଯେତେବେଳେ ଆପଣ ଏକାଠି ହୁଅନ୍ତି, କିମ୍ବା ସେହିପରି କିଛି କରନ୍ତି, ମାତ୍ର ପରମେଶ୍ୱରଙ୍କ ଏହି ଘରେ ନୁହେଁ । ଏବଂ ଏଗୁଡିକ ଜାଣନ୍ତୁ, ଅବଶ୍ୟ ଆମେ ଜାଣୁ ଯେ ଆମେ ଏଠାରେ ଏହି ଆମୋଦଜନକ ପ୍ରୀତିଭୋଜିର—

ର—ର ଏହି ମୂର୍ଖତା ଉପରେ ବିଶ୍ୱାସ କରୁନାହୁଁ ଏବଂ ଏଠାରେ ଆଖପାଖରେ ଚାଲୁଥିବା ଏହିପରି ସମସ୍ତ ବିଷୟରେ, ଆମେ—ଆମେ...ଆପଣ ତାହାଠାରୁ ଉତ୍ତମ ଜାଣନ୍ତି।

### 227. ରବିବାର ଶ୍ରେଣୀର ଶିକ୍ଷାକୁ ଶୃଙ୍ଖଳାରେ ରଖିବା ନିମନ୍ତେ ତାହା ଉପରେ କିଏ ରହିବା ଉଚିତ୍?

74 ରବିବାର ଶ୍ରେଣୀ ଅଧୀକ୍ଷକ। ଏବଂ ତାହାହିଁ ହେଉଛି ଯାହାକି ତାଙ୍କର କାମ ଅଟେ। ଦୀକନ୍, ଟ୍ରଷ୍ଟି, ପାଳକ କିମ୍ବା ଅନ୍ୟ କାହାରି ସହିତ ତାଙ୍କର କୌଣସି ସମ୍ପର୍କ ରହିବା ଉଚିତ୍ ନୁହେଁ, ତାଙ୍କର ତ ନିଜର ଏକ କାର୍ଯ୍ୟାଳୟ ଅଛି। ଆପଣଙ୍କର ରବିବାର ଶ୍ରେଣୀ ଶିକ୍ଷକ ଯିଏ ବି ହେଉନ୍ତୁ, ମୁଁ ଜାଣେ ନାହିଁ। କିନ୍ତୁ ସେହି ରବିବାର ଶ୍ରେଣୀ ଶିକ୍ଷକକୁ ଏହା ଦେଖିବାକୁ ଅଛି ଯେ ପ୍ରତ୍ୟେକ ଶ୍ରେଣୀ ନିଜ ନିଜ ସ୍ଥାନରେ ରୁହନ୍ତି, ଏବଂ ପ୍ରତ୍ୟେକ ଶିକ୍ଷକ ଉପସ୍ଥିତ ହୋଇଥାନ୍ତି, ନତୁବା ସେହି ଶିକ୍ଷକ ସ୍ଥାନରେ ଅନ୍ୟ ଶିକ୍ଷକଙ୍କୁ ବଦଳାଇ ଦେବା ଯଦି ସେମାନେ ସେହି ଦିନ ପାଇଁ ସେଠାରେ ନାହାଁନ୍ତି।

75 ତାହାପରେ ଠିକ୍ ରବିବାର ପୂର୍ବରୁ...ଯେତେବେଳେକି ସେହି—ସେହି ଶିକ୍ଷାଗୁଡିକ ଚାଲିଥାଏ, ସେହି ରବିବାର ଶ୍ରେଣୀ ଅଧୀକ୍ଷକଙ୍କୁ ସେଠାରେ ଯାଇ ନୈବେଦ୍ୟଗୁଡିକୁ ଗ୍ରହଣ କରିବାକୁ ଅଛି ଯାହା ସେମାନେ ସେଠାରେ ଦାନ ଦେଇଥାନ୍ତି (ସେମାନଙ୍କର ରବିବାର ଶ୍ରେଣୀର ସଂଗ୍ରହଗୁଡିକ), ଏବଂ କେତେଜଣ ଉପସ୍ଥିତ ଥିଲେ, ଏହି ଶ୍ରେଣୀରେ କେତେ ବାଇବଲ ଥିଲା ତାର ବିବରଣୀ, ଏବଂ ଅନ୍ୟାନ୍ୟ ପ୍ରଭୃତି, ଏବଂ ଏହାର ଏକ ବିବରଣୀ ପ୍ରସ୍ତୁତ କରିବାକୁ ଅଛି। ଏବଂ ତାହାପରେ ଠିକ୍ ପ୍ରଚାର ସେବା ପୂର୍ବରୁ ଦର୍ଶକବୃନ୍ଦଙ୍କ ସମ୍ମୁଖରେ ଛିଡା ହୁଅନ୍ତି, ଯେତେବେଳେ ଏହା କରିବା ପାଇଁ ତାଙ୍କୁ ସ୍ଥାନ ଦିଆଯାଏ, ଯେତେବେଳେ ରବିବାର ଶ୍ରେଣୀ ସମାପ୍ତ ହେବା ପରେ ସେମାନଙ୍କ ପାଖରେ ରବିବାର ଶ୍ରେଣୀର ବିବରଣୀ ଥାଏ, ଏହା କୁହନ୍ତି ଯେ କେତେ ଶିକ୍ଷକ, କେତେ ଉପସ୍ଥିତ ଥିଲେ, ସମଗ୍ର ରବିବାର ଶ୍ରେଣୀରେ କେତେ ସମୁଦାୟ, ସମୁଦାୟ—ସମୁଦାୟ ସମଗ୍ର ନୈବେଦ୍ୟର, ଏବଂ ସେହିପରି ପ୍ରଭୃତି। ଦୀକନ୍, ଟ୍ରଷ୍ଟି, ପାଳକ, ତାହା କରିବା ଉଚିତ ନୁହେଁ। ସେମାନଙ୍କର ଏଥି ସହିତ କିଛି କରିବାର ନାହିଁ, ତାହା ତ ହେଉଛି ରବିବାର ଶ୍ରେଣୀ ଅଧୀକ୍ଷକଙ୍କ କାମ।

76 ଏବଂ ତାହାପରେ ଯଦି ସେ ଦେଖନ୍ତି ଯେ ରବିବାର ଶ୍ରେଣୀର ଶିକ୍ଷା କିଛି ବିଷୟ ଆବଶ୍ୟକ କରେ, ତେବେ ତାଙ୍କୁ ସେଗୁଡିକୁ ସେହି—ସେଗୁଡିକୁ ସେହି ଟ୍ରଷ୍ଟି ବୋର୍ଡ ନିକଟରେ ଉପସ୍ଥାପନ କରିବାକୁ ଅଛି, ଏବଂ ଟ୍ରଷ୍ଟିମାନଙ୍କର ପ୍ରଥମେ, ଏହା ଉପରେ ଏକ ବୈଠକ ହୁଏ। ଏବଂ ତାହାପରେ ଟ୍ରଷ୍ଟିମାନେ, ଯଦି ସେମାନେ କୋଷାଧ୍ୟକ୍ଷଙ୍କ ମାଧ୍ୟମରେ ପାଆନ୍ତି, ଯେ ଯଥେଷ୍ଟ ପାଣ୍ଠି ଓ ଇତ୍ୟାଦି ଅଛି, ଯେ ତେବେ ଏହା କିଣାଯାଇପାରେ; ଯଦି ସେ ବିଷୟବସ୍ତୁ ପାଇଁ ଅନ୍ୟ କିଛି ଚାହାଁନ୍ତି, କିମ୍ବା ଏହା ଯାହାକିଛି ବି ଅଟେ, କିମ୍ବା କିଛି ବାଇବଲ ଅବା ଯାହା କିଛି, ସେମାନେ ଜଣକା ପାଇଁ ଏକ ବାଇବଲ କିଣିବାକୁ ଚାହାଁନ୍ତି, ଆପଣ ଜାଣନ୍ତି, ଯେଉଁଟାକି ଅଧିକ ଶବ୍ଦ ଖୋଜିପାରେ ଓ ସର୍ବାଧିକ ଶାସ୍ତ୍ରର ବିଷୟଗୁଡିକ ଉଦ୍ଧୃତ କରିପାରେ, କିଛି ପୁରସ୍କାର

କିମ୍ବା ସେପରି କିଛି ଯାହା ସେମାନେ ସେହିପରି ଭାବରେ ଦେବାକୁ ଯାଉଥାନ୍ତି, ଉପହାର, ଏବଂ ସେମାନେ ଏହାକୁ ମଣ୍ଡଳୀ ମାଧ୍ୟମରେ କିଣିବାକୁ ଚାହୁଁଥାନ୍ତି। ତାହାହେଲେ ଏହାକୁ ସେହି—ସେହି—ସେହି—ସେହି ଦୀକନମାନଙ୍କ ନିକଟରେ ଉପସ୍ଥାପିତ କରାଯାଉ...ଏବଂ ତାହାପରେ ସେମାନେ ଏହା ଖୋଜି ପାଆନ୍ତୁ ଯଦି ତାହା—ଯଦି ତାହା—ଯଦି ତାହା ରାଶି କୋଷପାଣ୍ଠିରେ ଅଛି କି ନାହିଁ। ବୁଝିଲେ?

77 ଏବଂ ତାହାପରେ ମୁଁ ଭାବୁଛି ଯେ ଏହା ତାହା ଉପରେ ପାଞ୍ଚୋଟି ପ୍ରଶ୍ନର ଯତ୍ନ ନିଏ।

ବର୍ତ୍ତମାନ ପରବର୍ତ୍ତୀଟିରେ, ହେଉଛି:

**228. ଭାଇ ବ୍ରାନହାମ୍, ମଣ୍ଡଳୀର ଶୃଙ୍ଖଳା ସମ୍ବନ୍ଧରେ, ଆମେ ସେହି ଉପାୟ ଅନୁସାରେ ଚାଲିବାକୁ ଚେଷ୍ଟା କରିଅଛୁ ଯାହାକି ଆମେ ନୂତନ ମଣ୍ଡଳୀର ଉତ୍ସର୍ଗୀକରଣ ବେଳେ ଦିଆଯାଇଥିବା ପ୍ରବନ୍ଧଗୁଡ଼ିକୁ ବୁଝିଅଛୁ। ଏବଂ ଏହା କରିବା ଦ୍ୱାରା, କେତେକ ଜଣ ଭ୍ରଷ୍ଟ ହୋଇଛନ୍ତି ଓ ମଣ୍ଡଳୀ ପରିତ୍ୟାଗ କରିଅଛନ୍ତି। ଏବଂ ଅନ୍ୟମାନେ ଆମେ କହୁଥିବା କୌଣସି ବି ବିଷୟକୁ ଶୁଣିବେ ନାହିଁ, ବିଶେଷକରି ପିଲାମାନେ। ଆମେ ପିତାମାତାଙ୍କ ସହିତ ସେମାନଙ୍କ ପିଲାମାନଙ୍କ ବିଷୟରେ କଥା ହୋଇଛୁ, ଏବଂ ସେମାନେ ସେମାନଙ୍କର ଯତ୍ନ ନେଉ ନାହାଁନ୍ତି। ତେବେ, କଅଣ ଆମେ ଭୁଲ ବୁଝିଅଛୁ କି? କିମ୍ବା, କଅଣ ଆମେ ଏହାକୁ ଭୁଲ ଉପାୟରେ କରୁଅଛୁ କି? ଧନ୍ୟବାଦ।**

ତେବେ ମୋତେ ଏହାର ଉତ୍ତର ଦେବାକୁ ଦିଅନ୍ତୁ ଯେତେବେଳେକି ସେଗୁଡିକ ତଳକୁ ଆସେ।

**ମଣ୍ଡଳୀର ଶୃଙ୍ଖଳା ସମ୍ବନ୍ଧରେ, ଆମେ ସେହି ଉପାୟ ଅନୁସାରେ ଚାଲିବାକୁ ଚେଷ୍ଟା କରିଅଛୁ ଯାହାକି ଆମେ ନୂତନ ମଣ୍ଡଳୀର ଉତ୍ସର୍ଗୀକରଣ ବେଳେ ଦିଆଯାଇଥିବା ପ୍ରବନ୍ଧଗୁଡ଼ିକୁ ବୁଝିଅଛୁ।**

78 ତେବେ, ତାହା ଠିକ୍ ଅଟେ, ଆପଣ ଠିକ୍ କରୁଛନ୍ତି। ତେବେ, ଏହା ଦୀକନ୍‌ମାନେ ହେବା କଥା, ମୁଁ ଭାବୁଛି, କାରଣ ଏହା ଠିକ୍ ଏଠାରେ ଅଛି, ଏହା ଏକ ଦୀକନ୍‌ର କାର୍ଯ୍ୟ ଅଟେ। ଠିକ୍ ଅଛି।

**ଏବଂ ଏହା କରିବା ଦ୍ୱାରା, ଆମେ ପ୍ରାୟତଃ ପାଇଅଛୁ...ଲୋକମାନେ ପ୍ରାୟତଃ ଆମ ଉପରେ ପାଗଳ ହୋଇଯାଆନ୍ତି।**

79 ସେମାନେ ମୋ ଉପରେ ମଧ୍ୟ, କରନ୍ତି! ସେମାନେ ଯେକୌଣସି ବ୍ୟକ୍ତି ସହିତରେ କରିବେ। ବୁଝିଲେ? ଜଣେ ବ୍ୟକ୍ତି ଯିଏକି ତାହା କରେ, ସେହି ବ୍ୟକ୍ତିଙ୍କ ସହିତ କିଛି ଗୋଟାଏ ଭୁଲ୍ ଅଛି। ସେମାନେ ପରମେଶ୍ୱରଙ୍କ ସହିତ ଠିକ୍ ନୁହଁନ୍ତି, କାରଣ ଖ୍ରୀଷ୍ଟଙ୍କ ଆତ୍ମା ଖ୍ରୀଷ୍ଟଙ୍କ ଶିକ୍ଷା, ଖ୍ରୀଷ୍ଟଙ୍କ ଗୃହ, ଖ୍ରୀଷ୍ଟଙ୍କ ଶୃଙ୍ଖଳା ଅଧୀନରେ ଅଟେ। ବୁଝିଲେ? ଏବଂ ଯେକୌଣସି ବ୍ୟକ୍ତି ଯିଏକି...କିମ୍ବା ଯେକୌଣସି ମହିଳା, କିମ୍ବା ଯେକୌଣସି ବ୍ୟକ୍ତିମାନେ, ପିଲାମାନେ, ଯିଏକି ଜଣେ ଧାର୍ମିକ ଦୀକନ୍ ଉପରେ କ୍ରୋଧିତ ହୁଅନ୍ତି ଯିଏ ସେମାନଙ୍କୁ ହେବା ପାଇଁ କହିଥାଏ...

ଏବଂ, କିମ୍ବା କୌଣସି ପିତାମାତା ଜଣେ ଦୀକନ୍ ଉପରେ କ୍ରୋଧିତ ହୁଅନ୍ତି...ବାସ୍ତବରେ, ଆମେ ଚାହୁଁ ଯେ ଏହି ମଣ୍ଡଳୀରେ ସମସ୍ତେ ଯାହାକୁ ଆମେମାନେ ପାଇପାରୁ; ମାତ୍ର ଯଦି ତାହା କେବଳ ଅନ୍ୟ କୌଣସି ସ୍ଥାନରେ ଅସୁବିଧା ସୃଷ୍ଟି କରିବ, ତେବେ ଯେପରି ଆମେ ଏହାକୁ କହିଥାଉ ସେଠାରେ ଗୋଟିଏ କଣ୍ଟା ଅଛି କିମ୍ବା "କାଠଗଦାରେ ଏକ ଠେକୁଆ," ଅଛି । ସେହି ବ୍ୟକ୍ତି ଠିକ୍ ନୁହଁନ୍ତି ।

80 ଯଦି ସେମାନେ ଚାଲିଯାଆନ୍ତି, ତେବେ କେବଳ ଗୋଟିଏ ମାତ୍ର ବିଷୟ କରିବାକୁ ଥାଏ: ସେମାନଙ୍କୁ ଯିବାକୁ ଦିଅନ୍ତୁ, ଏବଂ ସେମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ । ବୁଝିଲେ? ତାହାପରେ ବୋଧହୁଏ ଦୀକନ୍‌ମାନଙ୍କ ମଧ୍ୟରୁ କେତେକ ସେମାନଙ୍କ ମଣ୍ଡ-...କିମ୍ବା, ସେମାନଙ୍କ ଘରକୁ କିଛି ସମୟରେ ଯାଆନ୍ତି, ଏବଂ ତାହା ଖୋଜନ୍ତି ଯେ ସେମାନେ କାହିଁକି ଚାଲିଗଲେ, ଏବଂ ସେମାନଙ୍କୁ ପଚାରନ୍ତି ଯେ କଅଣ ଭୁଲ୍ ହେଲା । ତାହାପରେ, ଏବଂ ଯଦି ସେମାନେ... ଦେଖନ୍ତୁ ଯଦି ସେ ସେମାନଙ୍କୁ ପୁନଃସମନ୍ୱୟରେ ଆଣିପାରନ୍ତି କି । ଯଦି ସେମାନେ ନ ଆସନ୍ତି, ତାହାହେଲେ ନିଜ ସହିତ ଦୁଇ କିମ୍ବା ତିନିଜଣ ସାକ୍ଷୀଙ୍କୁ ସାଙ୍ଗରେ ନିଅନ୍ତୁ, ଯେପରିକି ସେମାନେ ବୁଝା ଯାଇପାରନ୍ତି । ତେବେ ଯଦି ସେମାନେ ନ ବୁଝା ଯାଇପାରନ୍ତି, ତାହାହେଲେ ଏହାକୁ ମଣ୍ଡଳୀ ସମ୍ମୁଖରେ କୁହାଯାଏ ଯଦି ସେମାନେ ଏଠାରେ ମଣ୍ଡଳୀର ସଦସ୍ୟ ଅଟନ୍ତି । ତାହାପରେ ସେମାନେ...

81 ଏବଂ ତାହାପରେ ଯଦି ସେମାନେ ମଣ୍ଡଳୀର ସଦସ୍ୟ ନୁହଁନ୍ତି, ଅବଶ୍ୟ ସେମାନେ ଏହି ସହଭାଗୀତାର ସଦସ୍ୟ ନୁହଁନ୍ତି, ସେମାନଙ୍କୁ ଶାସନ ଅଧିନରେ ଆଣିବା ନିମନ୍ତେ *ବାଧ୍ୟ* କରାଯିବା ଉଚିତ୍ । ଦେଖନ୍ତୁ, ସେମାନଙ୍କୁ—ସେମାନଙ୍କୁ ଏଠାରେ ଆମର ଆଦେଶ ଶୁଣିବାକୁ ଅଛି, କାରଣ ଏହା ମଣ୍ଡଳୀର ଆଦେଶ ଅଟେ । ଏହା ହେଉଛି ସେହି ବିଷୟଗୁଡିକ ଯାହା ଆମେ କରିବାକୁ ଚାହୁଁନାହୁଁ, ସେହି ବିଷୟମାନ ଯାହା ମୁଁ କରିବାକୁ ପସନ୍ଦ କରେ ନାହିଁ, କିନ୍ତୁ ଏହା ସେହି ବିଷୟଗୁଡିକ ଅଟେ ଯାହା କରାଯିବା ଆବଶ୍ୟକ । ଏବଂ ମୁଁ ନିଜକୁ ଉନ୍ମୋଚିତ କରୁଅଛି: ଏବଂ ସେମାନଙ୍କୁ ଏହି ଟେପ୍ ଦ୍ୱାରା ଏଠାରେ କହୁଛି, ଏହା ମୁଁ ଅଟେ, ସେମାନେ ମୋତେ କଥାବାର୍ତ୍ତା କରୁଥିବାର ଶୁଣିପାରନ୍ତି ଏବଂ ଜାଣିପାରନ୍ତି ଯେ ଏହା ମୁଁ ଅଟେ, ଆପଣ ପୁରୁଷ ନୁହଁନ୍ତି । ଆପଣ *ମୋ*ତେ ଏହି ପ୍ରଶ୍ନଗୁଡିକ ପଚାରିଛନ୍ତି, ଏବଂ ମୁଁ ଏହାକୁ ଆପଣମାନଙ୍କ ନିକଟରେ ମୋର ସର୍ବୋତ୍ତମ ଭାବରେ ପ୍ରଦାନ କରୁଅଛି ଯାହା ମୁଁ ଜାଣେ ଯେ ପରମେଶ୍ୱରଙ୍କ ବାକ୍ୟରୁ ତାହା କିପରି କରିବାକୁ ଅଛି ।

82 "ତେବେ, ଯଦି ସେହି ଲୋକମାନେ କ୍ରୋଧିତ ହୁଅନ୍ତି ଏବଂ ଆପଣଙ୍କଠାରୁ ଅଲଗା ହୋଇ ବାହାରକୁ ଚାଲିଯାଆନ୍ତି, ତେବେ ଭାଇ ବ୍ରାନହାମ୍, ଶାସ୍ତ୍ର ଏହା ବିଷୟରେ କଅଣ କୁହେ?"

83 "ସେମାନେ ଆମଠାରୁ ପୃଥକ ହୋଇଗଲେ କାରଣ ସେମାନେ ଆମମାନଙ୍କ ମଧ୍ୟରୁ ନ ଥିଲେ ।" ଏବଂ ତାହା ଏହାକୁ ସମାଧାନ କରେ । "ମଣ୍ଡଳୀ ପରିତ୍ୟାଗ କରିଥିଲେ," ତାହାହିଁ

ଥିଲା ଯାହାକି ସେମାନେ କରିଥିଲେ । ଠିକ୍ ଅଛି ।

**ଅନ୍ୟମାନେ ଆମେ କହୁଥିବା କୌଣସି ବିଷୟକୁ ଶୁଣିବେ ନାହିଁ, ବିଶେଷକରି ପିଲାମାନେ ।**

84 ପିଲାମାନେ ଅନୁଶାସନ ଜାଣିବା କଥା, ସେମାନେ ଏହାକୁ ଘରେ ପ୍ରାପ୍ତ କରିବା ଉଚିତ୍ । କିନ୍ତୁ ଯଦିଓ ଏହା ମୋର ଅଟନ୍ତି, ମୋ ପିଲାମାନେ ଏଠାରେ ଯେକୌଣସି ସମୟରେ ପ୍ରବେଶ କରନ୍ତି, ସେମାନେ ବିଶୃଙ୍ଖଳିତ ହୁଅନ୍ତି, ମୁଁ ଚାହେଁ ନାହିଁ ଯେ ଆପଣ ଗୋଟିଏ ହେଲେ ବି ହୁଗୁଳା କରନ୍ତୁ; ସାରା, ରିବିକା, ଜୋସେଫ, ବିଲି, କିମ୍ବା ଏହା ଯିଏକେହି ବି ହୋଇପାରେ । ଆପଣ ମୋତେ କୁହନ୍ତୁ, ମୁଁ ଏହାକୁ ଦେଖିବି । ଯଦି ସେମାନେ ଆଚରଣ କରିପାରୁ ନାହାଁନ୍ତି, ତେବେ ସେମାନେ ଆଚରଣ କରିବାକୁ ଶିଖିବା ସେପର୍ଯ୍ୟନ୍ତ ମଣ୍ଡଳୀଠାରୁ ଦୂରେଇ ରହିବେ ଯେପର୍ଯ୍ୟନ୍ତକି ସେମାନେ ଆଚରଣ କରିବାକୁ ନ ଶିଖିଯାଆନ୍ତି । ଏହା ଏକ ଖେଳଘର ନୁହେଁ, ଏହା ପରମେଶ୍ୱରଙ୍କ ଗୃହ ଅଟେ । ଏହା ଖେଳିବା, ସ୍କେଟ୍ କରିବା, ଏବଂ ନୋଟ୍ ଲେଖିବା, ଏବଂ ହସିବା, ଏବଂ କାଟିବା ସ୍ଥାନ ନୁହେଁ, ଏହା ପରମେଶ୍ୱରଙ୍କ ଗୃହ ଅଟେ; ଈଶ୍ୱରୀୟ ଆଚରଣ କରାଯିବା ଉଚିତ୍ ।

85 ଆପଣ ଏଠାକୁ ଉପାସନା କରିବା ନିମନ୍ତେ ଆସନ୍ତି, ପରିଦର୍ଶନ କରିବାକୁ ସୁଦ୍ଧା ନୁହେଁ । ଏହା ଏକ ନୁହେଁ—ଏହା ଏକ ମୌଜ୍ ମଜଲିସ ପଡ଼ିଆ ନୁହେଁ, ଏହା ଏକ ପରିଦର୍ଶନର ସ୍ଥାନ ନୁହେଁ; ଏହା ହେଉଛି ପବିତ୍ରଆତ୍ମାଙ୍କର ପରିଦର୍ଶନ ସ୍ଥାନ, ତାହାଙ୍କୁ କଅଣ କହିବାକୁ ଅଛି ତାହା ଶୁଣନ୍ତୁ, ପରସ୍ପରକୁ ନୁହେଁ । ଆମେ ଏଠାକୁ ପରସ୍ପର ସହିତ ସହଭାଗୀତା କରିବା ପାଇଁ ଆସୁନାହୁଁ, ଆମେ ଏଠାକୁ ଖ୍ରୀଷ୍ଟଙ୍କ ସହିତ ସହଭାଗିତା କରିବା ପାଇଁ ଆସୁଅଛୁ । ଏହା ଉପାସନାର ଗୃହ ଅଟେ । ଏବଂ ପିଲାମାନେ ଶୃଙ୍ଖଳିତ କରାଯିବା ଉଚିତ୍, ଏବଂ ଯଦି ସେମାନେ...ପିତାମାତାଙ୍କ ଦ୍ୱାରା । ଏହା ଜାଣିଥାଆନ୍ତୁ ଯେ ଯଦି ଏହି ଦୀକନ୍‌ମାନେ...ଯଦି ପିଲାମାନଙ୍କର ଏହି ପିତାମାତାମାନେ ତାହା ନ ଶୁଣନ୍ତି ଯାହାକି ଏହି ଦୀକନ୍‌ମାନେ କହୁଛନ୍ତି, ତେବେ ଏହି ପିତାମାତା ନିଜକୁ ସଂଶୋଧନ କରିବା ଉଚିତ୍ ।

**ଆମେ ପିତାମାତାମାନଙ୍କ ସହିତ ପିଲାମାନଙ୍କ ବିଷୟରେ କଥାବାର୍ତ୍ତା କରିଅଛୁ, ଏବଂ ସେମାନେ ସେମାନଙ୍କର ଯତ୍ନ ନେଉ ନାହାଁନ୍ତି ।**

86 ଯଦି ସେମାନେ ଏହି ମଣ୍ଡଳୀର ସଦସ୍ୟ ଅଟନ୍ତି, ତେବେ ଆପଣ ନିଜ ସହିତରେ ଦୁଇ ବା ତିନିଜଣଙ୍କୁ ନେବା ଉଚିତ୍ ଓ ସେହି ପିତାମାତାଙ୍କୁ ଏକ ବ୍ୟକ୍ତିଗତ ବୈଠକରେ, ଗୋଟିଏ କାର୍ଯ୍ୟାଳୟକୁ ଡାକିବା ଉଚିତ୍ । ମୁଁ ଏଥିରେ ଖାତିର କରେ ନାହିଁ ଯେ ଏହା କିଏ, ଯଦି ଏହା ମୁଁ ଅଟେ, ଯଦି ଏହା ଭାଇ ନେୱିଲ୍ ଅଟନ୍ତି, ଯଦି ଏହା ବିଲି ପଲ୍ ଅଟେ ଓ ତାଙ୍କ ସାନ ପୁଅ ଅଟେ, ଯଦି ଏହା ଭାଇ କଲିନ୍ସ ଅଟନ୍ତି ଏବଂ ତାଙ୍କର ଜଣେ ପୁଅ ଅଟନ୍ତି, କିମ୍ବା ଆପଣଙ୍କ ମଧ୍ୟରୁ ଅନ୍ୟ କେହି ଅଟନ୍ତି । ଆମେ...ଆମେ ପରସ୍ପର ଜଣେ ଅନ୍ୟକୁ ପ୍ରେମ କରୁ, କିନ୍ତୁ ଆମେ ପରମେଶ୍ୱର ଏବଂ ଏହି ବାକ୍ୟ ସହିତ କର୍ତ୍ତବ୍ୟବଦ୍ଧ ଅଟୁ । ଯଦି ଏହା ଡକ ଅଟନ୍ତି, ତେବେ...ସେ

ଯେକେହି ହୁଅନ୍ତୁ ନା କାହିଁକି, ଆମେ ପରସ୍ପର ଜଣେ ଅନ୍ୟକୁ ଡାକିବା ଉଚିତ୍ ଏବଂ ପରସ୍ପର ସହିତ ସଚ୍ଚୋଟ ରହିବା ଉଚିତ୍ । ଯଦି ଆମେ ପରସ୍ପର ଜଣେ ଅନ୍ୟ ସହିତ ସଚ୍ଚୋଟ ନୋହିବା, ତାହାହେଲେ ପରମେଶ୍ୱର କିପରି ଆମ ସହିତରେ ବ୍ୟବହାର କରିପାରନ୍ତି? ଆମେ କିପରି ତାହାଙ୍କ ସହିତ ସଚ୍ଚୋଟ ରହିବାକୁ ଯାଉଅଛି? ବୁଝିଲେ?

87 ଏହା ଏକ ପ୍ରବନ୍ଧ ଅଟେ, ଆମେ ପରମେଶ୍ୱରଙ୍କ ଗୃହକୁ ସଜାଡି ରଖିବା ଉଚିତ୍! ଏବଂ ଦୀକନ୍‌ମାନ ଏହା ଜାଣିବା ଉଚିତ୍ ଯେ ତାହା କିପରି କରିବା କଥା । ବୁଝିଲେ? ଏବଂ ସେଇଥିପାଇଁ ମୁଁ ବର୍ତ୍ତମାନ ଆପଣମାନଙ୍କୁ କହୁଅଛି, ସେହି ବିଷୟଗୁଡିକୁ ଧରି ରଖିଥାନ୍ତୁ । ଏବଂ ଯଦି ଏହା, ଆପଣ ପିତାମାତାଙ୍କୁ କୁହନ୍ତି ଏବଂ ସେମାନେ ଏହା ଶୁଣିବେ ନାହିଁ, ଏହାକୁ ଶୁଣନ୍ତି ନାହିଁ, ତାହାପରେ ଆପଣ ଅନ୍ୟ ଜଣେ ଦୀକନ୍ କିମ୍ବା ଟ୍ରଷ୍ଟିମାନଙ୍କ ମଧ୍ୟରୁ ଜଣକାକୁ, କିମ୍ବା ଏହି ମଣ୍ଡଳୀର କୌଣସି ଭଲ ବ୍ୟକ୍ତିଙ୍କୁ ନିଅନ୍ତୁ, ଏବଂ ଡାକନ୍ତୁ...ନିଜର ଟ୍ରଷ୍ଟ-...ନିଜର ଦୀକନ୍ ବୋର୍ଡ, ନିଜର ସମସ୍ତ ଦୀକନ୍‌ମାନଙ୍କୁ ଏକାଠି ନିଅନ୍ତୁ, କୁହନ୍ତୁ, "ଭାଇ ଜୋନ୍ସ, ଭାଇ ହେଣ୍ଡରସନ, ଭାଇ ଜ୍ୟାକସନ," କିମ୍ବା ଏହା ଯିଏକେହି ବି ହୋଇପାରନ୍ତି, ଦେଖନ୍ତୁ, "ସେମାନଙ୍କର ପିଲାମାନେ ଅବମାନନା କରୁଛନ୍ତି, ଆମେ ସେମାନଙ୍କୁ ସେମାନଙ୍କର ପିଲାମାନଙ୍କ ବିଷୟରେ ଦୁଇ ବା ତିନିଥର କହି ସାରିଲୁଣି, ଏବଂ ସେମାନେ ତାହା ଶୁଣୁ ନାହାଁନ୍ତି ।"

88 ତାହାପରେ ଭାଇ ଜୋନ୍ସଙ୍କୁ ଡାକନ୍ତୁ, କିମ୍ବା ଭାଇ *ଯିଏ-କେହି-ବି*, ଏବଂ କୁହନ୍ତୁ, "ଭାଇ ଜୋନ୍ସ, ଆମେ ଆପଣଙ୍କୁ ଏଠାରେ ଏକ ସଭା ପାଇଁ ଡାକିଅଛୁ । ଆମେ ଆପଣଙ୍କୁ ପ୍ରେମ କରୁ, ଏବଂ ଆମେ...ଆପଣ ଆମର ଏକ ଅଂଶ, ଆପଣ ଆମ ମଧ୍ୟରୁ ଜଣେ ଅଟନ୍ତି । ମୋତେ ଏହି ନିର୍ଦ୍ଦିଷ୍ଟ ଟେପ୍‌କୁ ଲଗାଇବାକୁ ଦିଅନ୍ତୁ ଏବଂ ଭାଇ ବ୍ରାନହାମ୍ ଏହା ବିଷୟରେ କଅଣ କହିଛନ୍ତି ଶୁଣନ୍ତୁ, ବୁଝିଲେ । ତେବେ, ଆମେ ଆପଣଙ୍କୁ ସେହି ପିଲାମାନଙ୍କର ଆଚରଣ ସୁଧାରିବା ପାଇଁ କହିଅଛୁ । ବୁଝିଲେ? ଯଦି ସେମାନେ ଆଚରଣ ନ ସୁଧାରନ୍ତି, ଏବଂ ଆପଣ ସେମାନଙ୍କୁ ମଣ୍ଡଳୀରେ ଆଚରଣ ସୁଧାରିବା ପାଇଁ ବାଧ୍ୟ କରିପାରନ୍ତି ନାହିଁ, ଆପଣ ମଣ୍ଡଳୀକୁ ଆସିବାବେଳେ ସେମାନଙ୍କୁ କାହାରି ସହିତ ଛାଡିଦିଅନ୍ତୁ ଯେପର୍ଯ୍ୟନ୍ତ କି ସେମାନେ ଏହା ଶିଖନ୍ତି ନାହିଁ ଯେ ପରମେଶ୍ୱରଙ୍କ ଗୃହରେ ନିଜକୁ କିପରି ବ୍ୟବହାର କରିବା କଥା ।" ବୁଝିଲେ? ମାତ୍ର ଏହା ଏକ ପ୍ରବନ୍ଧ ଅଟେ, ଏହାକୁ କାର୍ଯ୍ୟକାରୀ କରିବାକୁ ଅଛି! ବୁଝିଲେ?

ତେବେ, ଅନ୍ୟ ପ୍ରଶ୍ନଟି ଏହିପରି ଭାବରେ ଆସେ ।

**ତେବେ, କଅଣ ଆମେ ଭୁଲ ବୁଝିଅଛୁ କି?**

89 ନା, ମହାଶୟ । ଆପଣ ଭୁଲ୍ ବୁଝି ନାହାଁନ୍ତି, ତାହା ଠିକ୍ ଅଟେ । ମୁଁ ଏହାକୁ ପୁନର୍ବାର କହୁଅଛି, ସେହି ଆଜ୍ଞାଗୁଡିକ । ସେନାରେ, ସେମାନେ ଆପଣଙ୍କୁ ପଚାରନ୍ତି ନାହିଁ, "*କଅଣ* ଆପଣ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ଯିବେ କି?" ଯଦି ଆପଣ ସେନାରେ ଅଛନ୍ତି, ଆପଣ ଏହା କରିବାକୁ *ବାଧ୍ୟ* ଅଟନ୍ତି । ବୁଝିଲେ? ଏବଂ ସେହି ପ୍ରକାରେ ହିଁ ତାହା ସେଠାରେ ଅଟେ...ମୁଁ

ସୁସମାଚାର ପ୍ରଚାର କରିବାକୁ ବାଧ୍ୟ ଅଟେ । ମୁଁ ଏହି ବିଷୟ ପାଇଁ ଛିଡ଼ା ହେବାକୁ ବାଧ୍ୟ ଅଟେ ତାର ନିର୍ବିଶେଷରେ ଯେ ମୋର ଅନ୍ୟ ପୁରୁଷ ଏବଂ ଭାଇମାନେ ଓ ପ୍ରଭୃତି ଏହା ବିଷୟରେ କଅଣ କହୁଛନ୍ତି, ମୁଁ ଏହା କରିବାକୁ ବାଧ୍ୟ ଅଟେ । ମୋତେ ଭାବନାଗୁଡିକୁ ଆଘାତ କରିବାକୁ ପଡ଼େ ଏବଂ ପୁରୁଷମାନଙ୍କୁ କଠୋର ବକ୍ତବ୍ୟ କହିବାକୁ ପଡ଼େ, କିନ୍ତୁ ଯଦି ମୁଁ...

90 ଆପଣ ଓସୱାଲ୍ଡ ପରି ହେବାକୁ ଚାହାଁନ୍ତି ନାହିଁ । ବୁଝିଲେ? ଯଦି ଆପଣ ଜଣେ ପୁରୁଷ ଏବଂ ବିଷୟଗୁଡିକ ସହିତ ସହମତ ହୋଇପାରନ୍ତି ନାହିଁ, ଆଉ ତାହାପରେ ତାଙ୍କ ସହିତ ହାତ ମିଶାନ୍ତି ଏବଂ ତଥାପି ତାଙ୍କ ପ୍ରତି ସେହି ସମାନ ଭାବନା ରଖନ୍ତି, ତାହାହେଲେ ଆପଣଙ୍କ ସହିତ କିଛି ଗୋଟାଏ ଭୁଲ୍ ଅଛି । ଯଦି ମୁଁ ଜଣେ ବ୍ୟକ୍ତିଙ୍କ ସହିତ ସହମତ ହୋଇପାରେ ନାହିଁ (ତିକ୍ତ ଭାବରେ, ଗୋଟିଏ ପାର୍ଶ୍ୱରୁ ନେଇ ଅନ୍ୟ ପାର୍ଶ୍ୱକୁ) ଏବଂ ତଥାପି ତାଙ୍କ ବିଷୟରେ ସେତିକି ଚିନ୍ତା କରେ ଯେତିକି—ଯେତିକି ଖ୍ରୀଷ୍ଟ କରିଥାନ୍ତି, ତେବେ ସେଠାରେ ମୋର ଆତ୍ମା ସହିତ କିଛି ଗୋଟାଏ ଭୁଲ ଅଛି, ମୋ ଠାରେ ଖ୍ରୀଷ୍ଟଙ୍କର ଆତ୍ମା ନାହିଁ । ବୁଝିଲେ?

91 ଯଦି ସେ କୁହନ୍ତି, "ତେବେ, ଭାଇ ବ୍ରାନହାମ୍, ମୁଁ—ମୁଁ ବିଶ୍ୱାସ କରେ ଯେ ଆପଣଙ୍କର ଶିକ୍ଷା ହେଉଛି *ଏହା, ତାହା* ।"

92 "ଠିକ୍ ଅଛି, ଭାଇ, ଆସନ୍ତୁ ଆମେ ବାଦାନୁବାଦ କରିବା ନିମନ୍ତେ ଏକାଠି ଆସିବା, ଆପଣ ଏବଂ ମୁଁ । ଆମେ ଏହାକୁ ନିଜେ ନେବା । ଆମେ ଏଠାରେ ନିଜେ ଏକାନ୍ତରେ କୋଠରୀକୁ ଯିବା, ଆମେ ଏହାକୁ ବାଦାନୁବାଦ କରିବା ।" ଏବଂ ସେ ମୋତେ ଖଣ୍ଡ ଖଣ୍ଡ କରି କାଟି ଦିଅନ୍ତି, ଏବଂ ମୋତେ ତାଙ୍କୁ ପ୍ରତ୍ୟୁତ୍ତରରେ କିଛି କହିବାକୁ ଥାଏ । ଯଦି ମୋ ହୃଦୟରେ ମୁଁ ତାଙ୍କ ବିଷୟରେ ସେହି ସମାନ ଅନୁଭବ କରିପାରେ ନାହିଁ, ଯେ "ସେ ତଥାପି ମୋର ଭାଇ ଅଟେ ଏବଂ ମୁଁ ତାଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରୁଅଛି," ତାହାହେଲେ ମୁଁ ତାଙ୍କୁ କେବେବି ସାହାଯ୍ୟ କରିବି ନାହିଁ, ତାଙ୍କୁ ସାହାଯ୍ୟ କରିବା ପାଇଁ ମୋ ପାଖରେ ଆଉ କିଛି ଉପାୟ ହିଁ ନାହିଁ । ଯଦି ମୁଁ ତାଙ୍କୁ ଭଲ ପାଏ ନାହିଁ, ତେବେ ସେଠାକୁ ଯିବାର ଲାଭ କଅଣ? ତାଙ୍କୁ କୁହନ୍ତୁ, "ପ୍ରଥମ ସ୍ଥାନରେ ପ୍ରଥମ, ଭାଇ, ମୁଁ ଆପଣଙ୍କୁ ପ୍ରେମ କରେ ନାହିଁ, ଏବଂ ଆମେ ସେଠାକୁ ଯିବା ପୂର୍ବରୁ ମୁଁ ତାହା ନିଜ ହୃଦୟରୁ ତାହା ବାହାର କରେ, କାରଣ ମୁଁ ଆପଣଙ୍କୁ ପ୍ରେମ ନ କରିବା ଯାଏଁ ଆପଣଙ୍କୁ ସାହାଯ୍ୟ କରିପାରେ ନାହିଁ ।"

93 ଏବଂ ତାହା ଠିକ୍, ଏବଂ ତାହାହିଁ ହେଉଛି ଉପାୟ । ଦେଖନ୍ତୁ, ଏହାକୁ କରି ଚାଲନ୍ତୁ, ଆପଣ ଏହାକୁ ଅବିକଳ ଠିକ୍ ଭାବରେ କରିଛନ୍ତି, ସେହି ଉପାୟରେ ହିଁ ତାହା ହେବା ଉଚିତ । ଆପଣ ଏହାକୁ କେବେ ବି ଭୁଲ ବୁଝି ନାହାଁନ୍ତି ।

**କଅଣ ଆମେ ଏହାକୁ ଭୁଲ୍ ଉପାୟରେ କରୁଅଛୁ କି?**

94 ନା, ଏହାକୁ କରିବାର ତାହାହିଁ ସଠିକ୍ ଉପାୟ ଅଟେ । ଶୃଙ୍ଖଳାକୁ ବଜାୟ ରଖାଯାଉ! କାରଣ ଏହା ନିରନ୍ତର ଭାବରେ...ତେବେ, ସାନ ପିଲା ଏବଂ ମାଆମାନେ, ଛୋଟ ଶିଶୁ ଏବଂ ବିଷୟଗୁଡିକ, ସେମାନେ—ସେମାନେ କାନ୍ଦିବେ, ଏବଂ ଯଦି ସେମାନେ ଅଧିକ କାନ୍ଦନ୍ତି ଏବଂ

ସେଠାରେ ଆପଣଙ୍କର ପାଳକଙ୍କୁ ବାଧା ଦିଅନ୍ତି, ଆପଣ ମନେ ରଖନ୍ତୁ, ଆପଣ ତାଙ୍କର ଅଙ୍ଗରକ୍ଷୀ ଅଟନ୍ତି, ଆପଣ ତାଙ୍କର ସୁସମାଚାର ଅଙ୍ଗରକ୍ଷୀ ଅଟନ୍ତି। ବୁଝିଲେ? ଏବଂ ଯଦି ଏହା ପ୍ରଭୁଙ୍କର ବାର୍ତ୍ତାକୁ ବାଧା ଦେଉଅଛି, ତେବେ ଆପଣମାନେ ଦୀକନ୍ ଅଟନ୍ତି, ଆପଣଙ୍କୁ କଅଣ କରିବା ଉଚିତ୍? ଠିକ୍ ଯେପରି, ପରଭାଷାରେ କଥା କହୁଥିବା ବ୍ୟକ୍ତି, ସେ କର୍ତ୍ତବ୍ୟବଦ୍ଧ ଅଟେ। ଏବଂ ପ୍ରଚାର କରୁଥିବା ଜଣେ ବ୍ୟକ୍ତି, ସେ ବାକ୍ୟ ସହିତ କର୍ତ୍ତବ୍ୟବଦ୍ଧ ଅଟନ୍ତି, ସେ ଏହି ବିଷୟଗୁଡ଼ିକ ସହିତ କର୍ତ୍ତବ୍ୟବଦ୍ଧ ଅଟନ୍ତି। ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଏକ କାର୍ଯ୍ୟାଳୟ ସହିତ କର୍ତ୍ତବ୍ୟବଦ୍ଧ ଅଟନ୍ତି, ଏବଂ ତାହା—ଏବଂ ତାହା ଠିକ ତାହାହିଁ ଅଟେ ଯାହାକି ଆମେ—ଆମେ କରିବା ପାଇଁ ଏଠାରେ ଅଛୁ।

95 ବର୍ତ୍ତମାନ, ଆମେ ଅଧିକ ଲମ୍ବା ସମୟ ଅପେକ୍ଷା କରିବାକୁ ଚାହୁଁନାହୁଁ, ଏବଂ ମୁଁ ଜାଣେ ଯେ କିଛି ମିନିଟରେ ମୋର ଏକ ସାକ୍ଷାତକାର ଅଛି, ତେଣୁ ମୁଁ—ମୁଁ ଯେତେ ଶୀଘ୍ର ପାରିବି ସେତେ ଶୀଘ୍ର କରିବାକୁ ଚେଷ୍ଟା କରିବି।

**229. ଭାଇ ବ୍ରାନହାମ୍...**

ଏଠାରେ ଏହି କାର୍ଡରେ ତିନୋଟି, ଦୁଇଟି ପ୍ରଶ୍ନ ଅଛି।

**ଭାଇ ବ୍ରାନହାମ୍, ମଣ୍ଡଳୀରେ ଲୋକମାନଙ୍କ ନିମନ୍ତେ ନୈବେଦ୍ୟ ଗ୍ରହଣ କରିବାର ନୀତି କଅଣ ହେବା ଉଚିତ୍? ଏହା କିପରି କରାଯିବା ଉଚିତ୍?**

96 ମୁଁ ଭାବୁଛି ମଣ୍ଡଳୀରେ ଲୋକମାନଙ୍କ ନିମନ୍ତେ ନୈବେଦ୍ୟ ଗ୍ରହଣ କରାଯିବା ଉଚିତ୍ ନୁହେଁ ଯେପର୍ଯ୍ୟନ୍ତକି ଏହା ଆପଣଙ୍କର ପାଳକଙ୍କ ପାଇଁ ନୁହେଁ। ଏବଂ ମୁଁ ଭାବୁଛି ଯେ ଯଦି କେହି ଦାନ ପାଇଁ ଆସନ୍ତି, କିମ୍ବା ସେପରି କିଛି ପାଇଁ, ଯେ...କିମ୍ବା କେହି ଜଣେ ଅତ୍ୟନ୍ତ ଆବଶ୍ୟକତାରେ—ରେ, ଯେପରିକି ଏଠାରେ ଆମର ଜଣେ ସଦସ୍ୟ, ଆମ ମଣ୍ଡଳୀର, ଧରନ୍ତୁ ଯଦି ଆମର ଜଣେ ଭାଇ, ଏବଂ ସେମାନଙ୍କର କିଛି ଅସୁବିଧା ଅଛି; ତେବେ, ମୁଁ ଭାବୁଛି ଯେ ତାହା ମଞ୍ଚ ଉପରେ ଘୋଷଣା କରାଯିବା ଉଚିତ୍, ଏବଂ ପାଳକଙ୍କୁ ତାହା କରିବା ଉଚିତ୍, ମୁଁ ଭାବୁଛି ଯେ ଏହା କରିବା ତାଙ୍କର କର୍ତ୍ତବ୍ୟ ଅଟେ; କୌଣସି ଭାଇ ଯାହାର କିଛି ଆବଶ୍ୟକତା ଥାଏ, ସେ ଏହାକୁ ମଣ୍ଡଳୀରେ ଉପସ୍ଥାପନ କରନ୍ତୁ, ଯଦି ଏହାକୁ ସେହି ଉପାୟରେ କାର୍ଯ୍ୟକାରୀ କରିବାକୁ ଚାହାଁନ୍ତି।

97 ଯଦି ଏହା କୌଣସି ଜଣେ ଆବଶ୍ୟକତାରେ ଥିବା ବ୍ୟକ୍ତି ଅଟନ୍ତି ଏବଂ—ଏବଂ ତାହାପରେ ଆପଣ ଆବଶ୍ୟକତାରେ ଥିବା ସେହି ବ୍ୟକ୍ତିଙ୍କ ପାଇଁ ନୈବେଦ୍ୟ ଗ୍ରହଣ କରିବାକୁ ଚାହୁଁ ନାହାଁନ୍ତି, ତେବେ ବୋର୍ଡଗୁଡିକ ଏକାଠି ସାକ୍ଷାତ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ରାଶି ଉପରେ ସହମତ ହୁଅନ୍ତୁ ଯାହାକି ସେମାନେ ପାଣ୍ଠିରୁ ଏହି ବ୍ୟକ୍ତିଙ୍କୁ ଦେବାକୁ ଚାହୁଁଛନ୍ତି। କିନ୍ତୁ ଯଦି ସେହି ସମୟରେ ପାଣ୍ଠି କମ୍ ଥାଏ ଏବଂ ସେମାନେ ଏହା କରିବାକୁ ସକ୍ଷମ ନୁହଁନ୍ତି, ତେବେ ଏହାକୁ ଦାନ ସଂଗ୍ରହ କରିବାକୁ ପଡିଥାଏ, ତେବେ, ଆସନ୍ତୁ—ଆସନ୍ତୁ...ଏହାକୁ ବୋର୍ଡ ସହିତ କଥାବାର୍ତ୍ତା କରାଯାଉ, ପାଳକଙ୍କୁ ନିର୍ଦ୍ଦେଶ ଦିଆଯାଉ, ଏବଂ ପାଳକ ଏହି ନିର୍ଦ୍ଦିଷ୍ଟ

ବିଷୟ ପାଇଁ ଆଗ୍ରହ କରନ୍ତୁ । କୁହନ୍ତୁ, “ବର୍ତ୍ତମାନ, ଆଜି ରାତିରେ (ଆମର ଭାଇ ଜୋନ୍ସ, ତାଙ୍କର ଏକ—ଏକ ଭୟଙ୍କର ଦୁର୍ଘଟଣା ହୋଇଅଛି, ତାଙ୍କର ଘର ଜଳିଯାଇଛି ।), ଏବଂ ଆଜି ରାତିରେ, ଖ୍ରୀଷ୍ଟିଆନ ଭାବରେ, ଆମେ ଏକାଠି ଯାଉଅଛୁ, ଯେ ଆମେମାନେ ପ୍ରତ୍ୟେକ ଜଣ ତାହା ବିଷୟରେ ପ୍ରତିଶୃତି କରିବା ଯାହା ଆମେ ଭାଇ ଜୋନ୍ସଙ୍କୁ ତାଙ୍କ ଘର ସହିତ ପୁନର୍ବାର ସ୍ଥାପିତ କରିବାରେ ସାହାଯ୍ୟ ପାଇଁ କରିପାରିବା ।” ଦେଖନ୍ତୁ, କିମ୍ବା—କିମ୍ବା ଏହା ଯାହାକିଛି ବି ହେଉ । ଦେଖନ୍ତୁ, ଆମେ ନିଶ-…ଆମେ ତାହା କରିବା । ପ୍ରଚାର ମଂଚରୁ ତାହା କୁହାଯାଉ, ଏହା କରିବାର ତାହାହିଁ ଉପାୟ ଅଟେ । ଏବଂ ତାହାପରେ ପ୍ରତିଶ୍ରୁତିଗୁଡିକ ଦିଆଯାଉ, ଏବଂ ତାହାପରେ ଏହାକୁ ମଣ୍ଡଳୀର କୋଷାଧ୍ୟକ୍ଷଙ୍କୁ ଦିଆଯାଉ । ଏବଂ ଏହି ପ୍ରତିଶ୍ରୁତିଗୁଡିକ ମଣ୍ଡଳୀର କୋଷାଧ୍ୟକ୍ଷଙ୍କ ମାଧ୍ୟମରେ ପ୍ରଦାନ କରାଯାଉ, ସେମାନଙ୍କୁ ଦିଆଯାଉ । ଏବଂ—ଏବଂ ସେହି ବ୍ୟକ୍ତିକୁ ଏହା ପାଇଁ ଏକ ରସିଦ ଦିଆଯାଉ, 'କାରଣ ମୁଁ ଜାଣେ ନାହିଁ ଯେ ତାହା ଟିକସମୁକ୍ତ କି ନୁହେଁ; ମୁଁ ଅନୁମାନ କରେ ଯେ ତାହା ସେହିପରି କିଛି ପାଇଁ ଅଟେ ।

୨୮ ତେବେ, ମାତ୍ର ଯେତେବେଳେ ଏହା ଏହିପରି ଭାବରେ ଆସେ ଯେ ଜଣେ—ଜଣେ ଅପରିଚିତ ବ୍ୟକ୍ତି ଭିତରକୁ ଆସନ୍ତି—ଜଣେ ଅପରିଚିତ ବ୍ୟକ୍ତି ଭିତରକୁ ଆସନ୍ତି ଯେପରିକି ସେ…ଜଣେ ଲୋକ ଭିତରକୁ ଆସନ୍ତି, କହନ୍ତି, “ତେବେ, କଅଣ ଆପଣ ଜାଣିଛନ୍ତି କି? ମୁଁ—ମୁଁ—ମୁଁ ଏକ ଯାତ୍ରାରେ ଅଛି ଏବଂ ମୋ ଟାୟାର ଚକ ଫାଟି ଗଲା, ଏବଂ ମୋତେ ଏକ ନୂଆ ଟାୟାର ଚକ ଦରକାର । ଆଜି ରାତିରେ ଏକ ନୂଆ ଟାୟାର ନିମନ୍ତେ ମୋ ପାଇଁ ଏକ ଦାନ ସଂଗ୍ରହ କରନ୍ତୁ ।” ତେବେ, ତାହା କରାଯିବା ଉଚିତ୍ ନୁହେଁ । ନା, ତାହା କରାଯିବା ଉଚିତ୍ ନୁହେଁ । ଏବଂ ଯଦି ଏହା ମନେହୁଏ—ଯଦି ଏହା ମନେହୁଏ ଯେ ତାହା ଯୁକ୍ତିଯୁକ୍ତ ବିଷୟ ଅଟେ, ଏପରି କାହାରି ବିଷୟରେ ଯାହାକୁ ଆପଣ ଜାଣନ୍ତି, ସେହି ବୋର୍ଡ ସାକ୍ଷାତ କରିପାରନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା କୋଷାଧ୍ୟକ୍ଷଙ୍କଠାରୁ ନିଯୁକ୍ତ କରିପାରନ୍ତି ଯେ ସେହି ବ୍ୟକ୍ତିଙ୍କ ପାଇଁ ଟାୟାର ଚକ କିଣାଯାଏ କିମ୍ବା ଏହା ଯାହାକିଛି ବି ଅଟେ । କିମ୍ବା ଯଦି ମଣ୍ଡଳୀର ପାଣ୍ଠି କମ୍ ଥାଏ, ଏବଂ ଏହା ବୋର୍ଡ ଦ୍ୱାରା ସ୍ଥିର କରାଗଲା ଯେ ଏଗୁଡିକ…ପାଳକଙ୍କ ଏଥିରେ କିଛି କରିବାର ଉଚିତ୍ ନୁହେଁ, ସେହି—ସେହି ଦୀକନ୍‌ମାନଙ୍କୁ ଏହା କରିବା କଥା, ଦେଖିବା କଥା, କିମ୍ବା ବୋର୍ଡ କରିବା କଥା । ଏବଂ ବର୍ତ୍ତମାନ ଯଦି ଏହା…ଯଦି ଏହା ସହମତି ହୁଏ, ତେବେ ପାଳକଙ୍କୁ ଦିଅନ୍ତୁ, ପାଳକ ଦାନ ସଂଗ୍ରହ କରିପାରନ୍ତି । ମାତ୍ର, ଧ୍ୟାନ ଦିଅନ୍ତୁ, ଯଦି ଏହା ଜଣେ ଅପରିଚିତ ବ୍ୟକ୍ତି ଅଟନ୍ତି, ଏହା ଏକ ଜରୁରୀକାଳୀନ ପରିସ୍ଥିତିରେ ଅଟେ, ଜଣେ ବ୍ୟକ୍ତି ଟିକେ ଟଙ୍କା ଆବଶ୍ୟକ କରୁଛନ୍ତି ଏବଂ ଆପଣ ଅନୁଭବ କରନ୍ତି ଯେ ଏହା ଏକ ଯଥାର୍ଥ କାରଣ ପାଇଁ ଅଟେ, (ତେବେ ଏହା ମୋର ମତ ଅଟେ), ଯଦି ଏହା ଏକ ପ୍ରକୃତ କାରଣ ପାଇଁ ଅଟେ ଏବଂ ଆପଣ ଜାଣନ୍ତି ଏହା ଏକ ଯଥାର୍ଥ କାରଣ ପାଇଁ ଅଟେ…

୨୨ ତେବେ, ପ୍ରଥମେ, ଯଦି ଆପଣ ସେଠାକୁ ଯାଆନ୍ତି ଏବଂ ଘରେ ମୋର ବହିଗୁଡ଼ିକୁ ଦେଖନ୍ତି, ଯେ ଲୋକମାନେ ଆସୁଛନ୍ତି ଓ କହୁଛନ୍ତି, “ମୁଁ ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ ମଣ୍ଡଳୀରୁ ରେଭ. *ଅମୁକ-ଓ-ଅମୁକ* ଅଟେ, ଏବଂ ମୋର—ମୋର ରାସ୍ତାରେ ଏଠାରେ କିଛି ଅସୁବିଧା ହେଲା,

ଏବଂ ମୋତେ—ମୋତେ ଏକ ହଳ ଟାୟାର ଦରକାର," ଏବଂ ଜାଣେ ଯେ ମୁଁ ବର୍ତ୍ତମାନ ହିଁ ଏକ ସଭାରୁ ଆସିଅଛି ଏବଂ ଏକ ନୈବେଦ୍ୟ ଗ୍ରହଣ କରିଅଛି, କିମ୍ବା ସେହିପରି ଅନ୍ୟ କିଛି, ତେବେ ମୁଁ ଏକ ହଳ ଟାୟାର କ୍ରୟ କରିବାକୁ ଯିବା ପାଇଁ, ପ୍ରାୟଃ, ମୁଁ ତାଙ୍କୁ ତାହା ଦେଇ ଦେବି । ଆଉ କିଛି ସଭାର ବିବରଣୀରେ ଦେଖନ୍ତୁ, ସେଠାରେ ସେହିପରି ଜଣେ ସେବକ କେବେ ହେଲେ ନ ଥିଲେ, ଏପରି ଏକ ସ୍ଥାନରେ କେବେ ବି ରହି ନ ଥିଲେ । ଏବଂ ସେଠାରେ ଏହି ବର୍ଷଗୁଡିକରୁ ପୁସ୍ତକରେ ଦଶ କିମ୍ବା କୋଡ଼ିଏ ହଜାର ଡଲାର ଟଙ୍କା ଅଛି ଯାହାକି ମୁଁ ସେହିପରି ଭାବରେ ଦାନ କରିଅଛି, ସେମାନଙ୍କ ବିଷୟରେ କଦାପି ନ ଜାଣି ଯେ ସେମାନେ କେଉଁଠାରେ ଥିଲେ । ଜାଣିବାକୁ ପାଇଲି, ଅନ୍ୟ ସେବକମାନେ କହୁଛନ୍ତି, "କାହିଁକି, ସେ ତ ମୋ ପାଇଁ *ଅମୁକ-ଓ-ଅମୁକ* ଏବଂ *ଅମୁକ-ଓ-ଏପରି* କଲେ ।"

100 ତେବେ, ମଣ୍ଡଳୀ ଦାୟୀ ନୁହେଁ, କେବଳ ନିଜ ପାଇଁ ଛଡା । ତାହା ଠିକ୍ । ସେମାନଙ୍କର ନିଜର, ସେମାନେ ଦାୟୀ ଅଟନ୍ତି ।

101 କିନ୍ତୁ ଯଦି ଏକ ଯୋଗ୍ୟ କାରଣ ଦେଖାଯାଏ, ଏବଂ ଯଦି ଆପଣ, ସେହି, ଯଦି ଆପଣ ଟ୍ରଷ୍ଟିମାନେ କହିପାରନ୍ତି, "ତେବେ, ବର୍ତ୍ତମାନ ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ । ଏହି ବ୍ୟକ୍ତି, ସେ ସେଠାରେ *ଅଛନ୍ତି*, ତାଙ୍କ କାର୍ ସେଠାରେ ତଳେ, ଏହା ଅଛି, ଘଟିଥିଲା, ଏବଂ *ଏହା* । ଏହା ଆମ ମଣ୍ଡଳୀର ନୁହେଁ, ଦେଖନ୍ତୁ, କିନ୍ତୁ ଏହା ଅଟେ ।" ତାହାପରେ ଯଦି ସେମାନେ ସେହିପରି କରିବାକୁ ଚାହାଁନ୍ତି, ଏବଂ ଜଣେ ବାହାର ଲୋକ ବିଷୟରେ କିଛି ବିଶେଷ କଥା କହିବାକୁ ଚାହାଁନ୍ତି…

102 ଆମର ନିଜର ନୁହେଁ, ତେବେ, ଦେଖନ୍ତୁ, ଆମର ନିଜ ଲୋକ ନୁହେଁ, ଆମର ନିଜ ଲୋକମାନେ ଏଠାରେ ସେମାନଙ୍କର—ସେମାନଙ୍କର ନିଜର ଲୋକମାନଙ୍କ ଭିତରେ, ଏଠାରେ ଥିବା ସେମାନଙ୍କର ଭାଇମାନେ, ଦେଖନ୍ତୁ ।

103 ମାତ୍ର ଯଦି ଏହା ବାହାରେ କେହି ଜଣେ ଥାଆନ୍ତି, ଏବଂ ଜଣେ ବ୍ୟକ୍ତି କୁହନ୍ତି ଯେ ସେ ଭୋକିଲା ଅଛନ୍ତି କିମ୍ବା…ଏବଂ କେହି ଜଣେ ତାଙ୍କ ପକେଟରେ ଦେଖି ତାଙ୍କୁ କିଛି ଦାନ ଦେବାକୁ ଚାହାଁନ୍ତି, ତାହା ଆପଣଙ୍କ ଉପରେ ନିର୍ଭର ଅଟେ, କିନ୍ତୁ ମୁଁ ମଣ୍ଡଳୀରୁ କହୁଅଛି । ଏବଂ ତାହାପରେ ଯଦି ମଣ୍ଡଳୀ ଲୋକମାନଙ୍କୁ ଦାନ କରିବାକୁ *କୁହାଯାଏ*, ତେବେ…

104 ତେବେ, ଯଦି ଆପଣଙ୍କ ପାଖରେ ଏଠାରେ ପ୍ରଚାର କରିବା ପାଇଁ, ଅବଶ୍ୟ, ଜଣେ ପ୍ରଚାରକ ଅଛନ୍ତି, ତେବେ ଆପଣ ନିଅନ୍ତୁ…ଆପଣ…ତାହା ବୁଝାଯାଏ ଏହା ପୂର୍ବେକି ସେ ଆସନ୍ତି, ଆପଣ ଜାଣନ୍ତି, ଯେ ଆପଣ ତାଙ୍କୁ ଏକ ଦାନ ଦେବ, କିମ୍ବା ତାଙ୍କୁ ବେତନ ଦେବେ, କିମ୍ବା ସେ ଯାହା କରିବାକୁ ଚାହାଁନ୍ତି ।

105 ମାତ୍ର ତାହାପରେ ଯଦି ଏହି ବ୍ୟକ୍ତି ଏଠାରେ ଥାଆନ୍ତି, ଏବଂ ଏହା ଏକ ଯଥାର୍ଥ କାରଣ ପାଇଁ ଅଟେ, ଏବଂ ପାଳକ…ଏବଂ ବୋର୍ଡ ଏଥିରେ ସହମତ ହେବାକୁ ଚାହାଁନ୍ତି ଏବଂ ଏହା ଉପରେ ପାଳକଙ୍କୁ କହିବାକୁ ଚାହାଁନ୍ତି, ତେବେ ପାଳକ କୁହନ୍ତୁ, "ଜଣେ *ଅମୁକ-ଓ-ଅମୁକ*

ବ୍ୟକ୍ତି ଏଠାରେ ବସିଅଛନ୍ତି, ଆମେ ସେହି ବ୍ୟକ୍ତିଙ୍କୁ ଜାଣିନାହୁଁ, ସେ ଭିତରକୁ ଆସିଲେ ଏବଂ ସେ ଆମକୁ ନିବେଦନ କଲେ...ସେ କହୁଛନ୍ତି ଯେ ତାଙ୍କର ପିଲାମାନେ ଭୋକିଲା ଅଛନ୍ତି। ଆମ ପାଖରେ ସମୟ ନାହିଁ...ଆମ ପାଖରେ ସେହି—ସେହି—ସେହି—ସେହି—ସେହି ଦାବିକୁ ଅନୁସନ୍ଧାନ କରିବା ପାଇଁ ସମୟ ନାହିଁ।" ବୁଝିଲେ?

106 ଯଦି ତାହା ସେହିପରି କିଛି ଅଛି, ତେବେ ଆମର—ଆମର...ଯଦି ଆମ ନିଜ ମଧ୍ୟରେ ଏପରି କିଛି ଅଛି, ତାହାହେଲେ ଆମର—ଆମର ନିଜର ଦୀକନ୍‌ମାନେ ଯାଇ ସେହି ଦାବିଗୁଡିକୁ ଅନୁସନ୍ଧାନ କରନ୍ତୁ। ବୁଝିଲେ? ଏବଂ ତାହାପରେ ଯଦି ଏହା ଯୋଗ୍ୟ ବିବେଚିତ ହୁଏ, ତେବେ ତାହା କରନ୍ତୁ। ଯଦି ଏହା ଯୋଗ୍ୟ ବିବେଚିତ ନ ହୁଏ, ତେବେ ତାହା କରନ୍ତୁ ନାହିଁ, କରିବାକୁ ବାଧ୍ୟ ନୁହଁନ୍ତି। ମାତ୍ର ବର୍ତ୍ତମାନ ଯଦି ଏହା ଏଠାରେ ଜଣେ ବ୍ୟକ୍ତି ଅଛନ୍ତି, ତେବେ ଆପଣ—ଆପଣ ପାଳକଙ୍କୁ କହିବାକୁ ଦିଅନ୍ତୁ, "ବର୍ତ୍ତମାନ, ଟ୍ରଷ୍ଟି ବୋର୍ଡ ମୋତେ କହିଲେ ଯେ ସେମାନେ ଏହି ବ୍ୟକ୍ତିଙ୍କୁ ଜାଣନ୍ତି ନାହିଁ। କିନ୍ତୁ ସେହି ବ୍ୟକ୍ତି ଜଣକ ଏଠାରେ ବସିଛନ୍ତି, ସେ କୁହନ୍ତି ଯେ ତାଙ୍କର ନାମ ଜିମ୍ ଜୋନ୍ସ ଅଟେ," କିମ୍ବା ଏହା ଯାହାକିଛି ବି ହୋଇ ଥାଇପାରେ, "ଏବଂ ସେ ଠିକ୍ ଏଠାରେ ବସିଛନ୍ତି। କଅଣ ଆପଣ ଠିଆ ହେବେ କି, ଶ୍ରୀମାନ ଜୋନ୍ସ? ତେବେ, ଶ୍ରୀମାନ ଜୋନ୍ସ, ସେବାର ଶେଷରେ, ଆପଣ ବାହାରକୁ ଯିବାବେଳେ, ସେଠାରେ ଥିବା ପଛ ଦ୍ୱାର ପାଖରେ ଠିଆ ହୋଇଯାଆନ୍ତୁ। ଏବଂ ଯଦି କୌଣସି ଲୋକମାନେ ନିଜ ହୃଦୟରେ ଅନୁଭବ କରନ୍ତି, କିମ୍ବା ଏପରି କିଛି ଯାହାକି ଆପଣମାନେ ଏହି ବ୍ୟକ୍ତିଙ୍କ ପାଇଁ କରିବାକୁ ଚାହୁଁଥାନ୍ତି, ତେବେ ଆପଣମାନେ ବାହାରକୁ ଯିବାବେଳେ ତାଙ୍କୁ ଦେଇକରି ଯାଆନ୍ତୁ।" କଅଣ ତାହା ବର୍ତ୍ତମାନ, ବୁଝା ପଡିଲା?

107 କଅଣ ଆପଣ ତାହା ନିଜେ ବୁଝି ପାଇଲେ କି? ସେମାନେ ଯେଉଁମାନେକି ଟେପ୍‌ରେ ଅଛନ୍ତି...ଏବଂ ତାହା ମଧ୍ୟରୁ ଜଣେ...ଭାଇ କଲିନ୍ସ ଏହାକୁ ତାଙ୍କ ଟେପ୍‌ରେ ହରାଇ ଦେଲେ। ମୁଁ ସେହି ଉଦ୍ଧୃତ ବିଷୟକୁ ପୁନଃସ୍ଥାପନ କରିବାକୁ ଚାହୁଁଛି ଯଦି...'କାରଣ ସେ ଦୀକନ୍‌ମାନଙ୍କ ମଧ୍ୟରୁ ଜଣେ ଅଟନ୍ତି।

108 ଯଦି—ଯଦି କୌଣସି ଲୋକ ଅଛନ୍ତି, ତେବେ ଜଣେ ବ୍ୟକ୍ତି ଆସନ୍ତି ଯାହାକି ଆପଣ... ଏବଂ ଜରୁରୀକାଳୀନ ପରିସ୍ଥିତିରେ ଅଛନ୍ତି ଏବଂ ସେ ମଣ୍ଡଳୀରୁ ଏକ ନୈବେଦ୍ୟ ଚାହାଁନ୍ତି, ତେବେ ଟ୍ରଷ୍ଟି କିମ୍ବା ଦୀକନ୍‌ମାନେ ଏକାଠି ସାକ୍ଷାତ କରନ୍ତୁ, ଏବଂ ସେମାନେ...ଏକାଠି ସାକ୍ଷାତ କରନ୍ତୁ, ଓ ଏହି ନିଷ୍ପତ୍ତି ନିଅନ୍ତୁ, ଏବଂ ତାହାପରେ ପାଳକଙ୍କୁ କୁହନ୍ତୁ ଯେ ଏହାକୁ ଏହିପରି ଭାବରେ କରା ଯାଇପାରେ। ସେମାନେ କରନ୍ତୁ...ସେହି ପାଳକ କୁହନ୍ତୁ, ଯେ, "ଏହି ନିର୍ଦ୍ଦିଷ୍ଟ ବ୍ୟକ୍ତି," ତାଙ୍କୁ ନାମରେ ଡାକନ୍ତୁ, "ଆମ୍ଭେ ତାଙ୍କୁ ଜାଣି ନାହୁଁ। ଏବଂ ଏଠାରେ ଆମର ନୀତି ହେଉଛି ଆମେ ଲୋକମାନଙ୍କ ପାଇଁ ନୈବେଦ୍ୟ ଗ୍ରହଣ କରିବା ପୂର୍ବରୁ ଅନୁସନ୍ଧାନ କରିଥାଉ, ଏବଂ, ତାହା ହେଉଛି, ଆମର ନିଜର ପାଇଁ। କିନ୍ତୁ ଏଠାରେ ଏହି ବ୍ୟକ୍ତି, ସେ କହନ୍ତି ଯେ ସେ ଭାଙ୍ଗି ପଡିଛନ୍ତି, ତାଙ୍କର ଏକ ଜରୁରୀକାଳୀନ ପରିସ୍ଥିତି ଅଛି, ତାଙ୍କର ଅସୁସ୍ଥ ପିଲାମାନେ ଅଛନ୍ତି, ସେ, ନିଜ ପିଲାମାନଙ୍କ ପାଇଁ ଔଷଧ ଆଣିବାକୁ ଚେଷ୍ଟା କରୁଛନ୍ତି," କିମ୍ବା ଏହା

ଯାହାକିଛି ବି ହୋଇପାରେ, ଜରୁରୀକାଳୀନ ପରିସ୍ଥିତି । "ତେବେ, ସେ ଠିକ୍ ଏଠାରେ ଠିଆ ହୋଇଛନ୍ତି । ମହାଶୟ, କଅଣ ଆପଣ ଠିଆ ହେବେ କି?" ଦେଖନ୍ତୁ, ଏବଂ ସେ ଠିଆ ହୁଅନ୍ତୁ । ଏବଂ କୁହନ୍ତୁ, "ବର୍ତ୍ତମାନ ଆପଣ ଲୋକମାନେ ଦେଖନ୍ତୁ ଯେ କଅଣ...ସେ କିଏ ଅଟନ୍ତି । ତେବେ, ଏହି ସେବାର ଶେଷରେ ଏହି ବ୍ୟକ୍ତିଜଣକ ସମ୍ମୁଖସ୍ଥ ଦ୍ୱାରରେ ଠିଆ ହେବେ, ଏବଂ ବାହାରକୁ ଯାଉଥିବା ଲୋକମାନେ, ଯେଉଁମାନକି ଅନୁଭବ କରନ୍ତି ଯେ ଆପଣ ଏଥିରେ ସହଯୋଗ କରିବାକୁ ଚାହାଁନ୍ତି, ଆପଣଙ୍କର ସ୍ୱାଧୀନତା ଅଛି; ଆମେ କେବଳ ଏହାକୁ ମଣ୍ଡଳୀରେ ଘୋଷଣା କରୁଅଛୁ ।" ଆପଣ ଏହାକୁ ମଞ୍ଜୁର କରୁନାହାଁନ୍ତି, ଆପଣ କେବଳ ଏହାକୁ ଘୋଷଣା କରୁଛନ୍ତି । ଦେଖନ୍ତୁ, ତାହା ହେଉଛି ଜଣେ ଅପରିଚିତ ବ୍ୟକ୍ତିଙ୍କ ସେବା କରିବା । ବୁଝିଲେ? ବର୍ତ୍ତମାନ ବୁଝିଲେ କି? ଠିକ୍ ଅଛି ।

109 ମୁଁ ଭାବୁଛି ଯେ ତାହା ସେହି ପ୍ରଶ୍ନକୁ ସମାଧାନ କରେ ।

**230. ଟେପ୍‌ଗୁଡ଼ିକ ବିଷୟରେ କଅଣ?** ବର୍ତ୍ତମାନ । **ଯେପରିକି...ଟେପ୍‌ଗୁଡ଼ିକ ବିଷୟରେ କଅଣ ଅଟେ?** ଏଥିରେ ଏକ ପ୍ରଶ୍ନ ଚିହ୍ନ ଅଛି । **ଯେହେତୁ, ଅନେକେ କାର୍ଯ୍ୟାଳୟକୁ ଲେଖୁଛନ୍ତି ଏବଂ ଟେପ୍‌ଗୁଡ଼ିକ ଉପରେ କାର୍ଯ୍ୟ ପାଇଁ ଆପଣଙ୍କୁ ଦାୟୀ କରୁଛନ୍ତି । ଆହୁରି ମଧ୍ୟ, ଅନ୍ୟମାନଙ୍କ ବିଷୟରେ କଅଣ ଯେଉଁମାନେକି ଗୀର୍ଜାର ଆଖପାଖରେ ଟେପ୍‌ଗୁଡ଼ିକୁ ବିକ୍ରୟ କରୁଛନ୍ତି, ଯଦି ଶ୍ରୀମାନ ମାଗୁଏରଙ୍କୁ ସେଗୁଡିକ ଉପରେ ରାଜସ୍ୱ କର ଦେବାକୁ ପଡୁଅଛି ।**

110 ଠିକ୍ ଅଛି । ଟେପ୍‌ଗୁଡ଼ିକ ଏକ ଚୁକ୍ତିନାମା ଦ୍ୱାରା ହୋଇଥାଏ । ଏବଂ ଯଦି ମୁଁ...ମୁଁ ଅବିକଳ ଭାବେ ଠିକ୍ ଜାଣେ ନାହିଁ ଯେ ସେହି ଚୁକ୍ତିନାମା କେବେ ସମାପ୍ତ ହେବ, ମାତ୍ର ସେହି ଟ୍ରଷ୍ଟି, ଏହା ଟ୍ରଷ୍ଟିମାନଙ୍କର ଅଧିକାରଭୁକ୍ତ ଅଟେ; ଦୀକନ୍ ନୁହଁନ୍ତି, ସେହି ଟ୍ରଷ୍ଟି; ପାଳକ ନୁହଁନ୍ତି, ଟ୍ରଷ୍ଟି । ଟ୍ରଷ୍ଟିମାନେ, କେବେ ବି ଅନେକ ଥର, ସେମାନେ—ସେମାନେ ଏକ ଚୁକ୍ତିନାମା ଲେଖନ୍ତି, ଯେପରିକି ମୁଁ ଏହାକୁ ବୁଝିଅଛି । ଏବଂ ଯଦି ଏହା—ଏହା ଭୁଲ ଅଟେ, ତେବେ ଟ୍ରଷ୍ଟିମାନେ ସଠିକ୍ କରନ୍ତୁ । ଏହି ଟ୍ରଷ୍ଟିମାନଙ୍କର ସେହି ବ୍ୟକ୍ତି ସହିତ ଏକ ଚୁକ୍ତିନାମା ଥାଏ ଯିଏକି ସେହି ଟେପ୍‌ଗୁଡ଼ିକୁ ତିଆରି କରୁଛନ୍ତି ଏବଂ ସେହି ଟେପ୍‌ଗୁଡ଼ିକ ଅଧିକୃତ ବିକ୍ରେତାଙ୍କ ଦ୍ୱାରା ବଣ୍ଟନ କରାଯାଏ ।

111 ଅଧିକୃତ ବିକ୍ରେତା ଥିବା ବ୍ୟକ୍ତିଙ୍କ ଦ୍ୱାରା ଅନୁମତି ନ ପାଇବା ପର୍ଯ୍ୟନ୍ତ ଅନ୍ୟ କେହି ବି ଟେପ୍ ତିଆରି କରିପାରନ୍ତି ନାହିଁ, ଏବଂ ତାହା ସେହି ଅଧିକୃତ ବିକ୍ରେତାଙ୍କ ଅନୁମତି ନ ଦେବା ପର୍ଯ୍ୟନ୍ତ ବିକ୍ରୟ କରା ଯାଇପାରେ ନାହିଁ, କାରଣ ତାହାହିଁ ହେଉଛି ନିୟମ, ଦେଖନ୍ତୁ, ଯାହାକି ସେହି ଅଧିକୃତ ବିକ୍ରେତାଙ୍କ ପାଖରେ ରହିଥାଏ । ବୁଝିଲେ? ଏବଂ ଯଦି ସେହି ଅଧି-... ସେହି ବ୍ୟକ୍ତି ଯିଏକି ବିକ୍ରେତାର ଅଧିକାରଗୁଡିକ ରଖିଛନ୍ତି ସେ *ଅମୁକ-ଓ-ଅମୁକ* ବ୍ୟକ୍ତିଙ୍କୁ ଟେପ୍‌ଗୁଡିକୁ ତିଆରି କରିବା ନିମନ୍ତେ ଦେବାକୁ ଚାହୁଁଛନ୍ତି, ଏହା ତାଙ୍କ ଉପରେ ନିର୍ଭର କରେ । ଯଦି ସେ ଚାହାଁନ୍ତି ଯେ ସମସ୍ତେ ଟେପ୍ ତିଆରି କରନ୍ତୁ, ତାହା ତାଙ୍କ ଉପରେ ରହିଲା; ଯଦି

ସେ ଚାହାଁନ୍ତି ଯେ ସମସ୍ତେ ଟେପ୍ ବିକ୍ରୟ କରନ୍ତୁ, ତାହା ସେହି ବ୍ୟକ୍ତିଙ୍କ ଉପରେ ନିର୍ଭର କରେ ଯିଏକି ସେହି ବିକ୍ରେତାର ଅଧିକାର ରଖିଥାନ୍ତି । ତାଙ୍କ ପାଖରେ ସେହି ଅଧିକୃତ ବିକ୍ରେତାଙ୍କ ଦ୍ୱାରା ଦସ୍ତଖତ ହୋଇଥିବା ଏକ—ଏକ ଲିଖିତ ନୋଟ ରହିବା ଉଚିତ, ଯେ ସେ ଟେପ୍ ତିଆରି ଏବଂ ବିକ୍ରୟ କରିପାରିବେ, କାରଣ ସେତେବେଳେ ସେ ନିୟମ ଅନୁଯାୟୀ ସ୍ୱଷ୍ଟ ଅଟନ୍ତି । କାରଣ ଯଦି ସେ ତାହା କରିବେ ନାହିଁ, ସେହି ବ୍ୟକ୍ତିଙ୍କ, ପାଖରେ ବିକ୍ରେତାର ଅଧିକାରଗୁଡିକ ଅଛି...ଆପଣ ନିଜେ, ତାହା ପ୍ରତି ଦାୟୀ, ହୋଇଥିବା ହେତୁ...(ଯଦି ସେଠାରେ ଜଣେ—ଜଣେ ଭଣ୍ଡ ବ୍ୟକ୍ତି ଥାଆନ୍ତି ଯିଏକି କିଛି ଅସୁବିଧା ସୃଷ୍ଟି କରିବାକୁ ଚାହୁଁଥାନ୍ତି, ସେ ପ୍ରକୃତରେ ତାହା କରିପାରିବେ ।) ଆପଣ ସେହି ଅଧିକୃତ ବିକ୍ରେତା ନିକଟକୁ ଯାଆନ୍ତୁ, କାରଣ ତାହା ଏକ ମାଲିକାନା ଅଧିକାର ପରି ଅଟେ, ଆପଣ ଦେଖନ୍ତୁ, ସେହି ସମାନ ବିଷୟ ଅଟେ । ଆପଣଙ୍କୁ ତାହା କରିବାକୁ ଅନୁମତି ନାହିଁ; ତାହା କରିବା ଏକ ବହୁତ ବଡ ଜରିମାନା ଅଟେ ।

112 ତେଣୁ ଯଦି ଲୋକମାନେ ଟେପ୍ ତିଆରି କରୁଛନ୍ତି, ବୋଧହୁଏ ସେମାନଙ୍କର ଶ୍ରୀମାନ ମାଗୁଏରଙ୍କଠାରୁ ଏକ ଚୁକ୍ତିନାମା ରହିଥିବ ଯିଏକି—ଯିଏକି ସେଥିରୁ...ଯିଏକି—ଯିଏକି ସେହି ଟେପଗୁଡ଼ିକରୁ ରାଜସ୍ୱ କର ଆଦାୟ କରୁଥାନ୍ତି । ଆଉ ବର୍ତ୍ତମାନ...ଏବଂ ମୁଁ ତାହା ବିଷୟରେ ଜାଣେ ନାହିଁ, କାରଣ ମୁଁ ଆପଣଙ୍କ ସହିତ ଏଠାରେ ଯଥେଷ୍ଟ ରହି ନାହିଁ ଯେ ତାହା ଜାଣିବି ଯେ ଏହି ବିଷୟଗୁଡ଼ିକ କିଏ ଅଟେ, ଏବଂ ଏହା କାହାକୁ ସୂଚାଇଥାଏ । ମୁଁ ଅନୁମାନ କରୁଛି ଯେ ଶ୍ରୀମାନ ମାଗୁଏରଙ୍କ ପାଖରେ ତାହା ଏବେବି ଅଛି, କାରଣ ସେଠାରେ ବାହାରେ, ମୁଁ କାଲିଫର୍ଣିଆ କିମ୍ବା ଆରିଜୋନାରେ ଥାଏ, ଯେଉଁଠାରେ ବି ମୁଁ ଥାଏ, ମୁଁ ବୁଝିପାରୁଛି ଯେ ସେମାନେ ଏବେ ମଧ୍ୟ କାଲିଫର୍ଣିଆରୁ ଟେପ୍ କିଣୁଛନ୍ତି । ଭାଇ ସୋଥମ୍ୟାନ୍, ଶ୍ରୀମାନ ମାଗୁଏରଙ୍କ ଶ୍ୱ-ଶୁ-ର, ଯିଏକି ଏଠାରେ ମଣ୍ଡଳୀରେ ଆମର ଭାଇ ଅଟନ୍ତି । ମୁଁ ଭାବୁଛି ଯେ ଶ୍ରୀମାନ ମାଗୁଏରଙ୍କ ପାଖରେ ଏବେ ସୁଦ୍ଧା ତାହା ଅଛି, ତାହା ଉପରେ ସେହି—ସେହି ବିକ୍ରେତାର ଅଧିକାରମାନ ।

113 ଏବଂ ବର୍ତ୍ତମାନ, ଟେପ୍ ତିଆରି ଉପରେ ଅନେକ ଅଭିଯୋଗମାନ ରହି ଆସିଛି । ତେବେ, ଯେତେବେଳେ ଏହି ମଣ୍ଡଳୀର ଆର୍ଥିକ ସମ୍ବନ୍ଧୀୟ କୌଣସି ବିଷୟ ଉପରେ ଏକ ଅଭିଯୋଗ ଆସେ, ତେବେ ତାହା ଟ୍ରଷ୍ଟିମାନଙ୍କ କର୍ତ୍ତବ୍ୟ ଅଟେ ଯେ ସେମାନେ ଦେଖନ୍ତୁ ଯେ ସେହି ବିଷୟଟି ସ୍ୱଷ୍ଟ କରାଯାଉ । ବୁଝିଲେ? କୌଣସି ପ୍ରକାରେ ବି, ସେଠାରେ କିଛି ରହିବା, ଉଚିତ୍ ନୁହେଁ ।

ତେବେ ଆପଣ ଏଠାରେ ଦେଖନ୍ତୁ, ଏଠାରେ ଏହି କାର୍ଡରେ ଏହା କୁହାଯାଏ, ଯେ:

**ସେମାନେ କାର୍ଯ୍ୟାଳୟକୁ ଲେଖୁଛନ୍ତି ଏବଂ ଆପଣଙ୍କୁ ଦାୟୀ କରୁଛନ୍ତି ।**

114 ସତ କହିବାକୁ ଗଲେ, ମୋ ପାଖରେ ତାହା ସମ୍ବନ୍ଧରେ ଅନେକ ଚିଠିଗୁଡିଏ ଅଛି, ଏବଂ ଜାଣିବାକୁ ଚାହାଁନ୍ତି ଯେ ସେମାନେ କାହିଁକି ସେମାନଙ୍କର ଟେପ୍‌ଗୁଡିକ ପାଇପାରୁ ନାହାଁନ୍ତି । ତେବେ ଆପଣ ସେହି ବ୍ୟକ୍ତିଙ୍କର ସହିତ ହୋଇଥିବା ନିଜର ଚୁକ୍ତିନାମା ବିଷୟରେ ଜାଣିଛନ୍ତି ଯାହାଙ୍କ ପାଖରେ ବିକ୍ରେତାର ଅଧିକାର ଅଛି, ଯାହାକି ମୁଁ ବୁଝୁଛି...ସେହି ଟେପ୍‌ଗୁଡ଼ିକ, ମୁଁ—

ମୁଁ ନିଜେ, ସେମାନଙ୍କ ସହିତ କିଛି କରିବାକୁ ଚାହେଁ ନାହିଁ, ଯଦି କେହି ସୁସମାଚାରକୁ ଆଗକୁ ବଢାଇବା ନିମନ୍ତେ ଟେପ୍ ବ୍ୟବହାର କରିପାରନ୍ତି, "ଆମେନ୍!"

115 ମାତ୍ର, ପ୍ରଥମେ, ଭାଇ ରୋବର୍ସନ ଏବଂ ସେମାନେ ସେଗୁଡିକୁ ତିଆରି କରିବାକୁ ଆରମ୍ଭ କଲେ, ଭାଇ ବିଲର୍ ଏବଂ ସେମାନଙ୍କ ମଧ୍ୟରୁ ଅନେକେ ସେଗୁଡିକୁ ତିଆରି କରିବା ଆରମ୍ଭ କଲେ; ଏବଂ ତାହାପରେ ସେହି ଦୁଇ ପିଲାମାନେ, ଭାଇ ମର୍ସିଅର୍ ଏବଂ ଭାଇ ଗୋଆଡ୍, ସେମାନଙ୍କୁ ବର୍ଷ ବର୍ଷ ଧରି ତିଆରି କରିଆସୁଛନ୍ତି; ଏବଂ, ଅବଶ୍ୟ, ଯେତେବେଳେ ସେହି ପ୍ରତ୍ୟେକ ବ୍ୟକ୍ତି ସେଗୁଡିକୁ ତିଆରି କରିଛନ୍ତି, ତାହାହେଲେ ପ୍ରତ୍ୟେକ ଜଣଙ୍କ ଉପରେ ସେହି ଅଭିଯୋଗମାନ ରହି ଆସିଛି। କିନ୍ତୁ, ସମ୍ପ୍ରତି ଏଠାରେ ଏହା ମନେ ହେଉଛି, ଯେ ଏକ ବଡ ଅଭିଯୋଗ ସେମାନଙ୍କର ଟେପ୍ ନ ପାଇବା ବିଷୟରେ ରହିଛି। ଲୋକମାନେ ମୋତେ ଦେଶର ବିଭିନ୍ନ ସ୍ଥାନରୁ ଫୋନ୍ ଯୋଗେ କହିଛନ୍ତି। ଏବଂ ତାହାପରେ ଅନ୍ୟଟି, ପୁନଃ-ନିର୍ମିତ ଟେପ୍ ହୋଇଥିବା ହେତୁରୁ, ଯାହାକି ଗୋଟିଏ ମିନିଟରେ ଗୋଟିଏ ବିଷୟ ଚାଲେ, ଏବଂ ଅନ୍ୟ ମୁହୂର୍ତ୍ତରେ, ଅନ୍ୟ ଏକ ବିଷୟ ଚାଲେ, ଏବଂ ଏପରିକି ସେମାନେ ଏହା ବୁଝିପାରନ୍ତି ନାହିଁ ଯେ ସେଗୁଡିକ କଅଣ ଅଟେ।

116 ତେବେ, ଏହି ଲୋକମାନେ ଯେଉଁମାନେକି ଟେପ୍‌ଗୁଡ଼ିକ ପାଇଁ ଦେୟ ଦିଅନ୍ତି ସେମାନେ ଏକ ପ୍ରକୃତ ଟେପ୍ ପାଇବା ଉଚିତ। ମୋର ଏଥିରେ କିଛି ଯାଏ ଆସେ ନାହିଁ ଯେ ସେମାନଙ୍କୁ ଏହା ପାଇବା ପାଇଁ କଅଣ କରିବାକୁ ପଡିବ, ଆମେ ଚାହୁଁଛୁ ଯେ ଆମର ଗ୍ରାହକମାନେ ଏବଂ ଆମର ଭାଇମାନେ (ଯେଉଁମାନେକି ସେମାନେ ଆମର ଗ୍ରାହକ ଏବଂ ଆମର ଭାଇ, ପ୍ରଭୃତି ଅଟନ୍ତି), ସେମାନେ ନିଶ୍ଚିତ ଭାବରେ ଗୋଟିଏ "ଏକ ନମ୍ବର" ଟେପ୍ ପାଇବା ଉଚିତ୍। ତେବେ, ଆପଣ ଟ୍ରଷ୍ଟିମାନେ ଏହା ପ୍ରତି ଧ୍ୟାନ ଦିଅନ୍ତୁ, ଯେ ଏହି ଲୋକମାନେ ସନ୍ତୁଷ୍ଟ ହୁଅନ୍ତି। ଯଦି ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେମାନଙ୍କର ଟଙ୍କା ତୁରନ୍ତ ସେମାନଙ୍କୁ ଫେରସ୍ତ କରାଯିବା ଉଚିତ୍।

117 ଆଉ କେହି ମୋତେ ଫୋନ୍ ଯୋଗେ ଡାକିଲେ, ଏବଂ କହିଲେ ଯେ ସେମାନେ ଟେପ୍‌ଗୁଡିକ ପାଇଁ ମାସ ମାସ ଧରି ଅପେକ୍ଷା କରି ରହିଛନ୍ତି। ତେବେ, ମୁଁ ଜାଣେ ନାହିଁ ଯେ ଭାଇ ମାଗୁଏର୍ ଏହାକୁ କିପରି ସମ୍ଭାଳନ୍ତି। ମୁଁ—ମୁଁ ତାହା ବିଷୟରେ ଜାଣେ ନାହିଁ, ଯେହେତୁ ମୁଁ ଏହା ବିଷୟରେ କିଛି ଜାଣେ ନାହିଁ। ଏବଂ ମୁଁ...ତାହା ବିଷୟରେ କିଛି ହେଲେ ଜାଣିବାରେ ମୋର କୌଣସି କାମ ବି ନାହିଁ, ଏହା ସେମାନଙ୍କ ସହିତ ଏବଂ ଟ୍ରଷ୍ଟିମାନଙ୍କ ସହିତ ତାଙ୍କର ବ୍ୟବସାୟ ଅଟେ। ଏବଂ ମୁଁ ଏଥି ଭିତରେ ପାଦ ଦେବାକୁ ଚେଷ୍ଟା କରୁନାହିଁ, କିନ୍ତୁ ମୁଁ କେବଳ ଆପଣଙ୍କୁ ଏହା କହୁଅଛି ଯେ ଏହାର ନିୟମ କଅଣ ଅଟେ। ବୁଝିଲେ? ଏହାର ନିୟମ ହେଉଛି ଯେ ଏହି ଟେପ୍‌ଗୁଡ଼ିକ, ସେହି ସମୟଠାରୁ ଯେତେବେଳେକି ସେମାନେ ତାହାକୁ ସେମାନଙ୍କ ପାଇଁ ପଠାନ୍ତି, ସେହି ଟେପ୍‌ଗୁଡିକ ଗୋଟିଏ ଦିନ, କିମ୍ବା ତିନି, କିମ୍ବା ଚାରି, କିମ୍ବା ପାଞ୍ଚ ଦିନ ମଧ୍ୟରେ ନିଜର ମାର୍ଗରେ ରହିବା କଥା; ସେମାନେ ସେହି ଟେପ୍‌ଗୁଡିକୁ ସେମାନଙ୍କ ପାଇଁ ପଠାଇବା ପରେ, ଏହା ଚିଠିପତ୍ରରେ ରହିବା ଆବଶ୍ୟକ କିମ୍ବା ଏହି ନିର୍ଦ୍ଦେଶଗୁଡିକ ଅବମାନନା କଲେ ଯେକୌଣସି ସମୟରେ ଅଧିକୃତ ବିକ୍ରେତାର ଚୁକ୍ତି ବାତିଲ କରାଯାଇପାରେ। ବୁଝିଲେ?

118 ବର୍ତ୍ତମାନ, ଏବଂ ପ୍ରତି ଛଅ ମାସରେ କିମ୍ବା ଗୋଟିଏ ବର୍ଷରେ, ଏହା ନବୀନିକରଣ ହେବା କଥା, ଏହି ଚୁକ୍ତିନାମା ନବୀନିକରଣ ହେବା ଉଚିତ୍ । ଆପଣଙ୍କୁ ଏହି ନିର୍ଦ୍ଦିଷ୍ଟ ତାରିଖରେ ସାକ୍ଷାତ କରିବା ଉଚିତ୍ ଯାହାକି ଏହି ଅଧିକୃତ ବିକ୍ରେତା କୁହନ୍ତି ଯେ ଆପଣଙ୍କୁ ସାକ୍ଷାତ କରିବାକୁ ଅଛି । ଏବଂ ତାହାପରେ ଏହା ହେବା ଉଚିତ, ଅର୍ଥାତ୍, ସେହି ସମୟରେ ଅନ୍ୟ ଲୋକମାନେ ଆସିବା କଥା, ଏବଂ ଆପଣଙ୍କୁ ଅନ୍ୟମାନଙ୍କୁ ସୂଚାଇ ଦେବାକୁ ଅଛି ଯେଉଁମାନେକି ଟେପ୍ ବିଷୟରେ ପଚାରୁ ଅଛନ୍ତି, ଏବଂ ସେମାନଙ୍କର ସହମତି ସହ ଆସିବା ଉଚିତ୍ ଏବଂ ବସି ତାହା ଉପରେ ଆଲୋଚନା କରିବା ଉଚିତ୍ ।

119 ବର୍ତ୍ତମାନ, ଏହି ଆଦେଶଗୁଡିକ କାର୍ଯ୍ୟକାରୀ ହେବା ଜରୁରୀ ଅଟେ! ବୁଝିଲେ? ଏବଂ ଏହା ଠିକ୍ ଭାବରେ କାର୍ଯ୍ୟକାରୀ ହେବା ଉଚିତ୍, କାରଣ ଏହା ଅଭିଯୋଗ କରୁଅଛି । ସେମାନେ ଲିଓ ଏବଂ ଜିନ୍ ସହିତ ଅଭିଯୋଗ କରିଥିଲେ, ସେମାନେ ପ୍ରତ୍ୟେକଙ୍କ ସହିତରେ ଅଭିଯୋଗ କରିଥିଲେ, ଏହା ଭାଇ ମାଗୁଏରଙ୍କ ସହିତରେ ଅଭିଯୋଗ କରିଥିଲେ, ଏବଂ ଏହା ଅନ୍ୟ କାହାରି ସହିତ ମଧ୍ୟ ଅଭିଯୋଗ ହେବ, କିନ୍ତୁ ଆସନ୍ତୁ ଜାଣିବା ଯେ ଅଭିଯୋଗଟି କଅଣ ଅଟେ ।

120 ତେବେ, ମାତ୍ର ଯେତେବେଳେ ଟେପ୍‌ଗୁଡ଼ିକ ଗଦା ହେବାକୁ ଆରମ୍ଭ କରେ, ତାହାର ବାକ୍ସ ବାକ୍ସ, ଡଜନ ଡଜନ ଚିଠିଗୁଡିକ ଆସୁଥାଏ, ଏବଂ ସେମାନେ...ଦେଖନ୍ତୁ, ଏହା ଟେପ୍ ନିର୍ମାତାକୁ ଫେରିଯାଏ ନାହିଁ, ଏହା ମୋ ଉପରକୁ ଆସିଥାଏ । ସେମାନେ ତାହା ବିଷୟରେ ସବୁବେଳେ ମୋତେ ହଇରାଣ କରୁଥାନ୍ତି । ତେବେ, ଜଣେ ଖ୍ରୀଷ୍ଟିଆନ ଭାବରେ ଏହା ଦେଖିବା ମୋର କର୍ତ୍ତବ୍ୟ ଯେ ଲୋକମାନେ ଯାହା ପାଇଁ ଦେୟ ଦେଉଛନ୍ତି ତାହା ପାଆନ୍ତି, ଏବଂ ମୁଁ ଚାହେଁ ଯେ ଆପଣ ଟ୍ରଷ୍ଟିମାନେ ତାହା ଦେଖନ୍ତୁ ଯେ ସେମାନେ ଏହା ପ୍ରାପ୍ତ କରନ୍ତି । ଯଦି ସେମାନଙ୍କ ଉପରେ ଅଧିକ ମୂଲ୍ୟ ଲଗାଇବାକୁ ପଡ଼େ, ଏକ ଭଲ ଟେପ୍ ଆଣନ୍ତୁ, ଏକ ଭଲ ମେସିନ୍ ଆଣନ୍ତୁ, ଆମେ ଟେପ୍ ତିଆରି କରିବା ପାଇଁ ଏପରି କାହାରିକୁ ଚାହୁଁ ଯିଏକି ଏହାକୁ ଠିକ୍ ଭାବରେ କରନ୍ତି । ତାହା ଆମର ଆଗ୍ରହ ଅଟେ । ଟେପ୍‌ଟି ଠିକ୍ ଭାବରେ ଟିଆରି ହେବା ଆବଶ୍ୟକ! ଏବଂ ଗ୍ରାହକ ସନ୍ତୁଷ୍ଟ ହେବା ଆବଶ୍ୟକ, ନତୁବା ସମଗ୍ର ଟେପ୍ ବିଷୟକୁ ସଂପୂର୍ଣ୍ଣ ଭାବେ ବନ୍ଦ କରି ଦିଅନ୍ତୁ, ଆମେ ଆଉ କୌଣସି ଟେପ୍ କରିବା ନାହିଁ, ପୁଣି ଯିଏକେହି ଚାହାଁନ୍ତି ସେ ଏହାକୁ ତିଆରି କରନ୍ତୁ । କିନ୍ତୁ ଯଦି ସେମାନେ ସେଗୁଡିକୁ ପାଇଁ ମୂଲ୍ୟ ଆଦାୟ କରିବାକୁ ଯାଉଛନ୍ତି, ତାହାହେଲେ ସେମାନେ ତାହା ଦେଖନ୍ତୁ ଯେ ସେମାନେ ତାହା ପ୍ରାପ୍ତ କରନ୍ତି ଯାହା ପାଇଁ ସେମାନେ ଦେୟ ଦେଇଛନ୍ତି, କାରଣ ତାହା ହେଉଛି ଖ୍ରୀଷ୍ଟିଆନ ଧର୍ମ । ତାହା ଏହା କରିବାଠୁ ଅଧିକ କିଛି ନୁହେଁ...

121 ଏବଂ ଯେତେବେଳେ ସେମାନେ ଏଠାରେ ସୁସମାଚାର ଶୁଣିବାକୁ ଆସନ୍ତି, ମୁଁ ସେମାନଙ୍କୁ ତାହାର ସର୍ବୋତ୍ତମ ଦେବାକୁ ଚାହେଁ ଯାହା ମୁଁ ଜାଣେ ଯେ ସେମାନଙ୍କୁ କିପରି ଦେବାକୁ ଅଛି, ବୁଝିଲେ, ଏବଂ ଯେତେବେଳେ ସେମାନେ ଏଠାକୁ ଆସନ୍ତି ମୁଁ ଚାହେଁ ଯେ ଆପଣମାନେ ଦେଖନ୍ତୁ ଯେ ସମସ୍ତ ଜଣ ଏବଂ ସବୁକିଛି ଠିକ୍ ଚାଲିଥାଏ । ସେହି କାରଣରୁ ମୁଁ

ଆଜି ରାତି ଏଠାରେ, ଆପଣ ଦୀକନ୍‌ମାନଙ୍କୁ, ଟ୍ରଷ୍ଟିମାନଙ୍କୁ, ଏବଂ ପାଳକମାନଙ୍କୁ କହୁଅଛି, ଯେ ଆପଣମାନଙ୍କୁ ଏହା ଅକ୍ଷରେ ଅକ୍ଷରେ ପାଳନ କରିବା ଉଚିତ, କାରଣ ଲୋକମାନେ ଏଠାରେ ପରମେଶ୍ୱରଙ୍କୁ ଅନୁସନ୍ଧାନ କରିବା ନିମନ୍ତେ ଆସୁଛନ୍ତି, ଏବଂ ଆମକୁ ଏହି ବିଷୟଗୁଡିକ ଶୃଙ୍ଖଳାରେ ରଖିବାକୁ ପଡେ।

122 ଏବଂ ଟେପ୍‌ଗୁଡ଼ିକୁ ମଧ୍ୟ ଯଥା ସ୍ଥାନରେ ରଖିବା ଜରୁରୀ ଅଟେ। ଯଦି ସେମାନଙ୍କୁ ଅଧିକ ମୂଲ୍ୟ ମାଗିବାକୁ ପଡ଼େ, ଯଦି ସେମାନଙ୍କ ପାଖରେ ଦ୍ୱିତୀୟ-ଶ୍ରେଣୀର ଟେପ୍ ଚାଲୁଥାଏ, ତେବେ ଭଲ ଟେପ୍ ନିଅନ୍ତୁ। ଯଦି ସେମାନଙ୍କୁ ସେଗୁଡିକ ପାଇଁ ଅଧିକ ମୂଲ୍ୟ ମାଗିବାକୁ ପଡ଼େ, ତେବେ ତାହା ପାଇଁ ଅଧିକ ମୂଲ୍ୟ ମାଗନ୍ତୁ, ମାତ୍ର ସେହି ବ୍ୟକ୍ତି ତାହା ପାଆନ୍ତୁ ଯାହା ପାଇଁ ତାହାକୁ ଅଧିକ ଖର୍ଚ୍ଚ ମଗା ଯାଉଅଛି।

123 ମୁଁ ରାଜସ୍ୱ ବିଷୟରେ ଟିକେ ବି ଆଗ୍ରହୀ ନୁହେଁ, ଗୋଟିଏ ପଇସା ବି ନୁହେଁ, କିଅବା ଆରାଧନାଳୟ ମଧ୍ୟ ଆଗ୍ରହୀ ନୁହେଁ; ମୁଁ ଚାହେଁ ନାହିଁ ଯେ ଆପଣ ବି ହୁଅନ୍ତୁ। ସେଥିରେ, ସେହି—ସେହି ରାଜସ୍ୱ ବିଷୟରେ ଆଗ୍ରହୀ ହୁଅନ୍ତୁ ନାହିଁ। ଯଦି ସେମାନେ କିଛି ଦିଅନ୍ତି, ତେବେ ମୁଁ ଅନୁମାନ କରୁଛି ଯେ ତାହା ଏଠାରେ ତିଆରି ହେଉଥିବା ବିଷୟରେ ଆପଣଙ୍କୁ ଏକ ଅଳ୍ପ ରାଜସ୍ୱ ନେବାକୁ ପଡ଼େ। ମୁଁ ଭାବୁଛି ଯେ ଏହାହିଁ କିଛି ଅଟେ ଯାହା ସେମାନେ କହିଥିଲେ, ଶ୍ରୀମାନ ମିଲର୍, ଏବଂ ସେମାନେ, ଆଇନ ବିଷୟରେ, ଯାହାକି ଆମେ ରହିଥିଲା, ରାଜସ୍ୱ ବା ପ୍ରଭୃତି କିଛି ନେଇଥିଲୁ। ତାହା ଦେଖିବା ଆପଣ ସମସ୍ତଙ୍କ ଉପରେ ନିର୍ଭର କରେ। ମୁଁ ନୁହେଁ, ମୋର ସେଥି ସହିତ—ସହିତ କୌଣସି ସମ୍ପର୍କ ନାହିଁ ଯାହାକି ଏକତ୍ର ବ୍ୟବସ୍ଥିତ ରଖା ହୋଇଛି; ଆପଣ ସମସ୍ତେ ଏହାର ଯତ୍ନ ନିଅନ୍ତି। ମୁଁ ଏହାସବୁର ଯତ୍ନ ନେଇପାରେ ନାହିଁ, ମୁଁ ତ ଆପଣଙ୍କୁ କେବଳ ସେହି ଉପାୟ କହୁଅଛି ଯେପରିକି ଏହା କୁହାଯିବା ଉଚିତ୍ ଏବଂ କାର୍ଯ୍ୟକାରୀ କରାଯିବା ଉଚିତ୍। ତାହା...ଆପଣ ବୁଝିଲେ, ମୁଁ କହିଲି "କାର୍ଯ୍ୟକାରୀ କରାଯିବା ଉଚିତ୍।" ତେଣୁ ଆମେ ଏହା ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଉ ବୋଲି ଚାହୁଁ।

124 ଏବଂ ଯଦି ଏହାକୁ ନେବା ପାଇଁ ସେମାନଙ୍କୁ ଏକ ଅଧିକ ଉତ୍ତମ ମେସିନ୍ ଦରକାର ହୁଏ, ତେବେ ଏକ ଅଧିକ ଉନ୍ନତ ମେସିନ୍ ପ୍ରାପ୍ତ କରନ୍ତୁ। ଯଦି ଏହାକୁ ହେବାର ଥାଏ...ତେବେ, ମୁଁ ସେମାନଙ୍କୁ କହିଲି, ମୁଁ କହିଲି, "ପ୍ରତ୍ୟେକ ମି-...ମିଶନ ଯାହା ମୁଁ କ୍ଷେତ୍ରକୁ ଯାଏ, ମୁଁ ଯିବା ପୂର୍ବରୁ, ମୁଁ ଆପଣଙ୍କୁ ସୂଚାଇ ଦେବି ଯେ ମୁଁ ସେଠାରେ କେଉଁ ଉପଦେଶଗୁଡିକ ପ୍ରଚାର କରିବାକୁ ଯାଉଅଛି, ଏପରିକିଛି ଯାହାକି ମୁଁ ପୂର୍ବରୁ..." ଏବଂ ମୁଁ ଆପଣ ସମସ୍ତଙ୍କୁ ପ୍ରତିଶୃତି ଦେଇଥିଲି, ଯାହାକି ମୁଁ ରବିବାର ରାତିରେ ପୁନର୍ବାର ନେବାକୁ ଯାଉଅଛି, ଯେ, "ଏହା ପୂର୍ବେକି ମୁଁ କୌଣସି ନୂତନ ବାର୍ତ୍ତା ପ୍ରଚାର କରେ, ଏହାକୁ ପ୍ରଥମେ ଏହି ଆରାଧନାଳୟରୁ ଆସିବାକୁ ହେବ, କାରଣ ସେମାନେ ଏକ ଉତ୍ତମ ରେକର୍ଡିଂ ପାଇପାରୁଥିବା ପରି ମନେହୁଏ।" କଅଣ ଆପଣଙ୍କର ତାହା ମନେ ଅଛି କି? ତେବେ ମୁଁ ଯାହା ପାଇଁ ଏଠାକୁ ଆସେ, ମୋର ବାର୍ତ୍ତାଗୁଡିକୁ ପ୍ରଚାର କରେ, ତାହାପରେ ବାହାରକୁ ଚାଲିଯାଏ ଓ ସେହି ଟେପ୍ ଚଳାଉଥିବା ବ୍ୟକ୍ତିଙ୍କୁ ସୂଚାଇ ଦିଏ ଯେ କେଉଁ ସେବାଗୁଡିକ ହେବ। ସେମାନେ ମୋତେ ପଚାରନ୍ତି, "କେଉଁ ଗୁଡିକ? ଆପଣ

କଅଣ ପ୍ରଚାର କରିବାକୁ ଯାଉଛନ୍ତି?” ମୁଁ ତାଙ୍କୁ କୁହେ, “*ଏହି* ରାତିରେ ମୁଁ *ଅମୁକ-ଓ-ଅମୁକ*, *ଏହି* ରାତି, *ଅମୁକ-ଓ-ଅମୁକ* ସହ ଯାଉଅଛି,” ଯେଣୁ ସେମାନେ ଏହାକୁ ନେଇ ପ୍ରସ୍ତୁତ କରିପାରନ୍ତି ଏବଂ ଗ୍ରାହକଙ୍କ ପାଇଁ ସେଠାରେ ପ୍ରାପ୍ତ କରିବା ନିମନ୍ତେ ପ୍ରସ୍ତୁତ କରିପାରନ୍ତି; ଠିକ୍ ତାଙ୍କ ପାଖରେ ରଖିପାରନ୍ତି, ସଭାରେ ଥିବା ଟେପ୍ ଅପେକ୍ଷା ଏକ ଅଧିକ ଭଲ ଟେପ୍, କାରଣ ଏହା ଠିକ୍ ଏଠାରେ ଆରାଧନାଳୟରେ ତିଆରି ହୋଇଅଛି ଯେଉଁଠାରେକି ଧ୍ୱନି ସଂରଚନା ବ୍ୟବସ୍ଥା ଭଲ ଅଟେ । ବୁଝିଲେ?

125 ବର୍ତ୍ତମାନ, ତେବେ ଏହି ମହାନ ପ୍ରଚାର ସେବାକୁ ଯାଉଥିବାରେ, ତେବେ ମୁଁ ଯାହା ବିଦେଶରେ ଏବଂ ବିଷୟଗୁଡ଼ିକରେ କରିବାକୁ ଯାଉଅଛି, ମୁଁ ତାହା ପ୍ରତିଶୃତି ଦେଇପାରେ ନାହିଁ, ଆପଣ ଦେଖନ୍ତୁ, ମୁଁ ଏହା ପ୍ରତିଜ୍ଞା କରିପାରେ ନାହିଁ ଯେ ମୁଁ ଏଠାରେ ମୋର ପ୍ରଥମ ବାର୍ତ୍ତା ପ୍ରଚାର କରିବି । କାରଣ ଯେତେବେଳେ ଆପଣ ଚାରିଆଡ଼େ ପ୍ରଚାର କରନ୍ତି, ସେହି ବାର୍ତ୍ତାଗୁଡ଼ିକ, ଆପଣଙ୍କ ପାଖରେ ଏପରି କିଛି ରଖିବାକୁ ପଡ଼େ ଯାହାକି…ଏହା ଆପଣଙ୍କ ପାଇଁ ଅକାମୀ ହୋଇଯାଏ, ଏବଂ ଏହା ନିଶ୍ଚିତରେ ଶୁଣୁଥିବା ବ୍ୟକ୍ତିଙ୍କ ପାଇଁ ଅକାମୀ ହେବାକୁ ବାଧ୍ୟ । ଆପଣଙ୍କୁ କିଛି ଅଲଗା କରିବାକୁ ପଡିଥାଏ, ଆପଣ ଦେଖନ୍ତୁ, ଏବଂ ବାର୍ତ୍ତାକୁ ଠିକ୍ ସେହିପରି ଆଣିବାକୁ ପଡିଥାଏ ଯେପରିକି ତାହା *ସେଠାରେ* ଅଛି । କିନ୍ତୁ ସେମାନଙ୍କୁ କ୍ଷେତ୍ରରେ ଏକ ମେସିନ୍ ରଖିବାକୁ ଦିଅନ୍ତୁ, କିମ୍ବା ଏହା ଯାହାକିଛି ବି ଅଟେ, ଯାହାକି ଏହି ଟେପ୍‌ଗୁଡ଼ିକୁ ଉତ୍ତମ ଭାବରେ ନେବ ।

126 ଏବଂ ଏକ ଉପଯୁକ୍ତ ଟେପ୍ ପ୍ରସ୍ତୁତ କରିବ, ଏବଂ ପ୍ରତ୍ୟେକ ଟେପ୍ ବାହାରକୁ ଯିବା ପୂର୍ବରୁ ପୁନର୍ବାର ବଜାଯାଉ ଏବଂ ଯାଞ୍ଚ କରାଯାଉ, ନତୁବା ସମ୍ପୂର୍ଣ୍ଣ ଜିନିଷକୁ ହିଁ ବନ୍ଦ କରି ଦିଅନ୍ତୁ; ଏପରିକି ସୁଦ୍ଧା କିଛି ହେଲେ କରନ୍ତୁ ନାହିଁ, ପ୍ରତ୍ୟେକ ବ୍ୟକ୍ତି ନିଜର ଟେପ୍ ତିଆରି କରନ୍ତୁ । ବୁଝିଲେ? ମାତ୍ର ଏହାକୁ ଠିକ୍ ଭାବରେ କରନ୍ତୁ, ଦେଖନ୍ତୁ, ଯେପରିକି ଏହି ଅଭିଯୋଗ ବନ୍ଦ ହୋଇଯିବ । ଆମେ ଆଦୌ ଆଉ କୌଣସି ଅଭିଯୋଗ ଚାହୁଁନାହୁଁ । ଯଦି କୌଣସି ଅଭିଯୋଗ ଥାଏ, ଆସନ୍ତୁ ତାହାର ଯତ୍ନ ନେବା, ତାହାପରେ ଆମେ ଏହାକୁ ସମାପ୍ତ କରିବା ।

127 ବର୍ତ୍ତମାନ, ମୁଁ ଯଥା ଶୀଘ୍ର ପାରିବି ସେତିକି ଶୀଘ୍ର କରିବି । ବିଲି ପାଖରେ ଏଠାରେ ଆଉ ଦୁଇଟି, କିମ୍ବା ତିନୋଟି ପ୍ରଶ୍ନ ଅଛି, ତାହାପରେ ଆମର ସମାପ୍ତ ହୋଇଯିବ ।

**231. ଭାଇ ବ୍ରାନହାମ୍, ମଣ୍ଡଳୀରେ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ, ଜଣେ ଦୀକନ୍ କେତେ ଦୂର ଯାଇପାରେ ଅବା ଯିବା ଉଚିତ୍? କଅଣ ଆମେ ଶୃଙ୍ଖଳା ରକ୍ଷା କରିବା ଉଚିତ୍ କିଅବା ଭାଇ ନେଭିଲ୍ ଆମକୁ ତାହା କହିବା ପର୍ଯ୍ୟନ୍ତ ଯେ କଅଣ କରିବାକୁ ଅଛି ଅପେକ୍ଷା କରିବା ଉଚିତ୍ କି?**

128 ତାହା ଭାଇ ନେଭିଲ୍‌ଙ୍କର କାମ ନୁହେଁ, ତାହା ହେଉଛି ଆପଣମାନଙ୍କର କାମ । ବୁଝିଲେ? ଆପଣ ଭାଇ ନେଭିଲ୍‌ଙ୍କୁ କୁହନ୍ତି ନାହିଁ ଯେ କେଉଁ ବିଷୟ ଉପରେ ପ୍ରଚାର କରିବାକୁ ଅଛି, ଏହାକୁ କିପରି ପ୍ରଚାର କରିବାକୁ ଅଛି । ଦେଖନ୍ତୁ, ଏହା ଆପଣ, ଆପଣ ଦୀକନ୍‌ମାନଙ୍କର କାମ

ଅଟେ, ଆପଣମାନଙ୍କୁ ତାହା କରିବା ଉଚିତ୍ । ଆପଣ ତାହାର ଯତ୍ନ ନିଅନ୍ତୁ । ଭାଇ ନେୱିଲ୍‌ଙ୍କ ତାହା ସହିତ କିଛି କାମ ନୁହେଁ, ତାହା ଆପଣଙ୍କର କାମ ଅଟେ । ବୁଝିଲେ?

129 ବର୍ତ୍ତମାନ, ଯଦି ଜଣେ ପୋଲିସ ଏଠାରେ ରାସ୍ତାରେ ଅଛନ୍ତି ଏବଂ ସେ ଜଣେ ବ୍ୟକ୍ତିଙ୍କୁ ଗୋଟିଏ କାର ପଛ ପଟରୁ କିଛି ଜିନିଷ ଚୋରି କରୁଥିବାର ଦେଖନ୍ତି, କଅଣ ତାଙ୍କୁ ନଗରାଧ୍ୟକ୍ଷଙ୍କୁ ଡାକି କହିବା ଉଚିତ୍, "ତେବେ, ହେ ନଗରାଧ୍ୟକ୍ଷ, ଅତି ସମ୍ମାନୀୟ, ମହାଶୟ, ମୁଁ ଏଠାରେ ଏହି ପୋଲିସ୍ ଦଳରେ ଆପଣଙ୍କ ପାଇଁ କାର୍ଯ୍ୟ କରୁଅଛି; ବର୍ତ୍ତମାନ, ମୁଁ ଏଠାରେ ମାର୍ଗର ଉପରେ ଜଣେ ବ୍ୟକ୍ତିଙ୍କୁ ପାଇଲି, ସେ—ସେ ଗତକାଲି ରାତିରେ ଗୋଟିଏ କାରରୁ କିଛି ଟାୟାର ଚୋରି କରୁଥିଲା; ତେବେ, ମୁଁ କେବଳ ଆଶ୍ଚର୍ଯ୍ୟ କରୁଛି, ଯେ ସେ ବିଷୟରେ ଆପଣଙ୍କର ମତାମତ କଅଣ?" ହୁଁ! ବୁଝିଲେ? ଦେଖନ୍ତୁ, ତାହା ଉତ୍ତମ ବୁଦ୍ଧିମତ୍ତା ମନେ ହେବ ନାହିଁ, କଅଣ ହେବ କି? ନା, ମହାଶୟ । ଯଦି ସେ କିଛି ଭୁଲ କରୁଅଛି, ତାକୁ ଗିରଫ କର ।

130 ଏବଂ ଯଦି ଜଣେ ବ୍ୟକ୍ତି ଏଠାରେ ମଣ୍ଡଳୀରେ କିଛି ଭୁଲ୍ କରୁଛନ୍ତି, କିମ୍ବା କେହି ବି, ସେମାନଙ୍କୁ ରୋକି ଦିଅନ୍ତୁ, ସେମାନଙ୍କ ସହିତ କଥାବାର୍ତ୍ତା କରନ୍ତୁ । ଗର୍ବି ହୁଅନ୍ତୁ ନାହିଁ; ମାତ୍ର ଯଦି ସେମାନେ ନ ଶୁଣନ୍ତି, ଏପରି ଭାବରେ କୁହନ୍ତୁ ଯେ ଆପଣ ଯାହା କହୁଛନ୍ତି ତାହା ସେମାନେ ଜାଣିଯାଆନ୍ତି । ବୁଝିଲେ? ଦେଖନ୍ତୁ, ଯେପରିକି ଆପଣ ଏକ ଛୋଟ ପିଲାକୁ କୁହନ୍ତି, ଧରନ୍ତୁ, "ସେଠାରେ ପଛକୁ ଚାଲ," ଏବଂ ସେ ଅସଦାଚରଣ କରୁଥାଏ । ଦୀକନ୍‌ମାନେ, ଆପଣ ନିଜ କାର୍ଯ୍ୟର ସ୍ଥାନରେ ରୁହନ୍ତୁ! ରଖନ୍ତୁ…ଆପଣମାନେ ଚାରିଜଣ ଅଛନ୍ତି, ଆଗରେ ଦୁଇଜଣ ଏବଂ ପଛରେ ଦୁଇଜଣ ରୁହନ୍ତୁ, ଏହି କୋଣରେ କିମ୍ବା ସେହିପରି କୌଣସି ସ୍ଥାନରେ ରୁହନ୍ତୁ । ଏବଂ ଧ୍ୟାନ ସହକାରେ ଦେଖନ୍ତୁ, କାରଣ ବାଳୁଙ୍ଗାମାନେ ଏବଂ ଅନ୍ୟ ସମସ୍ତେ ଏହିପରି ଭାବରେ ହିଁ ଭିତରକୁ ଆସନ୍ତି, ଆପଣ ଦେଖନ୍ତୁ । ଏବଂ ଆପଣମାନେ ସଜାଗ ରୁହନ୍ତୁ, ଆପଣ ନିଜର କର୍ତ୍ତବ୍ୟର ପଦକୁ ଯାଆନ୍ତୁ ଏବଂ ସେଠାରେ ରୁହନ୍ତୁ, ତାହା ଆପଣଙ୍କର ଆସନ ଅଟେ; କିମ୍ବା ଠିକ୍ କାନ୍ଥ କଡ଼ରେ ଠିଆ ହୁଅନ୍ତୁ ଏବଂ ସମସ୍ତଙ୍କୁ ଭିତରକୁ ଆସୁଥିବାର ଦେଖନ୍ତୁ ।

131 ଜଣେ ଦୀକନ୍ ପରମେଶ୍ୱରଙ୍କ ଗୃହର ଯତ୍ନ ନିଅନ୍ତି । କେହି ଜଣେ ଭିତରକୁ ଆସନ୍ତି, ସେମାନଙ୍କ ସହିତ କଥା ହୁଅନ୍ତୁ; ସେମାନଙ୍କୁ ଅଭିବାଦନ କରିବା ପାଇଁ, ହାତ ମିଶାଇବା ପାଇଁ ସେଠାରେ ରହିଥାଆନ୍ତୁ । ଅର୍ଥାତ, ଆପଣ ହେଉଛନ୍ତି ପୋଲିସ୍, "କଅଣ ଆମେ ଆପଣଙ୍କୁ ପୋଷାକ କୋଠରୀ ଦେଖାଇ ଦେବା କି?" କିମ୍ବା, "କଅଣ ଆପଣ ବସିବେ କି?" "କଅଣ ଆମେ ଆପଣଙ୍କୁ ଏକ ଗୀତ ପୁସ୍ତକ କିମ୍ବା ସେପରି କିଛି ଦେଇପାରିବା କି?" ଅବା, "ବର୍ତ୍ତମାନ ଆମେ ଚାହୁଁଛୁ ଯେ ଆପଣ ନିଜେ ଏଠାରେ ଉପଭୋଗ କରନ୍ତୁ, ଏବଂ—ଏବଂ ପ୍ରାର୍ଥନା କରନ୍ତୁ, ଏବଂ—ଏବଂ ଆମେ ଖୁସି ଯେ ଆପଣ ଆଜି ରାତି ଆମ ସହିତ ଏଠାରେ ଅଛନ୍ତି ।" ସେମାନଙ୍କୁ ଠିକ୍ ଗୋଟିଏ ସ୍ଥାନକୁ କଢେଇ ନିଅନ୍ତୁ, ଏବଂ କୁହନ୍ତି, "କଅଣ ଆପଣ ଟିକେ ନିକଟତର ହେବାକୁ ଚାହିଁବେ କିମ୍ବା କଅଣ ଆପଣ ଏଠାରେ ବସିବାକୁ ଚାହିଁବେ କି?" କିମ୍ବା ଯେଉଁଠାରେ ବି ଯିବାକୁ ଚାହିଁବେ । ତାହା ହେଉଛି ଆତିଥ୍ୟ ।

132 ଜଣେ ପୋଲିସ୍ (କିମ୍ବା ଦୀକନ୍) ହେଉଛନ୍ତି ସେନା ପାଇଁ ଜଣେ ସାମରିକ ପୋଲିସ୍, ଶିଷ୍ଟତା, କିନ୍ତୁ ତଥାପି ପ୍ରାଧିକାର ସହିତ। ବୁଝିଲେ? ଆପଣ ଜାଣନ୍ତି ଯେ ଜଣେ ସାମରିକ ପୋଲିସ୍ କଅଣ ଅଟେ, ପ୍ରକୃତରେ, ଯଦି ସେ ତାଙ୍କର ଅଧିକାର ବହନ କରିବେ, ମୁଁ ଭାବୁଛି ସେ ଜଣେ ଯାଜକଙ୍କ ପରି ଅଟନ୍ତି। କଅଣ ଆପଣ ଦେଖୁଛନ୍ତି କି? ଏହା ଶିଷ୍ଟତା ଏବଂ ସବୁକିଛି, କିନ୍ତୁ ତଥାପି ତାଙ୍କର ଏକ ଅଧିକାର ଥାଏ। ଦେଖନ୍ତୁ, ଆପଣଙ୍କୁ ତାଙ୍କୁ ଧ୍ୟାନ ଦେବାକୁ ପଡିଥାଏ। ଦେଖନ୍ତୁ, ସେ ରଖନ୍ତି...ଏହି ନୂତନ ସୈନିକମାନେ ସେଠାକୁ ବାହାରି ଯାଆନ୍ତି ଏବଂ ମଦ୍ୟପାନ କରନ୍ତି, କାହିଁକି, ସେ ସେମାନଙ୍କୁ ସେମାନଙ୍କର ଯଥାସ୍ଥାନରେ ରଖନ୍ତି। ଏବଂ ଠିକ୍ ସେହିପରି ଦୀକନ୍ ସେମାନଙ୍କୁ ସେମାନଙ୍କର ଯଥାସ୍ଥାନରେ ରଖିବା ପାଇଁ ଅଟେ।

133 ତେବେ, ମନେରଖନ୍ତୁ, ଦୀକନ୍ ଜଣେ ପୋଲିସ୍ ଅଟନ୍ତି, ଏବଂ ମଣ୍ଡଳୀରେ ଜଣେ ଦୀକନ୍ଙ୍କର କାର୍ଯ୍ୟାଳୟ ଅଧିକାଂଶ ଅନ୍ୟ କାର୍ଯ୍ୟାଳୟ ଅପେକ୍ଷାକୃତ ପ୍ରକୃତରେ ଅଧିକ କଠୋର ଅଟେ। ମୁଁ ଏପରି କୌଣସି କାର୍ଯ୍ୟାଳୟ ଜାଣେ ନାହିଁ ଯାହାକି ଦୀକନ୍ଙ୍କର କାର୍ଯ୍ୟାଳୟ ଅପେକ୍ଷା ସେତେ ଅଧିକ କଠୋର ଅଟେ। ତାହା ଠିକ୍, କାରଣ ସେ ଏକ ପାଇଛନ୍ତି—ସେ ଏକ ପ୍ରକୃତ ଚାକିରି ପାଇଛନ୍ତି, ଏବଂ ସେ ପରମେଶ୍ୱରଙ୍କର ଲୋକ ଅଟନ୍ତି। ସେ ସେତିକି ପରମେଶ୍ୱରଙ୍କର ଲୋକ ଅଟନ୍ତି ଯେତିକିକି ପାଳକ ପରମେଶ୍ୱରଙ୍କର ଲୋକ ଅଟନ୍ତି। ନିଶ୍ଚିତରେ, ସେ ଅଟନ୍ତି। ସେ ପରମେଶ୍ୱରଙ୍କର ସେବକ ଅଟନ୍ତି।

134 ତେବେ ଟ୍ରଷ୍ଟିମାନେ, କେବଳ ଗୋଟିଏ ବିଷୟ, ସେମାନେ ସେହି ଆର୍ଥିକ ବିଷୟଗୁଡିକୁ ଦେଖିବା ପାଇଁ ଏବଂ ତାହାର ଯତ୍ନ ନେବା ପାଇଁ ପରମେଶ୍ୱରଙ୍କ କର୍ତ୍ତବ୍ୟର ଅଧୀନରେ ଅଛନ୍ତି, ସେହି ବିଷୟଗୁଡ଼ିକ ଯାହାକି ସେହିପରି ଭାବରେ ଚାଲିଥାଏ। ମୁଁ ଆପଣଙ୍କୁ ସେହି ଟେପ୍‌ଗୁଡିକ ବିଷୟରେ କହିଲି, ଏବଂ—ଏବଂ ଏଠାରେ ଚାଲୁଥିବା ଅନ୍ୟ ବିଷୟଗୁଡ଼ିକରେ, ଭବନ ଏବଂ ମରାମତି ବିଷୟରେ, ପୁଣି ଆର୍ଥିକ ଏବଂ ଅନ୍ୟ ବିଷୟଗୁଡିକ ଗ୍ରହଣ କରିବା ବିଷୟରେ କହିଲି, ଯାହାର—ଯାହାର ସେମାନେ ଟ୍ରଷ୍ଟି ଅଟନ୍ତି: ସେହି ସମ୍ପତ୍ତି, ଆର୍ଥିକ ଏବଂ ବିଭିନ୍ନ ବିଷୟ। ଦୀକନ୍‌ମାନଙ୍କର ସେଥିରେ କିଛି କରିବାର ନାହିଁ। ଏବଂ ନା ତ ସେହି—ସେହି ଟ୍ରଷ୍ଟିଙ୍କର ଦୀକନ୍ କାର୍ଯ୍ୟାଳୟ ସହିତ କିଛି କରିବାର ଅଛି।

135 ବର୍ତ୍ତମାନ, ଯଦି ଦୀକନ୍‌ମାନେ କୌଣସି ବିଷୟ ଉପରେ ଟ୍ରଷ୍ଟିମାନଙ୍କର ସାହାଯ୍ୟ ମାଗିବାକୁ ଚାହାଁନ୍ତି, କିମ୍ବା—କିମ୍ବା ଟ୍ରଷ୍ଟିମାନେ ସେହି ଦୀକନ୍‌ମାନଙ୍କର', ଏବଂ ଆପଣ ସମସ୍ତେ ଏକାଠି କାମ କରୁଛନ୍ତି...କିନ୍ତୁ ତାହା ଆପଣଙ୍କର କର୍ତ୍ତବ୍ୟ ଅଟେ, ଏକାକୀ କାର୍ଯ୍ୟ କରିବା। ବୁଝିଲେ? ଠିକ୍ ଅଛି।

136 ତେବେ, ନା, ଭାଇ ନେଭିଲ୍‌ଙ୍କୁ ପଚାରନ୍ତୁ ନାହିଁ। ଯଦି ଭାଇ ନେଭିଲ୍ ଆପଣଙ୍କୁ କିଛି କରିବାକୁ କୁହନ୍ତି, ତେବେ ତାହା—ତାହା ଆପଣଙ୍କର ପାଳକ ଅଟନ୍ତି, ଶିଷ୍ଟତା ଏବଂ ପ୍ରେମ ଓ ସବୁକିଛି ସହିତ...ଯଦି ସେ କହନ୍ତି, "ଭାଇ କଲିନ୍ସ୍, ଭାଇ ହିକରସନ, ଭାଇ ଟନି, କିମ୍ବା କେହିଜଣେ, କଅଣ ଆପଣ ଦେଖିବେ କି ସେଠାରେ ପଛରେ କୋଣରେ କଅଣ ସମସ୍ୟା

ଅଛି?" ସେହିପରି କର୍ତ୍ତବ୍ୟର ପଦରେ, ଆପଣ ଜାଣନ୍ତି, ପରମେଶ୍ୱରଙ୍କ ଜଣେ ବାସ୍ତବିକ ଲୋକ ଭାବରେ।

137 ମନେରଖନ୍ତୁ, ଆପଣ ବ୍ରାନହାମ୍ ଟ୍ୟାବର୍ନାକଲ୍ ପାଇଁ କାମ କରୁନାହାଁନ୍ତି, କିମ୍ବା ନା ତ ଆପଣ ଭାଇ ନେୱିଲ୍ ବା ମୋ ପାଇଁ କାମ କରୁଛନ୍ତି, ଆପଣ ଯୀଶୁ ଖ୍ରୀଷ୍ଟଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। ବୁଝିଲେ? ଆପଣ...ତାହାହିଁ ଅଟେ ଯାହାକି ଆପଣ...ଏବଂ ସେ—ସେ ଆପଣଙ୍କର ବିଶ୍ୱସ୍ତତାକୁ ଠିକ୍ ସେହିପରି ଭାବରେ ସମ୍ମାନ ଦେଉଅଛନ୍ତି ଯେପରିକି ସେ ସେହି ପାଳକ କିମ୍ବା ଅନ୍ୟ କାହାରିକୁ ଦିଅନ୍ତି, ସେ ଆପଣଙ୍କର ବିଶ୍ୱସ୍ତତାକୁ ଆଶା କରୁଛନ୍ତି! ଏବଂ ଆମେ ଆମର ବିଶ୍ୱସ୍ତତାକୁ ଦେଖାଇବାକୁ ଚାହୁଁ।

138 ବର୍ତ୍ତମାନ, ବେଳେବେଳେ ଏହା କଷ୍ଟକର ହୋଇଯାଏ। ମୋ ପାଇଁ ଏହା ଦେଖିବା କଷ୍ଟକର ହୁଏ ଯେ ସେଠାରେ ଜଣେ ସେବକକୁ ବସିଥାନ୍ତି ଯାହାଙ୍କୁ ମୁଁ ମୋର ସମସ୍ତ ହୃଦୟ ସହିତରେ ପ୍ରେମ କରେ, ଯେ ମୋତେ ତାଙ୍କୁ ପ୍ରକୃତରେ ଏହା କହିବାକୁ ପଡ଼େ; ଦେଖନ୍ତୁ, ମାତ୍ର ପ୍ରେମର ଏକ ଶୈଳୀରେ, ତାଙ୍କୁ ସାହାଯ୍ୟ କରିବାକୁ ମୁଁ ହାତକୁ ଉନ୍ମୁକ୍ତ ରଖିଥାଏ। ମାତ୍ର, ଦେଖନ୍ତୁ, ଆଉ ସେମାନେ ମୋ ପାଖକୁ ଆସି କୁହନ୍ତି, "ଭାଇ ବ୍ରାନହାମ୍, ଆପଣ ଜଣେ ଅଦ୍ଭୁତ ବ୍ୟକ୍ତି, ଆପଣ କାହିଁକି ସେହି ବାପ୍ତିସ୍ମ ଉପରେ ଟିକିଏ ଆପୋଷ ନିଷ୍ପତ୍ତି ନେଇପାରୁ ନାହାଁନ୍ତି, ଏବଂ *ଏହା*, *ତାହା* ଉପରେ, ଏବଂ *ଅନ୍ୟ* ଉପରେ, ଏବଂ ସେହି ସୁରକ୍ଷା, ଏବଂ ସର୍ପବଂଶ ଉପରେ?"

139 ମୁଁ କୁହେ, "ଭାଇ, ମୁଁ ଆପଣଙ୍କୁ ପ୍ରେମ କରେ, ମାତ୍ର ବର୍ତ୍ତମାନ ଆସନ୍ତୁ ଆମେ ନେ-... କେବଳ ଶାସ୍ତ୍ରକୁ ନେବା ଏବଂ ଦେଖିବା ଯେ କିଏ ଠିକ୍ କିମ୍ବା ଭୁଲ୍ ଅଟନ୍ତି।" ଦେଖନ୍ତୁ, ମୋତେ ସକ୍ଷମ ହେବାକୁ ପଡିବ...

140 "ଓଃ, ବର୍ତ୍ତମାନ, ଭାଇ ବ୍ରାନହାମ୍, ମୁଁ ଆପଣଙ୍କୁ କହୁଛି, ଆପଣ ସମସ୍ତକିଛିରେ ଭୁଲ୍ ଅଟନ୍ତି।" ଦେଖନ୍ତୁ, ଉପରୁ ଉଡ଼ି ଚାଲିଯାଏ।

141 "ଓଃ," ମୁଁ କୁହେ, "ତେବେ, ବୋଧହୁଏ ମୁଁ ଅଟେ। ତାହାପରେ, ଯଦି ମୁଁ, ନିଶ୍ଚିତରେ (ଏବଂ ଆପଣ ମୋତେ କୁହନ୍ତୁ, ଆପଣ...ଆପଣ ଜାଣନ୍ତି ଯେ ମୁଁ କେଉଁଠାରେ ଭୁଲ ଅଟେ), ତେବେ ଆପଣ ମୋତେ ଦେଖାନ୍ତୁ ଯେ ମୁଁ କେଉଁଠାରେ ଭୁଲ୍ ଅଟେ।" ଏବଂ ମୁଁ ନେବା ପାଇଁ ପ୍ରସ୍ତୁତ ଅଟେ, ଦେଖନ୍ତୁ।

142 ସେହି ସମାନ କଥା, "ଆରେ, ସେହି ପିଲାକୁ ବସିବା ନିମନ୍ତେ କହିବା ପାଇଁ ଆପଣଙ୍କର କୌଣସି ଅଧିକାର ନାହିଁ।" ତେବେ, ସେହି ଦୀକନ୍ ହେଉଛନ୍ତି—ହେଉଛନ୍ତି ପରମେଶ୍ୱରଙ୍କ ଗୃହରେ ରକ୍ଷକ। ବୁଝିଲେ? ବର୍ତ୍ତମାନ ଯଦି ଆପଣ...ସେ ପରମେଶ୍ୱରଙ୍କ ଗୃହର ଯତ୍ନ ନିଅନ୍ତି ଏବଂ ଏହାକୁ ଶୃଙ୍ଖଳାରେ ରଖନ୍ତି। ଶାସ୍ତ୍ର ତାହାହିଁ କୁହେ, ଏବଂ ଯଦି ଆପଣଙ୍କ ପାଖରେ ଅନ୍ୟ କିଛି ବିଷୟ ଅଛି ଯାହାକି ଜଣେ ଦୀକନ୍ କରିବା ଉଚିତ୍, ତାହାହେଲେ ଆପଣ ଆସି ମୋତେ

କୁହନ୍ତୁ । ଦେଖନ୍ତୁ, ସେଠାରେ ସେହି ସମାନ ବିଷୟ ଅଟେ, ମାତ୍ର ତାହା—ତାହା କରିବା ଆପଣଙ୍କର କର୍ତ୍ତବ୍ୟ ଅଟେ, ହଁ, କେବଳ ସମର୍ଥନ କରନ୍ତୁ ।

143 ଏବଂ ଆପଣଙ୍କୁ କାହାରିକୁ ପଚାରିବା ଉଚିତ୍ ନୁହେଁ, ତାହା—ତାହା କେବଳ ଆପଣଙ୍କର କର୍ତ୍ତବ୍ୟ ଅଟେ । ଭାଇ ନେଭିଲ୍ କାହାରିକୁ ପଚାରନ୍ତି ନାହିଁ, ମଣ୍ଡଳୀକୁ ପଚାରିବାର ଆବଶ୍ୟକତା ନାହିଁ...ମୋର କହିବାର ଅର୍ଥ, ସେହି—ସେହି—ସେହି ଟ୍ରଷ୍ଟିମାନଙ୍କୁ ଯାଇ ଭାଇ ନେଭିଲଙ୍କୁ ପଚାରିବାର ଆବଶ୍ୟକତା ନାହିଁ ଯଦି—ଯଦି ସେ ଆରାଧନାଳୟ ଉପରେ ଛାତ ଲଗାଇବାକୁ ଚାହାଁନ୍ତି । ବୁଝିଲେ? ନା, ନା, ତାହା ଭାଇ ନେଭିଲ୍ଙ୍କ ସହିତ କୌଣସି କାରବାର ନାହିଁ, ମୋ ସହିତ କିଛି ନାହିଁ, ତାହା ଆପଣଙ୍କ ପାଇଁ ଅଟେ । ଡୀକନ୍‌ମାନଙ୍କୁ କରିବାକୁ ପଡ଼େ ନାହିଁ...

144 ପାଳକଙ୍କ ସହିତ ଠିକ ସେହିପରି ଅଟେ । "ଆପଣ କଅଣ ପ୍ରଚାର କରିବାକୁ ଯାଉଛନ୍ତି? ମୁଁ ଚାହେଁ ନାହିଁ ଯେ ଆପଣ *ଏହା* କରନ୍ତୁ ।" ସେମାନଙ୍କର ତାହା କହିବାର କୌଣସି କାମ ନାହିଁ, ସେ ପରମେଶ୍ୱରଙ୍କ ଅଧୀନରେ ଅଛନ୍ତି, ଦେଖନ୍ତୁ, ସେମାନଙ୍କର ପାଳକ । ଏବଂ ତାହାପରେ ଯଦି—ଯଦି—ଯଦି...ଭାଇ ନେଭିଲ୍, ସେ ଏକ ବାର୍ତ୍ତା ପ୍ରଚାର କରନ୍ତି ଯାହାକି ପ୍ରଭୁ ଆମକୁ ଦେଇଛନ୍ତି, ଏବଂ ଆମେ ସମସ୍ତେ ଏଥିରେ ଏକାଠି ଅଛୁ । ଏବଂ ଯଦି ମୁଁ ଭାଇ ନେଭିଲଙ୍କୁ କିଛି ଭୁଲ କୁହେ, ତେବେ ତାହା ପାଇଁ ପରମେଶ୍ୱର ମୋତେ ଦାୟୀ କରନ୍ତି । ତାହା ଠିକ୍ । ବୁଝିଲେ? ତେଣୁ ପରମେଶ୍ୱର ଏହି ସବୁ ବିଷୟର ମାଲିକ ଅଟନ୍ତି । ବୁଝିଲେ? ଏବଂ ଆମେ କେବଳ ତାହାଙ୍କର ରାଷ୍ଟ୍ରଦୂତ ଭାବରେ କାର୍ଯ୍ୟ କରୁଅଛୁ, ଆପଣ ଦେଖନ୍ତୁ, ତଳେ ଏଠାରେ ଏହି କାର୍ଯ୍ୟାଳୟଗୁଡ଼ିକରେ ।

**232. ଦୟାକରି ବୁ-...**

ପରବର୍ତ୍ତୀ ପ୍ରଶ୍ନ, ଏବଂ ତାହାପରେ ମୁଁ ଭାବୁଛି ଆମ ପାଖରେ ଆଉ ଗୋଟିଏ ରହିବ, ଏବଂ ତାହାପରେ ଆମେ—ଆମେ ସମାପ୍ତ କରିବା ।

> **ଦୟାକରି ବୁଝାଇ ଦିଅନ୍ତୁ ଯେ ପରଭାଷାର ବରଦାନଗୁଡିକ ଆମ ମଣ୍ଡଳୀରେ କିପରି କାର୍ଯ୍ୟକାରୀ କରିବା କଥା ।** ମୁଁ ତାହା କରିଅଛି । **ମଣ୍ଡଳୀକୁ କେତେବେଳେ କ୍ରମରେ ରଖାଯାଇପାରେ ଯେତେବେଳେକି...କିମ୍ବା କେଉଁଠାରେ ସେହି ବରଦାନଗୁଡ଼ିକୁ କାର୍ଯ୍ୟକାରୀ କରିବା ଉଚିତ୍?** ଆମେ ବର୍ତ୍ତମାନ ହିଁ ତାହା ବ୍ୟାଖ୍ୟା କରିଅଛୁ ।

**233. କେବଳ କେତେ ଗୋଟି ଖ୍ରୀ-ଷ୍ଟ-ମା-ସ...** କଅଣ ଆପଣ ଦେଖିପାରୁଛନ୍ତି ଯେ ତାହା କଅଣ ଅଟେ? [ଭାଇ ବିଲି ପଲ୍ କୁହନ୍ତି, **"ବାଦ୍ୟଯନ୍ତ୍ର ।"**—ସମ୍ପା ।] ଓଃ । **ବାଦ୍ୟଯନ୍ତ୍ର । ଓର୍ଗାନ ବାଦ୍ୟ ଏବଂ ପିଆନୋ ବ୍ୟତୀତ ଆମ ପାଖରେ ମଣ୍ଡଳୀରେ କେତୋଟି ବାଦ୍ୟଯନ୍ତ୍ର ରହିବା କଥା?**

145 ତେବେ, ଏହା ତାହା ଉପରେ ନିର୍ଭର କରେ ଯେ ଯଦି ଆପଣଙ୍କ ପାଖରେ ତାରବାଦ୍ୟ ଯନ୍ତ୍ର ରହିଛି କିମ୍ବା ଆପଣଙ୍କ ପାଖରେ ଯାହାକିଛି ଅଛି, ଆପଣ ଦେଖନ୍ତୁ । ମୁଁ ଜାଣେ ନାହିଁ ଯେ

ଆପଣଙ୍କ ପାଖରେ କଅଣ ଅଛି, ଏହାର ଅର୍ଥ କଅଣ, ମୁଁ ଏହାକୁ ବୁଝେ ନାହିଁ । ମାତ୍ର ଓର୍ଗାନ ବାଦ୍ୟ ଏବଂ ପିଆନୋ ମଣ୍ଡଳୀର ସମ୍ପତ୍ତି ଅଟେ । ତେବେ, ଯଦି ଗୀତ ନେତୃତ୍ୱକାରୀ ବ୍ୟକ୍ତି ତୂରୀବାଦ୍ୟ ଏବଂ ପିତ୍ତଳ ବାଦ୍ୟ ଓ ସେହିପରି ପ୍ରଭୃତି ରଖିବାର ଏକ ଧାରଣା ଗ୍ରହଣ କରନ୍ତି, ଏବଂ କେହି ଜଣେ ମଣ୍ଡଳୀକୁ ଆସନ୍ତି ଆଉ ସେମାନେ ଏହି ବାଦ୍ୟଯନ୍ତ୍ରଗୁଡିକ ବଜାନ୍ତି…ଏବଂ ସେମାନେ ଏକ ଗାୟନ ସମୂହରେ ଅଛନ୍ତି, ଏବଂ—ଏବଂ ତାହାପରେ, ଅବଶ୍ୟ, ତେବେ ତାହା ଆପଣଙ୍କର ଟ୍ରଷ୍ଟିମାନଙ୍କ ଉପରେ ନିର୍ଭର ଅଟେ, ଯେ ଏହାକୁ ଟ୍ରଷ୍ଟିମାନଙ୍କ ସହିତ ନିଆଯାଉ ଓ ଦେଖାଯାଉ ଯଦି ସେମାନଙ୍କ ପାଖରେ ବାଦ୍ୟଯନ୍ତ୍ର ଓ ଇତ୍ୟାଦି କିଣିବା ପାଇଁ ଟଙ୍କା ଅଛି କି ନାହିଁ, କିମ୍ବା ସେହିପରି କିଛି । ମୁଁ ଅନୁମାନ କରେ ତାହାହିଁ ସେମାନଙ୍କର ପ୍ରଶ୍ନ ଅଟେ ।

146 କିନ୍ତୁ ଯଦି ସେମାନଙ୍କ ପାଖରେ ନିଜର ବାଦ୍ୟଯନ୍ତ୍ର ଅଛି, ତାହା ଅଦ୍ଭୁତ । ଯଦି ସେମାନଙ୍କ ପାଖରେ ନିଜର ବାଦ୍ୟଯନ୍ତ୍ର ନାହିଁ, ଏବଂ ସେମାନେ ଏଠାରେ ଏକ ଗାୟନ ସମୂହର ସଦସ୍ୟ ଅଟନ୍ତି, ଏପରି ନୁହେଁ ଯେ ଜଣେ ବ୍ୟକ୍ତି କେବଳ ଏଠାରେ ଆସିଯାଆନ୍ତି ଏବଂ କଦା ଏକଦା ଥରେ ବଜାନ୍ତି, ଏବଂ ସେହିପରି ଭାବରେ ଚାଲିଥାନ୍ତି, ଏହାକୁ ତ ମଣ୍ଡଳୀରେ ଏକ ଗାୟନ ସମୂହ ହେବା ଆବଶ୍ୟକ । ମଣ୍ଡଳୀ ଜଣେ—ଜଣେ—ଜଣେ ବ୍ୟକ୍ତିଙ୍କ ପାଇଁ ତୂରୀ କିଣିବ ନାହିଁ ଯିଏକି ତାହାକୁ ଏଠାରେ ବଜାଇବ ଏବଂ ଆସନ୍ତାକାଲି ରାତିରେ ଅନ୍ୟ କେଉଁଠାରେ ବଜାଇବ, ଏବଂ ଅନ୍ୟ କୌଣସି ସ୍ଥାନରେ, ଏବଂ କଦା ଏକଦା ଥରେ ଆସିଯିବ ଓ ଟିକେ ବଜାଇବ । ନା, ମହାଶୟ । ଏହାକୁ ତ ଏଠାରେ ଏକ ଗାୟନ ସମୂହ ହେବା ଆବଶ୍ୟକ, ସଂଗଠିତ ଗାୟନ ସମୂହ ସେହି ନେତା—ନେତା ସହିତ ହେବା ଜରୁରୀ ଅଟେ, ଏବଂ ତାହାପରେ ମଣ୍ଡଳୀ, ବାଦ୍ୟଯନ୍ତ୍ର କିଣିବା ବିଷୟରେ ସେମାନଙ୍କ ସହିତ କଥାବାର୍ତ୍ତା କରନ୍ତୁ ।

**234. ଦୟାକରି ବୁଝାଇ ଦିଅନ୍ତୁ ଯେ ଆମେ କିପରି କରିବା କଥା…ଯେ ଆମେ ଦୀକନ୍‌ମାନେ କିପରି ଭାବରେ ଲୋକମାନଙ୍କୁ ପବିତ୍ର ମନ୍ଦିରରେ ପୂର୍ବରୁ କିମ୍ବା ପରେ ରଖିପାରିବା… ଦୟାକରି ବ୍ୟାଖ୍ୟା କରନ୍ତୁ ।** [ଭାଇ ବିଲି ପଲ୍ ପ୍ରଶ୍ନ ପଢ଼ନ୍ତି, **"ଦୀକନ୍‌ମାନେ ଲୋକମାନଙ୍କୁ ପବିତ୍ର ମନ୍ଦିରରେ ମାଣ୍ଡଳିକ ସେବା ପୂର୍ବରୁ ଏବଂ ପରେ କିପରି ଶାନ୍ତ ରଖିବେ?"**—ସମ୍ପା ।] ଓଃ । ଠିକ୍ ଅଛି ।

147 ଭାଇମାନେ, ମୁଁ ଏହା ପରାମର୍ଶ ଦେବି । ତେବେ, ସେଠାରେ ଏକ ମହାନ ବିଷୟ ଅଛି । ମୋର ଇଚ୍ଛା ଯେ କାଳେ ଆମ ପାଖରେ ଏହା ଉପରେ ଅଧିକ ସମୟ ଥାଆନ୍ତା, କାରଣ ଏହା—ଏହା…ଏହାର—ଏହାର ଆମ ପାଇଁ କିଛି ଗୋଟାଏ ଅର୍ଥ ଅଛି, ଦେଖନ୍ତୁ । ତେବେ, ମଣ୍ଡଳୀ ଏକ ନୁହେଁ…

148 ଯଦି ଆପଣ ଚାହାଁନ୍ତି…ଯଦି ଆପଣ ଏହି ଟେପ୍‌କୁ କୌଣସି ରାତିରେ ନେବାକୁ ଚାହିଁବେ ଏବଂ ସଭା ପୂର୍ବରୁ ଏହାକୁ ଚଲାଇବାକୁ ଚାହିଁବେ, ଯେପରିକି ଲୋକମାନେ ଏହାକୁ ବୁଝିବେ, ତେବେ ଏହାକୁ ଚଲାନ୍ତୁ; କେବଳ ଟେପ୍‌ର ଏହି ଅଂଶ ମାତ୍ର ଆଉ ଅଧିକ କିଛି ନୁହେଁ, କେବଳ ଏହା । ଏହାର ଯେକୌଣସି ଅଂଶ ଯାହା ଆପଣ ଏକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ବଜାଇବାକୁ

ଚାହାଁନ୍ତି, ଏହାକୁ ଚଲାନ୍ତୁ ଯେପର୍ଯ୍ୟନ୍ତକି ଆପଣ ଏହାକୁ ନ ପାଇଯାଆନ୍ତି, ଏବଂ ତାହାପରେ ଏହାକୁ ଚଲାନ୍ତୁ । ଦେଖନ୍ତୁ, 'କାରଣ ଏହା ପ୍ରଶ୍ନଗୁଡିକ ଅଟେ ।

149 ତେବେ, ମଣ୍ଡଳୀର ଦୀକନ୍‌ମାନେ, ଏବଂ ଯେପରି ମୁଁ—ଯେପରି ମୁଁ କହିଲି, ମଣ୍ଡଳୀର ପୋଲିସ ଅଟନ୍ତି । ମାତ୍ର ଗୀର୍ଜା ସହଭାଗୀତା ଏବଂ ବନ୍ଧୁତା ଓ ଘୁରି ବୁଲିବା ପାଇଁ—ପାଇଁ ଏକ ସାଧାରଣ ସଭାଗୃହ ନୁହେଁ । ଗୀର୍ଜା ପରମେଶ୍ୱରଙ୍କ ଏକ ପବିତ୍ର ମନ୍ଦିର ଅଟେ! ଆମେ ଏଠାକୁ ଆସୁ...ତେବେ, ଯଦି ଆମେ ପରସ୍ପରକୁ ସାକ୍ଷାତ କରିବାକୁ ଚାହୁଁ, ତେବେ ମୋତେ ଆପଣଙ୍କ ଘରକୁ ଆସିବାକୁ ଦିଅନ୍ତୁ, ଆପଣ ମୋ ଘରକୁ ଆସନ୍ତୁ, କିମ୍ବା ଆପଣ ପରସ୍ପର ଜଣେ ଅନ୍ୟର ଘରକୁ ଯାଆନ୍ତୁ ଏବଂ ପରସ୍ପରକୁ ସାକ୍ଷାତ କରନ୍ତୁ । କିନ୍ତୁ ଗୀର୍ଜା ପରିସରରେ କେବଳ ଘୁରି ବୁଲିବା, ଏବଂ ସେହିପରି କଥାବାର୍ତ୍ତା କରିବା ଏବଂ ବିଷୟଗୁଡିକୁ କରିବା, ଭାଇମାନେ, ଏହା ଠିକ୍ ନୁହେଁ; ଆମେ ଏଠାକୁ ଆସୁ, ଆମେ ଆମର ମନରୁ ସମଗ୍ର ବିଷୟକୁ ବାହାର କରିଦେଉ । ଯଦି ଆମେ ଏଠାକୁ ଆସିବା...

150 ଦେଖନ୍ତୁ ଯେ ଆମେ ଏହାକୁ ଅନେକ ବର୍ଷ ପୂର୍ବେ କିପରି କରିଥିଲୁ । ଭଉଣୀ ଗର୍ଟି ପିଆନୋବାଦକ ଥିଲେ । ଯେତେବେଳେ ମୁଁ ଏଠାରେ ପାଳକ ଥିଲି, ମୋତେ—ମୋତେ ଏକାବେଳେକେ ପାଳକ, ଦୀକନ୍, ଟ୍ରଷ୍ଟି, ସବୁକିଛି ହେବାକୁ ପଡିଥିଲା, ଦେଖନ୍ତୁ, ମାତ୍ର ମୋତେ—ମୋତେ ଏହା କରିବାକୁ ପଡିଥିଲା । ବର୍ତ୍ତମାନ ଆପଣଙ୍କୁ ସେପରି କରିବାକୁ ପଡ଼େ ନାହିଁ, ଦେଖନ୍ତୁ, କାରଣ ଆପଣଙ୍କ ପାଖରେ ଏହାକୁ କରିବା ପାଇଁ ପୁରୁଷମାନେ ଅଛନ୍ତି । କିନ୍ତୁ ଯେତେବେଳେ...ମୋର ପାଖରେ ସାହାଯ୍ୟକାରୀମାନେ ରହିଥିଲେ, ଭାଇ ସେୱାର୍ଡ ଏବଂ ସେମାନେ ସମସ୍ତେ ଦ୍ୱାରରେ ଥିଲେ । ସେଠାରେ ସେମାନେ କବାଟ ପାଖରେ ପୁସ୍ତକଗୁଡିକୁ ଗଦା କରି ରଖିଥିଲେ, ଏବଂ ଏକ ଚୌକୀରେ, କିମ୍ବା ସେପରି କିଛି, ଅନ୍ୟ କିଛିରେ ବସିଥିଲେ । ଏବଂ ଯେତେବେଳେ କେହି ଭିତରକୁ ଆସନ୍ତି, ଆପଣ ସେମାନଙ୍କୁ ତାଙ୍କର କୋଟ ଟାଙ୍ଗିବା ପାଇଁ ଏକ ସ୍ଥାନ ଦେଖାଇ ଦିଅନ୍ତି କିମ୍ବା ସେମାନଙ୍କୁ ନିଜର ଆସନ ଖୋଜିବାରେ ସାହାଯ୍ୟ କରନ୍ତି, ସେମାନଙ୍କୁ ଏକ ଗୀତ ପୁସ୍ତକ ଦିଅନ୍ତି ଏବଂ ସେମାନଙ୍କୁ "ପ୍ରାର୍ଥନାରେ ରହିବାକୁ" କୁହନ୍ତି । ଏବଂ ତାହାପରେ ସମସ୍ତେ ନିଜ ନିଜ ଆସନରେ ବସି ଯାଆନ୍ତି ଓ ଆରମ୍ଭର ସମୟ ପର୍ଯ୍ୟନ୍ତ ନୀରବ ରହି ପ୍ରାର୍ଥନା କରନ୍ତି । ବୁଝିଲେ? ଏବଂ ତାହାପରେ ଆରମ୍ଭ ସମୟରେ, ଭଉଣୀ ଗର୍ଟି, ସେହି ପିଆନୋବାଦକ, ସେଠାରେ ଉପରକୁ ଆସନ୍ତି ଓ ସଂଗୀତ ଆରମ୍ଭ କରନ୍ତି ଏହା ପୂର୍ବେକି...ଯେତେବେଳେକି ଲୋକମାନେ ଏକତ୍ର ଆସୁଥାନ୍ତି—ଥାନ୍ତି ।

151 ମୁଁ ପରାମର୍ଶ ଦେବି ଯେ ଆପଣଙ୍କର ପିଆନୋବାଦକ କେତୋଟି ପ୍ରକୃତ ସୁନ୍ଦର ସଙ୍ଗୀତ ନେଇ ସେଠାରେ ଉପରକୁ ଆସନ୍ତୁ । ଯଦି ସେ ଏଠାରେ ଉପରକୁ ଆସିପାରନ୍ତି ନାହିଁ, ତେବେ ଏହାକୁ ଟେପ୍‌ରେ ଲଗାଇ ଦିଅନ୍ତୁ ଏବଂ ତାହାପରେ ଏହାକୁ ବଜାନ୍ତୁ, କିମ୍ବା ସେହିପରି ଅନ୍ୟ କିଛି । ଏବଂ ସଙ୍ଗୀତ, ପ୍ରକୃତ ମଧୁର ପବିତ୍ର ସଙ୍ଗୀତ ଚଲାନ୍ତୁ । ତେଣୁ...ଏବଂ ଲୋକଙ୍କୁ ପଚାରନ୍ତୁ...ଏବଂ ଯଦି ଲୋକମାନେ କଥାବାର୍ତ୍ତା କରୁଥାନ୍ତି ଏବଂ ସେହିପରି ଭାବରେ କିଛି କରି ଚାଲୁଥାନ୍ତି, ତେବେ ଦୀକନ୍‌ମାନଙ୍କ ମଧ୍ୟରୁ ଜଣେ ଛିଡା ହୁଅନ୍ତୁ ଏବଂ ମେଜ ଉପରେ

ରଖା ହୋଇଥିବା ମାଇକ୍ରୋଫୋନ୍ ନିକଟକୁ ଯାଇ କୁହନ୍ତୁ, “ଶ, ଶ, ଶ,” ସେହିପରି କିଛି । କୁହନ୍ତୁ, “ଏଠାରେ ଆରାଧନାଳୟରେ, ଆମେ—ଆମେ ଚାହୁଁଛୁ ଯେ ଆପଣ ଉପାସନା କରିବା ପାଇଁ ଆସନ୍ତୁ । ଆସନ୍ତୁ ତେବେ ପାଟିତୁଣ୍ଡ କରିବା ନାହିଁ, ସଙ୍ଗୀତ ଶୁଣିବା । ନିଜର ଆସନ ଖୋଜି ନିଅନ୍ତୁ, ବସି ଯାଆନ୍ତୁ, ଭକ୍ତି ସହକାରେ ରୁହନ୍ତୁ, ଦେଖନ୍ତୁ, ପ୍ରାର୍ଥନା କରନ୍ତୁ କିମ୍ବା ବାଇବଲ ପାଠ କରନ୍ତୁ । ଏହା, ଏଠାରେ ପବିତ୍ର ମନ୍ଦିରରେ ଅଟେ, ଯେଉଁଠାରେକି ପ୍ରଭୁ ବାସ କରନ୍ତି । ଏବଂ ଆମେ ଚାହୁଁ ଯେ ସମସ୍ତେ ପ୍ରକୃତରେ ଭକ୍ତି ସହକାରେ ରୁହନ୍ତୁ ଏବଂ ଉପାସନା କରନ୍ତୁ, ଏଆଡେ ସେଆଡେ ନ ଦୌଡ଼ନ୍ତୁ, ସେବା ପୂର୍ବରୁ କଥାବାର୍ତ୍ତା ନ କରନ୍ତୁ । ନିଜକୁ ଏକତ୍ରିତ କରନ୍ତୁ, ଏବଂ ଆପଣ ଏଠାରେ ପ୍ରଭୁଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ଆସନ୍ତୁ । ବୁଝିଲେ? ନୀରବ ପ୍ରାର୍ଥନାରେ ରୁହନ୍ତୁ, କିଅବା ଦେଖନ୍ତୁ, କିମ୍ବା ନିଜର ବାଇବଲ ପଢ଼ନ୍ତୁ ।”

152 ଯେତେବେଳେ ମୁଁ ସେଠାରେ ଉପରେ ମାର୍ବଲ ଗୀର୍ଜାଠାରେ...ନର୍ମାନ୍ ଭିନ୍‌ସେଣ୍ଟ ପିଲ୍‌ଙ୍କ ନିକଟକୁ ଯାଇଥିଲି, ଆପଣ ତାଙ୍କ ବିଷୟରେ ଶୁଣିଛନ୍ତି, ଆପଣ ଦେଖନ୍ତୁ । ଏବଂ ମୁଁ ଗଲି...ମହାନ ମନୋବିଜ୍ଞାନୀ, ଶିକ୍ଷକ, ଆପଣ ଜାଣନ୍ତି । ଏବଂ ମୁଁ ତାଙ୍କ ମଣ୍ଡଳୀକୁ ଗଲି, ମୁଁ କେବଳ ଭାବିଲି, ସେଠାରେ, “ମୋର ଇଚ୍ଛା ଯେ କାଳେ ମୋର ଆରାଧନାଳୟ ପୁଣିଥରେ ତାହା କରନ୍ତା ।” ଆପଣ ଆସିବା ମାତ୍ରେ ସେହି ଦୀକନ୍‌ମାନେ ସେଠାରେ ଦ୍ୱାର ପାଖରେ ଠିଆ ହୋଇଥାଆନ୍ତି । ସେମାନେ, ଅବଶ୍ୟ, ସେମାନେ ଆପଣଙ୍କୁ ଏକ ରବିବାର ଶ୍ରେଣୀର କାଗଜ଼ ଦିଅନ୍ତି, ଆପଣଙ୍କୁ ଠିକ୍ ଲେଖିକରି ଦିଅନ୍ତି । ତାଙ୍କୁ ଏହା ତିନିଥର ଖାଲି କରିବାକୁ ପଡିଥାଏ, ଆପଣ ଜାଣନ୍ତି, ଏହା କେବଳ ଚାରି କିମ୍ବା ପାଞ୍ଚ ଶହ ଲୋକମାନଙ୍କୁ ଧାରଣ କରିଥାଏ, ଆପଣ ଜାଣନ୍ତି; ଏବଂ ନ୍ୟୁୟର୍କର ଏକ ବଡ ସ୍ଥାନ ଅଟେ, ଏବଂ ସେ ଜଣେ ଲୋକପ୍ରିୟ ବ୍ୟକ୍ତି ଅଟନ୍ତି । ଏବଂ ମୁଁ ଭାବୁଛି ଯେ ସେମାନଙ୍କୁ ଦଶଟା ବେଳେ ଗୋଟିଏ ଏବଂ ଏଗାରଟାରେ ଗୋଟିଏ ଶ୍ରେଣୀ ନିଆ ହେଉଥିଲା, ସେହି ସମାନ ଉପଦେଶକୁ ଠିକ୍ ପୁଣି ଥରେ, ଠିକ୍ ସେହି ସମାନ ସେବା, ସେହି ସମାନ କାଗଜ ଖଣ୍ଡ । ମାତ୍ର ଯେତେବେଳେ ସେମାନେ ବରଖାସ୍ତ କରନ୍ତି, ଏବଂ ସେମାନଙ୍କର (ମୁଁ ଭାବୁଛି) ଗୀର୍ଜା ଆରମ୍ଭ ହେବା ପାଇଁ ଠିକ୍ ପାଞ୍ଚ ମିନିଟ୍ ସମୟ ରହିଥିଲା...ସେମାନେ ବାହାରକୁ ନ ଆସିବା ପର୍ଯ୍ୟନ୍ତ ଅନ୍ୟ କେହି ଭିତରକୁ ଆସିପାରନ୍ତି ନାହିଁ, ତାହାପରେ ଦୀକନ୍‌ମାନେ ମାର୍ଗ ଫିଟାନ୍ତି ଏବଂ ଅନ୍ୟ ଗୀର୍ଜା ଭରିଯାଏ । ସେମାନଙ୍କ ପାଖରେ ଏହି ପୁରୁଣା ବାକ୍ସ ଆସନ ରହିଥିଲା, ଆପଣ ଜାଣନ୍ତି, ସେମାନେ ସେପରି ଭାବରେ ଭିତରକୁ ଯାଆନ୍ତି, ଏବଂ ଗୀର୍ଜାର ପାହାଚରେ ବସିଯାଆନ୍ତି ଯେଉଁଠାରେ ଆପଣ କବାଟ ଖୋଲନ୍ତି । ପୁରୁଣା କାଳିଆ, ଏହା ସେଠାରେ ଠିକ୍ ଦୁଇ ଶହ ବର୍ଷ ହେଲାଣି—ହେଲାଣି ଛିଡ଼ା ହୋଇଛି, ମୁଁ ଅନୁମାନ କରେ, ସେହି ପୁରୁଣା ମାର୍ବଲ୍ ଗୀର୍ଜା ।

153 ଏବଂ ଆପଣ ସେହି ଗୀର୍ଜାରେ କୌଣସି ସ୍ଥାନରେ ଗୋଟିଏ ପିନ୍ କଣ୍ଟା ପଡିବାଟା ସୁଦ୍ଧା ଶୁଣିପାରିବେ, ଏବଂ ଓର୍ଗାନ ବାଦ୍ୟଯନ୍ତ୍ରରେ ପ୍ରଥମ ନୋଟ, ସେହି ଆରମ୍ଭିକ ସଂଗୀତ ବାଜିବା ପୂର୍ବରୁ ଅତି କମ୍‌ରେ ତିରିଶ ମିନିଟ୍ ପର୍ଯ୍ୟନ୍ତ ସମସ୍ତେ ପ୍ରାର୍ଥନାରେ ରହିଥାନ୍ତି । ବୁଝିଲେ? ଏବଂ ସମସ୍ତେ କେବଳ ପ୍ରାର୍ଥନାରେ ରହିଥାନ୍ତି । ମୁଁ ଭାବିଲି, “ଏହା କେତେ ସୁନ୍ଦର

ଅଟେ!” ତାହାପରେ ଯେତେବେଳେ ସେହି ସେବକ...ସେହି ପ୍ରାରମ୍ଭ ସଂଗୀତ, ବିଷୟରେ... ମୁଁ ଭାବୁଛି ସେମାନେ ପ୍ରାୟଃ ତିନିରୁ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ଗୋଟିଏ ଆରମ୍ଭିକ ସଂଗୀତ ବଜାଇଥିଲେ, *ତୁମେ କେତେ ମହାନ*, କିମ୍ବା ସେହିପରି କିଛି, ସେହିପରି କିଛି ଉପରେ। ଏବଂ ତାହାପରେ ଯେତେବେଳେ ସେମାନେ କଲେ, ସମସ୍ତେ ପ୍ରାର୍ଥନା କରିବା ବନ୍ଦ କରିଦେଲେ, ଆରମ୍ଭିକ ସଂଗୀତକୁ ଶୁଣୁଥିଲେ। ଦେଖନ୍ତୁ, ଏହା ପ୍ରାର୍ଥନାଠାରୁ ନେଇ ଆରମ୍ଭିକ ସଂଗୀତ ପର୍ଯ୍ୟନ୍ତ, ଏକ ପରିବର୍ତ୍ତନ ପ୍ରଦାନ କରେ। ଏବଂ ତାହାପରେ ଯେତେବେଳେ ସେମାନେ ତାହା ବଜାଇଲେ, ସେତେବେଳେ ଗୀତ ନେତୃତ୍ୱକାରୀ ଗାୟନ ମଣ୍ଡଳୀକୁ ନିର୍ଦ୍ଦେଶିତ କଲେ। ତାହାପରେ ସେମାନଙ୍କର ଏକ ମାଣ୍ଡଳିକ ଗୀତ ହୋଇଥିଲା ଏବଂ ଗାୟନ ମଣ୍ଡଳୀ ଥିଲେ। ଏବଂ ତାହାପରେ ସେମାନେ ସେମାନଙ୍କର ରବିବାର ଶ୍ରେଣୀର ଶିକ୍ଷା ପାଇଁ ପ୍ରସ୍ତୁତ ଥିଲେ। ବୁଝିଲେ? ଆଉ ତାହାପରେ—ଆଉ ତାହାପରେ ଯେତେବେଳେ ଏହା ସମାପ୍ତ ହେଲା, ସେତେବେଳେ ଆଉ କିଛି ନୁହଁ କେବଳ ଈଶ୍ୱରୀୟ ଉପାସନା ଚାଲିଥିଲା, ସବୁ ସମୟରେ, ଏବଂ ତାହାରି ପାଇଁ ତ ଆମେ ସେଠାକୁ ଆସିଥାଉ।

154 ଏବଂ ମୁଁ ଭାବୁଛି ଯେ ଏହା ଏକ ଭଲ କଥା ହେବ ଯଦି ଆମର ମଣ୍ଡଳୀ...ଏବଂ ମୁଁ ଏହା କେବଳ କହୁଅଛି, ଆମେ, ପୂର୍ବରୁ, ଆମେ ତାହା କରିବା। ବୁଝିଲେ? ଆସନ୍ତୁ ଏହା କରିବା। ଯଦି କେହିଜଣେ କିଛି କରନ୍ତି, ଏବଂ କୁହନ୍ତି, ଯେ, “ମୁଁ ଭାବୁଛି ଯେ ଏହା ଏକ ଭଲ କଥା ହେବ।” ଯଦି ଏହା ଏକ ଭଲ ବିଷୟ ଅଟେ, ତେବେ ଆସନ୍ତୁ ଏହା କରିବା। ବୁଝିଲେ? ଆମେ କୌଣସି ଭଲ ବିଷୟକୁ ଛାଡିବାକୁ ଚାହୁଁନାହୁଁ, ଯେକୌଣସି ପ୍ରକାରେ ହେଲେ, ଆମେ ତାହା କରିବା। ବୁଝିଲେ? ଏବଂ କେବଳ ଆଗକୁ ଯିବା ଏବଂ—ଏବଂ ସେଠାରେ ଠିଆ ହେବା ଓ—ଓ ଯଦି ସେମାନେ ଗୋଟିଏ ସକାଳେ ଆରମ୍ଭ କରନ୍ତି, କିମ୍ବା ସେହିପରି କିଛି କରନ୍ତି, ଲୋକମାନେ ପରିଦର୍ଶନ କରନ୍ତି, ତାହାହେଲେ କାହାରିକୁ କେବଳ, କିମ୍ବା ଦୀକନ୍‌ମାନଙ୍କ ମଧ୍ୟରୁ ଜଣକାକୁ—ମଧ୍ୟରୁ ଜଣକାକୁ, କିମ୍ବା କେହି ଜଣେ ସେଠାରେ ଉପରକୁ ଯାଇ କହିବା, “ଏଠାରେ ଏହି ଆରାଧନାଳୟରେ ଏହା ଏକ ନିୟମ କରାଯାଇଛି...”

155 ମୁଁ ଜାଣେ ନାହିଁ ଯେ ସେମାନେ ଏହା କରିବେ କି ନାହିଁ; ସେମାନେ କରିପାରନ୍ତି—କରିପାରନ୍ତି। ମୁଁ କେବେବି ଏଠାରେ ରହେ ନାହିଁ, ଆପଣ ଦେଖନ୍ତୁ, ମୁଁ ଜାଣେ ନାହିଁ। ସେବା ପୂର୍ବରୁ ମୁଁ କେବେବି ଏଠାରେ ରହେ ନାହିଁ।

156 ଏବଂ ଯେତେବେଳେ ସେମାନେ ଭିତରକୁ ଆସନ୍ତି ଏବଂ ସେମାନେ କଥାବାର୍ତ୍ତା ଆରମ୍ଭ କରନ୍ତି, ତେବେ ସେଠାରେ କେହି ଜଣେ ଉଠନ୍ତୁ ଓ କୁହନ୍ତୁ, “ଶ, ଶ, ଶ, କେବଳ ଗୋଟିଏ କ୍ଷଣ।” ବୁଝିଲେ? ତେବେ ଆସୁ—ତେବେ ଆସୁ...ଜଣେ ଛୋଟ ଭଉଣୀକୁ ନିଅନ୍ତୁ, ତାକୁ ସେଠାରେ ଉପରକୁ ଆଣନ୍ତୁ ଏବଂ ତାକୁ ସେହି ସଙ୍ଗୀତ ବଜାଇବାକୁ ଦିଅନ୍ତୁ। ଯଦି ଆପଣ ତାହା କରୁନାହାଁନ୍ତି, ତେବେ ଏହାକୁ ଟେପ୍‌ରେ ଚଲାନ୍ତୁ ଏବଂ ଏହାକୁ ସେଠାରେ ବାହାରକୁ ଆଣନ୍ତୁ, ଦେଖନ୍ତୁ, ଓର୍ଗାନ ବାଦ୍ୟରେ। ଏବଂ କୁହନ୍ତୁ, “ତେବେ ଆମେ...ଆରାଧନାଳୟରେ ଏକ ନୂତନ ନିୟମ ଅଛି। ଯେତେବେଳେ ଲୋକମାନେ ଏଠାରେ ପ୍ରବେଶ କରନ୍ତି, ତେବେ

ଆମକୁ ଫୁସ୍‌ଫୁସ୍ କରିବା, କଥାବାର୍ତ୍ତା କରିବା କଥା ନୁହେଁ, ବରଂ ଉପାସନା କରିବା କଥା । ବୁଝିଲେ? ତେବେ, କିଛି ମିନିଟ୍ ପରେ ସେବା ଆରମ୍ଭ ହୋଇଯାଏ । ସେସମୟ ପର୍ଯ୍ୟନ୍ତ, କେବଳ ନିଜର ବାଇବଲ ପଢ଼ନ୍ତୁ କିମ୍ବା ମସ୍ତକ ନତ କରନ୍ତୁ ଓ ଚୁପଚାପ୍ ପ୍ରାର୍ଥନା କରନ୍ତୁ ।" ଏବଂ ସେହିପରି କେତେକ ଥର, ସେମାନେ ସମସ୍ତେ ଶିଖିଯିବେ । ବୁଝିଲେ? ବୁଝିଲେ?

157 ଆପଣ କାହାରିକୁ କଥା କହୁଥିବାର ଶୁଣନ୍ତି, ତେବେ ଯଦି ଏହା ଏପରି ହେବାକୁ ଯାଏ...ସେହି ପରି କେତେକ ଥର ପରେ, କିଛି ସମୟ ପରେ ଆପଣ ଏପରି ଏକ ସ୍ଥାନକୁ ଆସିଯାଆନ୍ତି ଯେଉଁଠାରେକି କେହି ଜଣେ, ଧରନ୍ତୁ, କଥାବାର୍ତ୍ତା କରୁଥିବାର ଦେଖାଯାଆନ୍ତି, ଆଉ କେହିହେଲେ କଥାବାର୍ତ୍ତା କରୁନାହାଁନ୍ତି, ଆପଣ ଦେଖନ୍ତୁ, ତେବେ, ତାହାହେଲେ ଜଣେ ଦୀକନ୍ ଉପରକୁ ଯାଇ ଏହା କୁହନ୍ତୁ, "ସେବା ସମୟରେ ଆମେ—ଆମେ ଚାହୁଁ ଯେ ଆପଣମାନେ ଉପାସନା କରନ୍ତୁ ।" କଅଣ ଆପଣ ବୁଝିଲେ? ବୁଝିଲେ? ଦେଖନ୍ତୁ, ଏହା କଥାବାର୍ତ୍ତା ନିମନ୍ତେ ଘର ନୁହେଁ, ଏହା ଏକ ଉପାସନା ଗୃହ ଅଟେ । ବୁଝିଲେ?

> ମୁଁ ଭାବୁଛି ଯେ ଏହାହିଁ ତାହା ଥିଲା । **ଦୟାକରି ବ୍ୟାଖ୍ୟା କରନ୍ତୁ...**ହଁ । ଆସନ୍ତୁ ଦେଖିବା । ହଁ । **ଦୟାକରି ବ୍ୟାଖ୍ୟା କରନ୍ତୁ ଯେ କିପରି ଭାବରେ...ପବିତ୍ର ମନ୍ଦିରରେ... ଦୀକନ୍‌ମାନେ କରିବା ଉଚିତ୍ ।** ହଁ, ତାହାହିଁ ସବୁ ଅଟେ । ତାହା ଠିକ୍ । ଏହାହିଁ ତାହା ଅଟେ ।

ଠିକ୍ ଅଛି, ବର୍ତ୍ତମାନ, ଏଠାରେ ସେହି ଶେଷ ଅଟେ ।

**235. ଭାଇ ବ୍ରାନହାମ୍, ଯେତେବେଳେ ସେବା ଆରମ୍ଭରେ ଆମ ପାଖରେ ସୁଯୋଗମାନ ରହିଥିଲା...** ମୁଁ—ମୁଁ...ଅଭି-...ନା,...**ଆମର ଅଭିଯୋଗମାନ ରହିଥିଲା...**

ଏହା ପ୍ରକୃତରେ ବହୁତ ଛୋଟ ଲେଖା ହୋଇଛି । ଏବଂ ଏକ **"ଅଭିଯୋଗମାନ ରହିଥିଲା,"** କଅଣ ଏହା ନୁହେଁ କି? [ଭାଇ ବିଲି ପଲ୍ କୁହନ୍ତି, "ଉ-ହୁ," ଏବଂ ଭାଇ ବ୍ରାନହାମ୍‌ଙ୍କୁ ସେହି ଛୋଟ ଲେଖା ପଢିବାରେ ସାହାଯ୍ୟ କରିବା ଜାରି ରଖନ୍ତି—ସମ୍ପା ।]

> **...ସେବା ଆରମ୍ଭରେ ଅଭିଯୋଗମାନ ରହିଥିଲା । ଆମର ରହିଥାଏ...**ଆସନ୍ତୁ ଦେଖିବା । **ଆମ—ଆମ—ଆମ ପାଖରେ ଗୀତ, ସାକ୍ଷ୍ୟ, ଏବଂ ପ୍ରାର୍ଥନା, ଓ ପ୍ରାର୍ଥନା ଅନୁରୋଧ, ବିଶେଷ ଗୀତମାନ ରହିଥାଏ, ଏବଂ ହୋ-ଇ-...ହୋଇପାରେ ଏହାକୁ ପାଆନ୍ତି...ଏଗାରଟାରେ ବାର୍ତ୍ତା ମଧ୍ୟକୁ ପ୍ରବେଶ କରନ୍ତି, ପର୍ଯ୍ୟନ୍ତ...କିମ୍ବା ପରେ, କିନ୍ତୁ ବାକ୍ୟ ପାଇଁ ଅଧିକ ସମୟ ନ ଥାଏ । କିଛି ଲୋକ ଅଧିର ହୋଇଯାଆନ୍ତି ଏବଂ ଥାଆନ୍ତି...ଛାଡି ଦେଇ ଥାଆନ୍ତି ଏହା—ଏହା ପୂର୍ବେକି, ଥାଆନ୍ତି...ଏହା ପୂର୍ବରୁ—ଏହା ପୂର୍ବରୁକି ତାହା ସମାପ୍ତ ହୁଏ । ଏହା...ଦୟାକରି ବ୍ୟାଖ୍ୟା କରନ୍ତୁ ଯେ କେତୋଟି ଗୀତ, ଏବଂ କେଉଁ ସମୟରେ ବାର୍ତ୍ତା ଆରମ୍ଭ କରିବା କଥା । ଏବଂ କେତେକ—କେତେକ ସମୟରେ ଆମର ପ୍ରାର୍ଥନା—ପ୍ରାର୍ଥନା ଅନୁରୋଧଗୁଡିକ ଥାଏ ଏବଂ ଏହା**

**ଏକ ସାକ୍ଷ୍ୟ ସଭାରେ ଶେଷ ହୁଏ, କେତେକ ବିଷୟ ଯାହା—ଯାହା ନାହିଁ...ସେହି ସମୟରେ ଠିକ୍ ଦେଖାଯାଏ ନାହିଁ।**

158 ତେବେ, ମୁଁ ଆଶା କରୁଛି ଯେ ମୁଁ ତାହା ପାଇଅଛି। ବିଲି ମୋତେ ଏଠାରେ ସାହାଯ୍ୟ କରିବାକୁ ଚେଷ୍ଟା କରୁଅଛି। ଟେପ୍ ଉପରେ, ଆପଣ ହୋଇଯାଆନ୍ତି...ସଭାରେ, ସେବାରେ କେହି ଜଣେ, ତାହା ଶୁଣୁଥାଆନ୍ତି ଯେ ଏହା କଅଣ ଥିଲା, ବିଲି ମୋତେ ପଢ଼ିବାରେ ସାହାଯ୍ୟ କରିବାକୁ ଚେଷ୍ଟା କରୁଥିଲା କାରଣ ଏହା ବହୁତ, ବହୁତ ଛୋଟ ଲେଖା ହୋଇଅଛି, ଏବଂ ମୁଁ ଏହାକୁ ପଢ଼ି ପାରି ନ ଥିଲି। ମୁଁ ସାଧାରଣ ଧାରଣା ପାଇଲି, ଏହା ହେଉଛି, ଯେ, "ସେବା ଆରମ୍ଭ କରିବା ପୂର୍ବରୁ ଆମେ କେତୋଟି ଗୀତ ଗାଇବା ଉଚିତ୍, ଏବଂ କେଉଁ ସମୟରେ ସେବା ଆରମ୍ଭ କରିବା ଉଚିତ୍?"

159 ତେବେ, ପ୍ରଥମ ବିଷୟ ଯାହାକି ମୁଁ ଏଠାରେ କରିବାକୁ ଚାହେଁ ତାହା ହେଲା ଏକ ସ୍ୱୀକାରୋକ୍ତି। ଏବଂ ଯେତେବେଳେ ମୁଁ ଭୁଲ୍ ଅଟେ, ମୁଁ ସ୍ୱୀକାର କରିବାକୁ ଚାହେଁ "ମୁଁ ଭୁଲ ଅଟେ।" ବୁଝିଲେ? ଏବଂ ମୁଁ—ଏବଂ ମୁଁ—ମୁଁ ଏଠାରେ ଏକ ସ୍ୱୀକାରୋକ୍ତି କରିବି ଯେ "ମୁଁ ସେହି ପ୍ରକାରର ଜଣେ ନେତା ଅଟେ।" କାରଣ ଏହା ମୁଁ ଅଟେ ଯିଏକି ଏହି ଲମ୍ବା ସେବାଗୁଡିକ ଏବଂ ବିଷୟସବୁ କରିଥାଏ, ତାହାହିଁ ଅଟେ ଯାହାକି ମଣ୍ଡଳୀକୁ ଏପରି କରିବାରେ, ଏହି ଦିନଚର୍ଯ୍ୟାରେ ପରିଣତ କରିଅଛି, ଦେଖନ୍ତୁ, ମାତ୍ର ଏହା ହେବା ଉଚିତ୍ ନୁହେଁ। ଆଉ ତେବେ, ମନେରଖନ୍ତୁ, ମୋର ଅଛି...ମୁଁ ଅଟେ...ଆପଣ ସମସ୍ତଙ୍କୁ କହୁଥିଲି, "ରବିବାର ରାତିରେ, ଯଦି ପ୍ରଭୁ ଇଚ୍ଛା କରନ୍ତି, ରବିବାର ରାତିରେ, ଯେ, ମୁଁ ବର୍ତ୍ତମାନଠାରୁ ମୋର ସେବାଗୁଡିକୁ ବଣ୍ଟନ କରିବାକୁ ଚେଷ୍ଟା କରୁଅଛି, ଯଦି ମୋତେ ଏକ ସପ୍ତାହ ଅତିରିକ୍ତ ବି ରହିବାକୁ ପଡ଼େ, ମୋ ସେବା ପାଇଁ ଅଧିକରୁ ଅଧିକ ପ୍ରାୟଃ ତିରିଶ କିମ୍ବା ଚାଳିଶ ମିନିଟ୍ ଲମ୍ବା ସମୟ କରିବି।"

160 ଯେହେତୁ ମୁଁ ଏହା ପାଇଅଛି, ଏପରି ଏକ ସେବା ଯାହାକି...ଏହା ଛିଡା ହୁଏ, ଏବଂ ବାର୍ତ୍ତାଟି ଶକ୍ତି ସାମର୍ଥ୍ୟରେ ପ୍ରଦାନ କରାଯାଏ; ଯଦି ଆପଣ ବହୁତ ଦୂରକୁ ଚାଲି ଯାଆନ୍ତି, ଆପଣ ଲୋକମାନଙ୍କୁ ଥକିତ କରି ଦିଅନ୍ତି ଏବଂ ସେମାନେ ତାହା ବୁଝିପାରନ୍ତି ନାହିଁ। ସେହି କାରଣ ଯେ ମୁଁ ଦେଇ ଆସୁଛି...ମୁଁ ସବୁ ସମୟରେ ତାହାହିଁ ଜାଣିଥିଲି। ବୁଝିଲେ? ସବୁଠାରୁ ସଫଳ ବକ୍ତା ସେମାନେ ଅଟନ୍ତି ଯେଉଁମାନେକି ଅବିକଳ...ଯୀଶୁ ଅଳ୍ପ ଶବ୍ଦ ବିଶିଷ୍ଟ ବ୍ୟକ୍ତି ଥିଲେ, ତାହାଙ୍କର ଉପଦେଶଗୁଡିକୁ ଲକ୍ଷ୍ୟ କରନ୍ତୁ। ପାଉଲଙ୍କ ଉପଦେଶଗୁଡିକୁ ଲକ୍ଷ୍ୟ କରନ୍ତୁ। ପେଣ୍ଟିକଷ୍ଟ ଦିନରେ, ବୋଧହୁଏ ତାଙ୍କୁ ପନ୍ଦର ମିନିଟ୍ ଲାଗିଥିଲା, ଆଉ ସେ ପ୍ରହାର କରିଥିଲେ...ସେଠାରେ, ଏପରି କିଛି ଯାହାକି—ଯାହାକି—ଯାହାକି ତିନି ହଜାର ପ୍ରାଣଗୁଡିକୁ ପରମେଶ୍ୱରଙ୍କ ରାଜ୍ୟକୁ ପଠାଇଥିଲା। ଦେଖନ୍ତୁ, ସୀଧାସଳଖ ଅବିକଳ ଠିକ୍ ସେହି ସ୍ଥାନକୁ। ବୁଝିଲେ?

161 ଏବଂ ମୁଁ—ମୁଁ ଦୋଷୀ ଅଟେ। ଯେହେତୁ, ସେହି କାରଣ ଯେ ମୁଁ ଏହା କରିଅଛି ତାହା ହେଲା, ସେହି କାରଣ ନୁହେଁ ଯେ ମୁଁ କିଛି ଭିନ୍ନ ଜାଣି ନ ଥିଲି, ମାତ୍ର ମୁଁ ଟେପ୍ ତିଆରି କରୁଅଛି,

ଦେଖନ୍ତୁ, ଏବଂ ଏହି ଟେପ୍‌ଗୁଡିକ ଘରେ ଘରେ ଘଣ୍ଟା ପରେ ଘଣ୍ଟା ପରେ ଘଣ୍ଟା ଘଣ୍ଟା ସମୟ ଧରି ବଜାଯିବ। ମାତ୍ର ଯେତେବେଳେ ଆପଣ ପାଇବେ, ଆଗାମୀ ରବିବାର, ମୁଁ ଏହା କରିବାର କାରଣ ହେଲା, ଏହି ଆସନ୍ତା ରବିବାର, ସେହି କାରଣ ଯେ ମୁଁ ଏହିସବୁ କରିଅଛି…ମୁଁ ଏହାକୁ ଠିକ୍ ବର୍ତ୍ତମାନ ଟେପ୍‌ରେ କହିପାରେ। ସେହି କାରଣ ଯେ ମୁଁ ଏହା କରିଅଛି ତାହା ହେଲା ଏହି ଅତ୍ୟଧିକ ବୋଝ ଯାହାକି ମୋ ଉପରେ ଏହି ଘଟିକାର ବାର୍ତ୍ତା ନିମନ୍ତେ ଅଛି, ଯେ ଏହାକୁ ସମ୍ପ୍ରସାରିତ କରେ। ବର୍ତ୍ତମାନ ଏହି ବାର୍ତ୍ତା ଯେ ପ୍ରଦାନ କରାଯାଇଛି, ତେବେ ମୁଁ ଏକ ତିରିଶ ମିନିଟ୍ କିମ୍ବା ସେପରି କିଛି ସମୟ ନେଉଅଛି, ବର୍ଷର ପ୍ରଥମ ପରେ, ମୋର ସଭାଗୁଡ଼ିକରେ… ଯେଉଁଆଡକୁ ବି ମୁଁ ଯାଉଥାଏ, ଏବଂ ଚେଷ୍ଟା କରିଥାଏ ଓ ଏପରିକି ମୋ ଘଣ୍ଟାକୁ ତିରିଶ ମିନିଟରେ ସ୍ଥିରିକୃତ କରିଥାଏ, କିମ୍ବା ଅଧିକରୁ ଅଧିକ ଚାଳିଶ; ସେହି ବାର୍ତ୍ତାକୁ ପରିବେଷଣ କରିଦିଏ, ଏବଂ ବେଦୀର ଡାକରା ଦେଇଥାଏ ଯଦି ମୁଁ…କିମ୍ବା ମୁଁ ଯାହା କରିବାକୁ ଯାଉଅଛି, କିମ୍ବା ଏକ ପ୍ରାର୍ଥନା ପଂକ୍ତି ଡାକୁଥାଏ; ଏବଂ ସେତେ ସମୟ ନେଉ ନ ଥାଏ, କାରଣ ଆପଣ ଲୋକମାନଙ୍କୁ ଥକିତ କରାଇ ଦିଅନ୍ତି। ମୁଁ ତାହା ଜାଣେ।

162 କିନ୍ତୁ ଏଠାରେ ଦେଖନ୍ତୁ। ମୁଁ ଅନୁମାନ କରୁଛି, ବର୍ଷରେ, ଆମ ପାଖରେ ଉଠି ବାହାରକୁ ଯିବା ପାଇଁ ବାରଜଣ ଲୋକ ସୁଦ୍ଧା ନାହାଁନ୍ତି, ଏବଂ ବେଳେବେଳେ ମୁଁ ସେମାନଙ୍କୁ ଏଠାରେ ଦୁଇ ଏବଂ ତିନି ଘଣ୍ଟା ପାଇଁ ରଖିଦିଏ। ବୁଝିଲେ? ତାହା ଠିକ୍ ଅଟେ। କାରଣ ତାହା ଏହି ଟେପ୍‌ଗୁଡିକ ତିଆରି କରିବା ପାଇଁ ଅଟେ ଯାହା ସାରା ବିଶ୍ୱକୁ ଯାଏ, ଦେଖନ୍ତୁ। ଏବଂ ସେଠାରେ ଥିବା ଲୋକମାନେ, ସେମାନେ ଘଣ୍ଟା ଘଣ୍ଟା ଧରି ବସିବେ ଏବଂ ତାହାକୁ ଶୁଣିବେ; ସେବକଗଣ, ଏବଂ ଅନ୍ୟାନ୍ୟ, ଜର୍ମାନୀ, ସ୍ୱିଜରଲ୍ୟାଣ୍ଡ, ଆଫ୍ରିକା, ଏସିଆ, ଏବଂ ସର୍ବତ୍ର, ଦେଖନ୍ତୁ, ତାହାକୁ ଶୁଣୁଥିବେ।

163 କିନ୍ତୁ, ଦେଖନ୍ତୁ, ପବିତ୍ର ମନ୍ଦିର ନିମନ୍ତେ, ମଣ୍ଡଳୀ ନିମନ୍ତେ…ଏବଂ ତାହା ଠିକ୍ ଅଛି। ଯଦି ଆପଣ ଏଠାରେ ଏକ ଟେପ୍ ତିଆରି କରୁଛନ୍ତି, ଏବଂ ଆପଣଙ୍କ ପାଖରେ ଏକ ଦୁଇ-ଘଣ୍ଟିଆ ଟେପ୍ ଅଛି, ତେବେ ଏଥିରେ ଦୁଇ-ଘଣ୍ଟିଆ ବାର୍ତ୍ତା ରଖନ୍ତୁ; କିନ୍ତୁ ଯଦି ଆପଣ ସେପରି କିଛି ପାଇଁ ଏକ ଟେପ୍ ତିଆରି କରୁନାହାଁନ୍ତି, ତେବେ ଆମର ବାର୍ତ୍ତା କାଟି ଦିଅନ୍ତୁ, ଦେଖନ୍ତୁ, ଆମର ବାର୍ତ୍ତାକୁ କାଟିଦିଅନ୍ତୁ। ମୁଁ ଆପଣଙ୍କୁ କହୁଛି କାହିଁକି, ସେଠାରେ କିଛି ସହଜ ଭରିବା ବିଷୟ ଅଛି, କିଛି ଲମ୍ବା ପୂରଣ କରିବା ବିଷୟ ଅଛି, ଦେଖନ୍ତୁ, ସେହି ପରି ଭାବରେ, ଏବଂ ଆପଣଙ୍କୁ ତାହା ମଧ୍ୟରେ ଏକ ଖୁସିର ମାଧ୍ୟମରେ ରହିବାକୁ ପଡିବ।

164 ଏବଂ ବର୍ତ୍ତମାନ, ଅନେକ ଥର ଆମେ ଏକ ସାକ୍ଷ୍ୟ ସଭାକୁ ଲମ୍ବା ଟାଣିବା ଦ୍ୱାରା ଆମର ସେବାକୁ ନଷ୍ଟ କରିଦେଉ, ଯାହାକି ମୁଁ ଜାଣେ ଯେ ମୁଁ ଏହା କରିବାରେ ଦୋଷୀ ଅଟେ। ଏବଂ ଆପଣ ବାହାରକୁ ଯାଉଥିଲେ ଯେତେବେଳେ ଆପଣ ଗଳି ସଭାଗୁଡିକ କରୁଥିଲେ, ଏବଂ କୌଣସି ପୁରୁଣା ଭାଇଙ୍କୁ ସେଠାରେ ଛିଡା କରାଉଥିଲେ, ଏବଂ ସେ ଛିଡା ହେବେ… ଏବଂ ତାଙ୍କୁ ଦୁଇ ଶବ୍ଦ ପ୍ରାର୍ଥନା କରିବା ପାଇଁ କହୁଥିଲେ, ଏବଂ ସେ ନଗରପାଳଙ୍କ ପାଇଁ ପ୍ରାର୍ଥନା କରିବେ, ଏବଂ ରାଜ୍ୟପାଳଙ୍କ ପାଇଁ, ଏବଂ ସଂଘର ରାଷ୍ଟ୍ରପତିଙ୍କ ପାଇଁ, ଏବଂ—

ଏବଂ ସେହିପରି ସମସ୍ତଙ୍କ ପାଇଁ, ଏବଂ ଆଖପାଖର ସମସ୍ତ ପାଳକମାନଙ୍କ ପାଇଁ, ଆପଣ ଜାଣନ୍ତି, ପ୍ରତ୍ୟେକ ଜଣକୁ ସଂଖ୍ୟାରେ ଗଣନା କରି, ଏବଂ ଡାକ୍ତରଖାନାରେ ଥିବା ଭଉଣୀ ଜୋନ୍ସଙ୍କ ପାଇଁ, ଏବଂ ସେପରି ବିଷୟଗୁଡିକ ପାଇଁ; ଏବଂ ସେହି ଗଳି ସଭାର ପାଖରେ ଠିଆ ହୋଇଥିବା, ଚାଲୁଥିବା ଲୋକମାନେ, ସେମାନେ କେବଳ, ଚାଲିବା—କେବଳ ଚାଲିବା ଜାରି ରଖିଥାନ୍ତି । ବୁଝିଲେ? ସେ କେବଳ ସେମାନଙ୍କୁ ଥକାଇ ଦେଇଥିଲେ । ଆମେ କେବଳ, ଯଦିଓ…

165 ଦେଖନ୍ତୁ, ତେବେ ମୁଖ୍ୟ ବିଷୟ, ଆପଣଙ୍କର ପ୍ରାର୍ଥନା ଗୁପ୍ତରେ ହେବା କଥା, ଆପଣଙ୍କର ମୁଖ୍ୟ, ଦୀର୍ଘ ପ୍ରାର୍ଥନା । ସମସ୍ତେ ପ୍ରାର୍ଥନା କର…ଏକ ଗୁପ୍ତ କୋଠରୀରେ ପ୍ରବେଶ କରି, ଦ୍ୱାର ବନ୍ଦ କରନ୍ତୁ । ସେଠାରେ ହିଁ ଅଟେ ଯେଉଁଠାରେକି ଆପଣ ଦିନସାରା, ରାତିସାରା, କିମ୍ବା ଦୁଇ ଘଣ୍ଟା ପ୍ରାର୍ଥନା କରିବାକୁ ଚାହାଁନ୍ତି, ସେଠାରେ ପ୍ରାର୍ଥନା କରନ୍ତି । ମାତ୍ର ଏଠାରେ, ଯେଉଁଠାରେକି ଆପଣ ଲୋକମାନଙ୍କର ଦୃଷ୍ଟିରେ ରହିଥାଆନ୍ତି, ଆପଣ ଏଥିରେ, ନିଜର ପ୍ରାର୍ଥନାକୁ କ୍ଷୁଦ୍ର, ଶୀଘ୍ର କରନ୍ତୁ । ଆପଣଙ୍କର ସମସ୍ତ ସେବା କରନ୍ତୁ…ଏବଂ ଆପଣଙ୍କର ସେବା ସମୟର ଅଧିକାଂଶ ସମୟ ସେହି ବାକ୍ୟରେ ଦିଅନ୍ତୁ । ତାହାହିଁ ମୁଖ୍ୟ ବିଷୟ ଅଟେ! ସେହି ବାକ୍ୟକୁ ଆପଣ ଯେତେ କଠିନ ଭାବରେ ପାରନ୍ତି ସେତିକି ପ୍ରଚାର କରନ୍ତୁ, ଦେଖନ୍ତୁ, ଲୋକମାନଙ୍କ ନିକଟରେ ବାକ୍ୟ ପହଞ୍ଚାନ୍ତୁ ।

166 ତେବେ, ଏଠାରେ ମୋର ପରାମର୍ଶ ଅଟେ । ତେବେ, ବର୍ତ୍ତମାନ ମନେରଖନ୍ତୁ, ମୁଁ ସ୍ୱୀକାର କରିଛି ଯେ ଏହାକୁ ବଢ଼ାଇ ନେବାରେ ମୁଁ ଦୋଷୀ ଅଟେ । ମାତ୍ର ତାହାପରେ ମୁଁ ଆପଣଙ୍କୁ କହିଛି ଯେ ମୁଁ କାହିଁକି ଏହାକୁ ଆଗେଇ ନେଉଅଛି, ମୁଁ ଗୋଟିଏ ବାର୍ତ୍ତାର, ଆପଣ ଦେଖନ୍ତୁ, ବିଦେଶ ଏବଂ ସର୍ବତ୍ର ପଠାଯିବା ନିମନ୍ତେ ଦୁଇ-ଘଣ୍ଟିଆ ଟେପ୍ ପ୍ରସ୍ତୁତ କରୁଛି । ମାତ୍ର ମଣ୍ଡଳୀ ତାହାକୁ ନମୁନା କରିବା ଉଚିତ ନୁହେଁ (ଏଠାରେ ଆରାଧନାଳୟରେ ଏହି ବାର୍ତ୍ତାକୁ) ସେହି ଟେପ୍‌ଗୁଡିକ (ଦୁଇ ଘଣ୍ଟା) ଅନୁସାରେ ଯାହାକି ବିଭିନ୍ନ ସ୍ଥାନଗୁଡିକୁ ପଠା ଯାଇଥାଏ, ଦେଖନ୍ତୁ, ଏବଂ ସେହିପରି ବାହାରକୁ ଯାଇଥାଏ ।

167 ତେବେ, ଏଠାରେ ତାହା ଅଛି ଯାହାକି ଆପଣଙ୍କର ପ୍ରବନ୍ଧ ଅଟେ…ମୋତେ ଆପଣଙ୍କୁ କେବଳ ଏକ ଉଦାହରଣ ଦେବାକୁ ଦିଅନ୍ତୁ । କଅଣ ତାହା ଠିକ ହେବ କି, ଏକ ପରାମର୍ଶ? ମୁଁ କହିବି ଯେ ଏକ ନିର୍ଦ୍ଦିଷ୍ଟ ସମୟରେ ମଣ୍ଡଳୀ ତାର ଦ୍ୱାର ଖୋଲା ରଖିବା ଉଚିତ୍, ଓ ମଣ୍ଡଳୀକୁ ଭିତରକୁ ଆସିବାକୁ ଦେବା ଉଚିତ୍, ଗୀତଗୁଡ଼ିକ ବାଜୁଥିବା ଉଚିତ୍ । ଏବଂ ସମସ୍ତେ ଉପାସନା କରିବାକୁ ଆସନ୍ତୁ, ପରିଦର୍ଶନ କରିବା ନିମନ୍ତେ ନୁହେଁ । ଏବଂ ସେମାନଙ୍କୁ ପରେ ପରିଦର୍ଶନ କରିବାକୁ ଦିଅନ୍ତୁ ନାହିଁ, ସେମାନଙ୍କୁ କୁହନ୍ତୁ "ବରଖାସ୍ତ ହେଲା ଏବଂ ଚାଲି ଯାଆନ୍ତୁ, ପରିଦର୍ଶନ କରନ୍ତୁ ନାହିଁ । ଯଦି ଆପଣ ପରିଦର୍ଶନ କରିବାକୁ ଚାହାଁନ୍ତି, ସେଠାରେ ସବୁକିଛି ବାହାରେ ଅଛି । ମାତ୍ର ଏହା ହେଉଛି ପବିତ୍ର ମନ୍ଦିର, ଏହା ପରିଷ୍କାର ରଖାଯାଉ ।" ତେବେ, ଯଦି ପ୍ରଭୁଙ୍କର ଆତ୍ମା ଏଠାରେ ବ୍ୟବହାର କରୁଛନ୍ତି, ତେବେ ଆସନ୍ତୁ ଏହାକୁ ପ୍ରଭୁଙ୍କ ଆତ୍ମା ଭାବରେ ରଖିବା । ବୁଝିଲେ? ଏବଂ—ଏବଂ ଏହା ଚାଲିବା ଜାରି ରଖିବ । ଯଦି ଆପଣ କରୁନାହାଁନ୍ତି, ତେବେ

ଆପଣ କେବଳ ମୋ ଶବ୍ଦଗୁଡିକୁ ଚିହ୍ନଟ କରି ରଖନ୍ତୁ, ଏହା ପତିତ ହେବାକୁ ଯାଅଉଛି; ଏହା ନିଶ୍ଚିତରେ ହେବ । ଏବଂ ଆସନ୍ତୁ ଏହାକୁ ପାଳନ କରିବା, ଏହା ଆମର କର୍ତ୍ତବ୍ୟ, ସେଥିପାଇଁ ଆଜି ରାତି ମୁଁ ଏଠାରେ ଅଛି । ତେବେ ଏହି ବିଷୟକୁ କେବଳ ଏଗୁଡିକ ସହିତ ଧାଡ଼ିରେ—ଏହି ପ୍ରବନ୍ଧଗୁଡ଼ିକ ସହିତ ଧାଡିରେ ରଖନ୍ତୁ ।

168 ତେବେ ଦେଖନ୍ତୁ, ମୁଁ ଏହା କହିବି । ସାଧାରଣତଃ, ଯଦି ଆମେ ବିଶେଷ ଭାବରେ ଦେଉନାହୁଁ…ଏବଂ ସେମାନଙ୍କୁ କୁହନ୍ତୁ ଯେ ଆପଣ ଏକ ବାର୍ତ୍ତାକୁ ଟେପ୍ କରିବାକୁ ଯାଉଛନ୍ତି । ବୁଝିଲେ? ତେବେ, ଯଦି ଭାଇ ନେଭିଲ ପାଖରେ ଏଠାରେ ଏକ ବାର୍ତ୍ତା ଅଛି ଯାହାକୁ ସେ ଯାଉଛନ୍ତି…ତାଙ୍କ ପାଖରେ ଏକ ବାର୍ତ୍ତା ଅଛି ଯାହାକି ସେ ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ଚାହୁଁଛନ୍ତି, ଟେପ୍‌ରେ, କିମ୍ୱା ସେପରି କିଛିରେ, ଧରନ୍ତୁ, "ତେବେ, ଆସନ୍ତା ରବିବାର ରାତିରେ ଆମେ ଦୁଇ-ଘଣ୍ଟିଆ ଟେପ୍‌ଟିଏ ଟେପ୍ କରିବାକୁ ଯାଉଅଛୁ," ତିନି-ଘଣ୍ଟିଆ ଟେପ୍, କିମ୍ୱା ଯାହା—କିମ୍ବା ଯାହା-କିଛି ଅଧିକ । "ଆମେ ଦୁଇ- କିମ୍ୱା ତିନି-ଘଣ୍ଟିଆ ଟେପ୍ ଦେବାକୁ ଯାଉଅଛୁ," କିମ୍ୱା ଏହା ଯାହାକିଛି ବି ହୋଇପାରେ, "ଆସନ୍ତା ରବିବାର ରାତିରେ ।" ଏବଂ ତାହାପରେ ଲୋକମାନେ ଜାଣନ୍ତି । ଏବଂ ତାହାପରେ ଯେତେବେଳେ ସେମାନେ ଭିତରକୁ ଆସନ୍ତି, କୁହନ୍ତି, "ବର୍ତ୍ତମାନ, ଆମେ ଆଜି ରାତି ଏକ ବାର୍ତ୍ତା ଟେପ୍ କରିବାକୁ ଯାଉଅଛୁ । ଏବଂ ମୋ ପାଖରେ ଏଠାରେ ଏକ ବାର୍ତ୍ତା ଅଛି ଯାହାକି ମୁଁ ଚାହେଁ ଯେ ଏହା ଟେପ୍ କରାଯାଇ ପଠାଯାଉ । ମୁଁ ରହି ଆସିଛି…ଏହି ବାର୍ତ୍ତାକୁ ପଠାଯାଉ ବୋଲି ମୁଁ ଚାଳିତ ଅନୁଭବ କରୁଛି । ଏବଂ ଏହା ଟ୍ୟାପ୍ ହେବାକୁ ଯାଉଅଛି, ଏହା ହୁଏତ ଦୁଇ ଘଣ୍ଟା, ତିନି ଘଣ୍ଟା, କିମ୍ୱା ଏହା ଯାହାକିଛି ବି ହୋଇପାରେ ।" ତାହା କୁହନ୍ତୁ ।

169 କିନ୍ତୁ, ସାଧାରଣତଃ, ମୁଁ ଯେପରି କରିଥାଏ ଯେତେବେଳେ ମୁଁ ସେହି ବ୍ୟବସାୟ ପୁରୁଷ ସଭାମାନଙ୍କ ମଧ୍ୟରୁ ଗୋଟିକରେ ପରି ଏକ ସ୍ଥାନକୁ ଯାଉଥାଏ, କିମ୍ୱା ମୁଁ ସେଠାରେ ବାହାରେ ମୋର ସଭାଗୁଡ଼ିକରେ ଏକ ପ୍ରାର୍ଥନା ପଂକ୍ତି ପାଇଁ ବାହାରି ଥାଏ । ଯଦି ମୁଁ ସେଠାରେ ଠିଆ ହୁଏ ଏବଂ ଆରୋଗ୍ୟ ସେବା କରିବା ପୂର୍ବରୁ ଗୋଟିଏ ରାତି ତିନି-ଘଣ୍ଟାର ଏକ ବାର୍ତ୍ତା ଦିଏ, ଆପଣ ଦେଖନ୍ତୁ ଯେ ଏହା ମୋତେ କେଉଁଠାରେ ରଖେ? ବୁଝିଲେ? କାହିଁକି, ଲୋକମାନେ ତ, ପରଦିନ ରାତିରେ ଆପଣଙ୍କର ମଣ୍ଡଳୀ ଯାହା ଥିଲା ତାର ଅଧା ହୋଇଯାଏ । ବୁଝିଲେ? କାରଣ ସେମାନେ ତାହା କରି ହିଁ ପାରନ୍ତି ନାହିଁ, ସେମାନଙ୍କୁ କାର୍ଯ୍ୟକୁ ଏବଂ ସବୁକିଛିକୁ ଯିବାକୁ ଥାଏ ।

170 ମୁଁ ଏହା ପରାମର୍ଶ ଦେବି, ଯେ ସାଧାରଣତଃ…ବର୍ତ୍ତମାନ, ଗତକାଲି ରାତିରେ ମୁଁ ଭାଇ ନେଭିଲଙ୍କୁ ପ୍ରଚାର କରୁଥିବାବେଳେ ଦେଖୁଥିଲି । ତେବେ, ମୁଁ ଜାଣେ ଯେ ଆମେ ସମସ୍ତେ ଜାଣୁ ଯେ ତାହା ଏକ ଆଶ୍ଚର୍ଯ୍ୟଜନକ ବାର୍ତ୍ତା ଥିଲା । ମୁଁ ତାଙ୍କ ପ୍ରଚାର ନୋଟ୍ ରଖିଛି, ଏହାକୁ ମୋ ପକେଟରେ ରଖିଛି, ଯେପରିକି ଏହାକୁ ମୋର ଅନ୍ୟ ବାର୍ତ୍ତାଗୁଡିକରେ ବ୍ୟବହାର କରେ । ତାହା ଠିକ୍ । *ପଳାୟନର ଉପାୟ*, ଦେଖନ୍ତୁ, ଏବଂ ତାହା ଏକ ଚମତ୍କାର ବାର୍ତ୍ତା ଥିଲା । କଅଣ ଆପଣ ଦେଖିଲେ ଯେ ସେ ଏହାକୁ କେତେ ଶୀଘ୍ର ସାରିଦେଲେ? ଦେଖନ୍ତୁ, ପ୍ରାୟଃ ପଇଁ-ତିରିଶ

ମିନିଟ୍, ଦେଖନ୍ତୁ, ଏବଂ ସେ—ସେ ତାହା ଶେଷ କରି ଦେଇଥିଲେ। ବୁଝିଲେ? ତେବେ, ତାହା ଉତ୍ତମ ଥିଲା। ବର୍ତ୍ତମାନ, ଏବଂ ଭାଇ ନେୱିଲ୍, ସାଧାରଣତଃ ତାଙ୍କର ବାର୍ତ୍ତାଗୁଡିକ ସେହିପରି ହିଁ ଅଟେ। ଦେଖନ୍ତୁ, ଏହା ସେତେ ଲମ୍ବା ନୁହେଁ। ବୁଝିଲେ? କିନ୍ତୁ ଆପଣ ଯେଉଁଠାରେ ନିଜର ସେବାକୁ ହତ୍ୟା କରନ୍ତି ତାହା ହେଲା ସେହି ସମସ୍ତ ବିସ୍ତୃତ ବିଷୟ ଯାହାକି ଆପଣ ଏଥିରେ ପହଞ୍ଚିବା ପୂର୍ବରୁ ବାହାର କରିଥାନ୍ତି। ବୁଝିଲେ?

171 ବର୍ତ୍ତମାନ, ଏବଂ—ଏବଂ ଯେଉଁଠାରେ ଆପଣ ତାହା କରନ୍ତି...ତେବେ, ମୁଁ ଜାଣେ, ଏବଂ ବର୍ତ୍ତମାନ ଦେଖନ୍ତୁ, ମୁଁ—ମୁଁ ଏହା ଅପମାନଜନକ ଭାବରେ କହୁ ନାହିଁ, ଆପଣ ଟ୍ରଷ୍ଟିମାନଙ୍କୁ, କିମ୍ବା ଦୀକନ୍‌ମାନଙ୍କୁ, କିମ୍ବା—କିମ୍ବା ପାଳକ, ମାତ୍ର ମୁଁ କେବଳ ଆପଣଙ୍କୁ କହୁଅଛି: ଦେଖନ୍ତୁ ଯେ ସତ୍ୟ କଅଣ ଅଟେ, ଏବଂ ଏହା ହିଁ ତାହା ଯାହାକି ଏହା ହେବା ଉଚିତ୍। ତେବେ, ଆପଣ...ଏହା କଅଣ କରେ? ବର୍ତ୍ତମାନ, ସମସ୍ତେ, ଆପଣ ସମସ୍ତେ, ଉତ୍ତମ-ସ୍ୱଭାବବିଶିଷ୍ଟ, ଆପଣମାନେ ପ୍ରତ୍ୟେକ ପୁରୁଷ ଉତ୍ତମ-ସ୍ୱଭାବବିଶିଷ୍ଟ ଅଟନ୍ତି। ଯଦି ଏହା ହୋଇ ନ ଥାନ୍ତା, ମୁଁ କହିଥାନ୍ତି, "ଭାଇ *ଅମୁକ-ଓ-ଅମୁକ* ବ୍ୟତୀତ ସମସ୍ତେ, ତାଙ୍କର ଏକ ଭଲ ସ୍ୱଭାବ ନାହିଁ, ଆମେ ସମସ୍ତେ ତାଙ୍କ ପାଇଁ ପ୍ରାର୍ଥନା କରୁଅଛୁ।" କିନ୍ତୁ ଆପଣ—ଆପଣମାନଙ୍କର ଭଲ ସ୍ୱଭାବ ଅଛି, ଏବଂ ଆପଣମାନେ ଦୀର୍ଘସହିଷ୍ଣୁ, ଭଦ୍ର, ଶାନ୍ତ ପ୍ରକାରର ପୁରୁଷ ଅଟନ୍ତି। ତାହା ଠିକ ଅଟେ, କିନ୍ତୁ ତାହା ସହିତ ମାଇଚିଆ ହୁଅନ୍ତୁ ନାହିଁ।

172 ଯୀଶୁ ମଧ୍ୟ, ଉତ୍ତମ-ସ୍ୱଭାବବିଶିଷ୍ଟ ଥିଲେ, ମାତ୍ର ଯେତେବେଳେ କିଛି କହିବାର ସମୟ ଆସୁଥିଲା, "ଏହା ଲେଖା ହୋଇଛି, 'ମୋ ପିତାଙ୍କ ଘର ପ୍ରାର୍ଥନା ଗୃହ କରାଯାଇଛି,' ଏବଂ ତୁମେ ଏହାକୁ ଦସ୍ୟୁମାନଙ୍କର ଗହ୍ୱର କରୁଅଛ।" ବୁଝିଲେ? ଦେଖନ୍ତୁ, ସେ—ସେ ଜାଣିଥିଲେ ଯେ କେବେ କହିବାକୁ ଅଛି ଏବଂ କେବେ କହିବାର ନାହିଁ। ତାହା—ତାହା—ତାହା ହିଁ ଅଟେ ଯାହାକି ଆମକୁ କରିବାକୁ ଅଛି। ବୁଝିଲେ? ଯୀଶୁଙ୍କ ପରି କେବେ, କେହି ହେଲେ ନ ଥିଲେ, ସେ ପରମେଶ୍ୱର ଥିଲେ। ଏବଂ ମନେରଖନ୍ତୁ, ସେ ଏପରିକି...ମଣ୍ଡଳୀରେ ଜଣେ ଦୀକନ୍ ହେବା ବିଷୟରେ କଥା କୁହନ୍ତି, ସେ—ସେ ଦାୟିତ୍ୱ ଗ୍ରହଣ କଲେ! ସେ କିଛି ଦଉଡି ଏକାଠି ବାନ୍ଧିଲେ, ଏବଂ ସେ ସେମାନଙ୍କୁ ଧୀରେ ଧୀରେ ବାହାରି ଯିବାର ଅପେକ୍ଷା କଲେ ନାହିଁ, ସେ ସେମାନଙ୍କୁ ମାଡ଼ ମାରିଲେ, ଦେଖନ୍ତୁ, ପରମେଶ୍ୱରଙ୍କ ଘର ଭାବରେ। ଏବଂ ସେ ଜଣେ ଦୀକନ୍‌ର ଭୂମିକା ଗ୍ରହଣ କରିଥିଲେ, *ଆପଣ* ଦୀକନ୍‌ମାନଙ୍କ ପାଇଁ ଏକ ଉଦାହରଣ ସ୍ୱରୂପ। ଦେଖନ୍ତୁ, ସେ ଆପଣଙ୍କର ଉଦାହରଣ ଥିଲେ। "ଏବଂ ବର୍ତ୍ତମାନ, ଏହା—ଏହା ଲେଖା ହୋଇଛି, 'ମୋ ପିତାଙ୍କ ଘର ପ୍ରାର୍ଥନାର ଏକ ଗୃହ ହୋଇଅଛି।'" ତେବେ, ମନେରଖନ୍ତୁ, ଯୀଶୁ ସେତେବେଳେ ଜଣେ ଦୀକନ୍ ଥିଲେ, ଆପଣ ତାହା ଜାଣନ୍ତି, ଯୀଶୁ ଜଣେ ଦୀକନ୍‌ର ଭୂମିକା ଗ୍ରହଣ କରିଥିଲେ।

173 ଯେତେବେଳେ ସେ ଜଣେ ପାଳକଙ୍କ ଭୂମିକାକୁ ଆସିଲେ, ସେ କଅଣ କହିଥିଲେ? "ହେ ଅନ୍ଧ ଫାରୂଶୀ, ଅନ୍ଧମାନଙ୍କର ନେତା!" ଦେଖନ୍ତୁ, ସେ ସେତେବେଳେ, ଜଣେ ପାଳକଙ୍କ ଭୂମିକା ଗ୍ରହଣ କରିଥିଲେ।

174 ଏବଂ ଯେତେବେଳେ ସେ ସେମାନଙ୍କୁ କହିଲେ ଯେ କଅଣ ଘଟିବାକୁ ଯାଉଅଛି, ସେତେବେଳେ ସେ ଜଣେ ଭବିଷ୍ୟଦ୍‌ବକ୍ତାଙ୍କର ଭୂମିକା ଗ୍ରହଣ କରିଥିଲେ। ବୁଝିଲେ?

175 ଏବଂ ଯେତେବେଳେ ସେମାନେ ଏହା ଆବଶ୍ୟକ କଲେ ଯେ ଟିକସ ନିଶ୍ଚିତରେ ଦିଆଯିବାକୁ ଅଛି, ସେ ଜଣେ ଦ୍ରଷ୍ଟିର ଭୂମିକା ଗ୍ରହଣ କଲେ, "ପିତର, ତଳକୁ ଯାଅ ଓ ନଦୀରେ ମାଛ କଣ୍ଟା ପକାଅ, ଏବଂ ପ୍ରଥମ ମାଛ ଯାହା ତୁମେ ଧରିବ ତାହାର ପାଟିରେ ଏକ ମୁଦ୍ରା ପାଇବ। ସେମାନଙ୍କୁ ଦେଇ ଦେବ, ଦେଖ, ନିଜର ଉପଯୁକ୍ତ ଋଣ ପରିଶୋଧ କର।" କହିଲେ, ଆମକୁ, "କାଇସରର ଭାଗ କାଇସରଙ୍କୁ ଦିଅ, ପରମେଶ୍ୱରଙ୍କର ଭାଗ ପରମେଶ୍ୱରଙ୍କୁ ଦିଅ।"

176 ସେ ଉଭୟ ପାଳକ, ଭବିଷ୍ୟଦ୍‌ବକ୍ତା, ଦ୍ରଷ୍ଟି ଏବଂ ଦୀକନ୍ ଥିଲେ। ନିଶ୍ଚିତରେ ଥିଲେ! ତେଣୁକରି ତେବେ ଆପଣ ଦେଖନ୍ତୁ ଯେ ସେ ଯାହା କଲେ, ତାହା ଏଠାରେ ଘରେ ଏହି ବ୍ରାନହାମ ଟ୍ୟାବର୍ନେକଲ୍‌ରେ ଆପଣଙ୍କର ଉଦାହରଣ ହେଉ, ଯେ ଆମେ ଏପରି ଏକ ଘର ହେବାକୁ ଚାହୁଁଅଛୁ ଯେଉଁଠାରେକି ସେ ସବୁକିଛି ବିଷୟରେ ସମ୍ମାନିତ ହେବେ, ପ୍ରତ୍ୟେକ କାର୍ଯ୍ୟାଳୟ, ପ୍ରତ୍ୟେକ ସ୍ଥାନ, ଯେପରିକି କୌଣସି ପ୍ରତ୍ୟାବର୍ତ୍ତନ ହେବ ନାହିଁ। ସେଠାରେ ଭଦ୍ରତା, ଏବଂ ମଧୁରତା, ଏବଂ ଦୟା ଥିବ, ମାତ୍ର କେବଳ ଠିକ୍ ଧାଡିରେ, ପ୍ରତ୍ୟେକ ବ୍ୟକ୍ତି ତାଙ୍କ କର୍ତ୍ତବ୍ୟର ପଦରେ ରହିବେ। ବୁଝିଲେ? ତାହାହିଁ ହେଉଛି ଉପାୟ, ତାହାହିଁ ସେହି ଉପାୟ ଯେପରିକି ସେ ଚାହାଁନ୍ତି। ସେ କଦାପି ପଛ ଘୁଞ୍ଚା ଦେଇ ନ ଥିଲେ ଯେତେବେଳେ ଏହା କହିବାର ସମୟ ଆସିଲା, *ଯାହାକୁ ଯାହା* ଡକାଯିବାର ଥିଲା, ସେ ଏହାକୁ ଡାକିଥିଲେ। ଯେତେବେଳେ ଏହା ଭଦ୍ରତା ଦେଖାଇବାକୁ ସମୟ ଆସିଲା, ସେତେବେଳେ ସେ ଭଦ୍ରତା ଦେଖାଇଥିଲେ। ସେ ମଧୁର, ଦୟାଳୁ, ବୁଝାମଣା ଥିବାର ବ୍ୟକ୍ତି ଥିଲେ; ମାତ୍ର କଠୋର, ଏବଂ ତାଙ୍କ ସହିତ ସବୁକିଛି ବିନ୍ଦୁ ପର୍ଯ୍ୟନ୍ତ ଠିକ୍ ଠିକ୍ ଥିଲା, ଏବଂ ସେ ତାହା ଆପଣଙ୍କର ଉଦାହରଣ ପାଇଁ କରିଥିଲେ। ତେବେ, ପବିତ୍ରଆତ୍ମା ମୋତେ ତାହା ପ୍ରଦାନ କରିଛନ୍ତି। ତେଣୁ ମୁଁ ସେ ବିଷୟରେ କେବେ ବି ଭାବି ନ ଥିଲି, ଯେ ସେ ଦୀକନ ହୋଇଥିଲେ, ଏହାର ପୂର୍ବରୁ, ମାତ୍ର ସେ ଥିଲେ। ବୁଝିଲେ? ସେ—ସେ ସେତେବେଳେ, ଦୀକନ୍ ଭାବରେ କାର୍ଯ୍ୟ କରିଥିଲେ।

177 ତେବେ, ମୁଁ ଏହା କହିବି, ଧରନ୍ତୁ ଯଦି ଆପଣଙ୍କର ସେବା ସାତଟା-ତିରିଶରୁ ଆରମ୍ଭ ହୁଏ, ଯଦି ତାହା ସେହି ସମୟ ଅଟେ, ଅଧା ଘଣ୍ଟା ପୂର୍ବରୁ ଆପଣଙ୍କର ଗୀର୍ଜା ଖୋଲନ୍ତୁ, ସାତ ଘଟିକାରେ। ପିଆନୋବାଦକ ଆସନ୍ତୁ...ଓର୍ଗାନ୍‌ବାଦକଙ୍କୁ କୁହନ୍ତୁ...କଅଣ ଆପଣ ତାଙ୍କୁ ଦେୟ ଦିଅନ୍ତି କି? କଅଣ ଆପଣ ସମସ୍ତେ ଓର୍ଗାନ୍‌ବାଦକଙ୍କୁ ଦେୟ ଦିଅନ୍ତି କି? କଅଣ ସେ, କିମ୍ବା ପିଆନୋବାଦକ ଦରମା ଦିଆଯାଆନ୍ତି କି? କଅଣ ସେ ଏହାକୁ ସ୍ୱତନ୍ତ୍ର-ଇଚ୍ଛାରେ କରନ୍ତି କି? ତାଙ୍କୁ ଭଦ୍ରତାର ସହିତ ପଚାରନ୍ତୁ। ଯଦିଓ ସେ ଚାହାଁନ୍ତି ଯେ ଏଥିପାଇଁ ତାଙ୍କୁ ଅର୍ଥ ଦିଆଯାଉ, ଏଥିପାଇଁ ତାଙ୍କୁ କିଛି ଦିଆଯାଉ, ତାଙ୍କୁ କୁହନ୍ତୁ ଯେ ଆମେ ତାଙ୍କୁ ସେବାର ପୂର୍ବରୁ ଅଧ ଘଣ୍ଟା ପାଇଁ ଚାହୁଁଅଛୁ। ଏବଂ ଯଦି ସେ କହନ୍ତି, "ହଁ, ମୁଁ ତାହା କରିପାରେ ନାହିଁ," କିମ୍ବା କିଛି, ଅଭିଯୋଗ କରନ୍ତି, ତେବେ ତାଙ୍କୁ କେବଳ ଏଠାକୁ ଆସି ଓର୍ଗାନ୍‌ବାଦ୍ୟରେ କିଛି ମଧୁର ସଂଗୀତର ଏକ ଟେପ୍ ପ୍ରସ୍ତୁତ କରିବାକୁ କୁହନ୍ତୁ। କଅଣ ଆପଣ ବୁଝିଲେ କି? ଏବଂ

ହେଉ ଯେ...ଏହାକୁ ଚଳାନ୍ତୁ...ପ୍ରତ୍ୟେକ ଥର ଏଠାରେ ରହିବା ଦରକାର ନାହିଁ, ନିଜର ଟେପ୍‌କୁ ଚଳାନ୍ତୁ। ବୁଝିଲେ? ଏହା ହେଉ ଯେ ଜଣେ ଦୀକନ୍, ଟ୍ରଷ୍ଟି, କିମ୍ବା ଯିଏକେହି ବି କବାଟ ଖୋଲନ୍ତି, ଦ୍ୱାରପାଳ, ଏହାକୁ ସେଠାରେ ଉପରେ ରଖି, ଟେପ୍‌କୁ ଚଳାନ୍ତୁ, ଏବଂ ଏହା ସେତେବେଳେ ପର୍ଯ୍ୟନ୍ତ ଚାଲୁଥାଉ ଯେତେବେଳେକି ଲୋକମାନେ ଆସୁଥାନ୍ତି। ବୁଝିଲେ? କାରଣ ଯଦି ଦୀକନ୍‌ମାନେ ଏଠାରେ ନାହାଁନ୍ତି, କିମ୍ବା କେହି ବି, ତେବେ ଏହା ହେଉ ଯେ, ଟ୍ରଷ୍ଟି କିମ୍ବା କେହି ବି ଏହା କରିବା ପାଇଁ ଏଠାରେ ରୁହନ୍ତୁ, ତାହାପରେ ସେମାନେ ଅଧ ଘଣ୍ଟା ପାଇଁ ଏହାକୁ ଚଳାନ୍ତୁ।

178 ମାତ୍ର ଠିକ୍ ସାତଟା-ତିରିଶରେ, ଭବନ ଉପରେ ଥିବା ସେହି ଘଣ୍ଟିଟି ବାଜୁ। ବୁଝିଲେ? କଅଣ ଆପଣଙ୍କର ଘଣ୍ଟି ଏବେବି ସେଠାରେ ଉପରେ ଅଛି କି? ହଁ। ଠିକ୍ ଅଛି, ତେବେ ଆପଣଙ୍କର ଘଣ୍ଟି ସାତଟା-ତିରିଶରେ ବାଜୁ, ଏବଂ ତାହାର ଅର୍ଥ ହେଉଛି ଯେ ଆମେ ଗୀର୍ଜାଘରେ ଉପର ତଳ ଚାଲିବାକୁ ଯାଉନାହୁଁ ଏବଂ ଜୋନ୍ସ ଏବଂ ସେମାନଙ୍କ ସମସ୍ତଙ୍କ ସହିତ ହାତ ମିଶାଇବାକୁ ଯାଉନାହୁଁ। ଗାୟନ ନେତୃତ୍ୱକାରୀ ତାଙ୍କ କାର୍ଯ୍ୟକୁ ଆସନ୍ତୁ! ଯଦି ସେଠାରେ କୌଣସି ଗାୟନ ନେତୃତ୍ୱକାରୀ ନାହାଁନ୍ତି, ତେବେ ଦୀକନ୍‌ମାନେ ଦେଖନ୍ତୁ ଯେ ସେଠାରେ... କିମ୍ବା...ଦେଖନ୍ତୁ ଯେ ସେଠାରେ କେହି ଜଣେ ସେତେବେଳେ ଗୀତ ନେତୃତ୍ୱ କରିବା ପାଇଁ ରୁହନ୍ତି ଯେତେବେଳେ ସେହି ଘଣ୍ଟି ବାଜିବା ଆରମ୍ଭ କରେ। "ନିଜର ଭଜନପୁସ୍ତକ, ସଂଖ୍ୟା *ଅମୁକ-ଓ-ଅମୁକ* ଓଲଟାନ୍ତୁ।" ବୁଝିଲେ? ଏହା ଠିକ୍ ସାତଟା-ତିରିଶରେ—ରେ ହେଉ।

179 ଠିକ୍ ଅଛି, ତାହାପରେ ଏକ ମାଣ୍ଡଳିକ ଗୀତ ଗାଆନ୍ତୁ, ଏବଂ ତାହାପରେ ବୋଧହୁଏ ଦ୍ୱିତୀୟ ମାଣ୍ଡଳିକ ଗୀତ, ଏବଂ ତାହାପରେ କାହାରି ଜଣକାକୁ, ଯାହାକୁ ଯଦି ଆପଣ ପାରନ୍ତି ଆଗରୁ କହି ଦେଇଥାଆନ୍ତୁ, ଯେ ସେ ପ୍ରାର୍ଥନାରେ କଢେଇ ନେବେ। ତେବେ ସେହି—ସେହି ପାଳକ, କିମ୍ବା, ସର୍ବଦା...ତେବେ, ପାଳକ ସେଠାରେ ରହିବା ଉଚିତ୍ ନୁହେଁ, ସେହି—ସେହି ଗାୟନ ନେତୃତ୍ୱକାରୀ ତାହା କରିବା ଉଚିତ୍। ମୁଁ ଭାବୁଛି, ଏହା ହେଉଛି ଭାଇ କ୍ୟାମ୍ପ। ଦେଖନ୍ତୁ, ସେ ଜାଣନ୍ତି ଯେ କଅଣ, ତେବେ—ତେବେ ତାଙ୍କୁ କାହାରିକୁ କହିବାକୁ ଦିଅନ୍ତୁ... କିମ୍ବା ନିଜେ ପ୍ରାର୍ଥନାରେ କଢେଇ ନିଅନ୍ତୁ। ମଣ୍ଡଳୀକୁ ପ୍ରାର୍ଥନାରେ ଠିଆ କରାନ୍ତୁ, ଦେଖନ୍ତୁ, କେବଳ ଠିଆ କରାନ୍ତୁ, ଏବଂ କେହି ଜଣେ ପ୍ରାର୍ଥନାରେ କଢେଇ ନେଉନ୍ତୁ। ତେବେ, ଯଦି ଆପଣ ଦେଖିବେ ନାହିଁ...

180 ବର୍ତ୍ତମାନ, ଆମେ ବିଶ୍ୱାସ କରୁ ଯେ ସମସ୍ତେ ପରମେଶ୍ୱରଙ୍କ ଘରକୁ ଆସି ପ୍ରାର୍ଥନା କରିବା ଉଚିତ୍, ତାହାହିଁ ହେଉଛି—ତାହାହିଁ ହେଉଛି ପ୍ରାର୍ଥନା କରିବାର ସ୍ଥାନ। ମାତ୍ର ଯେତେବେଳେ ଆପଣ ସେହି ପବିତ୍ର ମନ୍ଦିରରେ ଥାଆନ୍ତି, ନିଜର ସମୟକୁ ସଞ୍ଚିତ କରନ୍ତୁ। ବୁଝିଲେ? ଆପଣ ସେମାନଙ୍କୁ ସମସ୍ତଙ୍କୁ ଯଜ୍ଞବେଦୀର ଚାରିପାଖରେ ଡାକନ୍ତୁ, ଆପଣ ପାଇବେ ଯେ ସେଠାରେ ଜଣେ କେହି ଥିବେ ଯିଏକି ପନ୍ଦର, କୋଡ଼ିଏ ମିନିଟ୍ ପାଇଁ ସେଠାରେ ରହିବେ; ଆପଣଙ୍କର ସମୟ ସବୁ ସମାପ୍ତ ହୋଇଯିବ।

181 ତାହା ଆପଣଙ୍କର, ଦେଖନ୍ତୁ, ଘରେ ଆପଣଙ୍କର ପ୍ରାର୍ଥନା ଅଟେ। ଯୀଶୁ କହିଲେ, "ଯେତେବେଳେ ତୁମେ ପ୍ରାର୍ଥନା କର, କପଟୀମାନଙ୍କ ପରି ଠିଆ ହୁଅ ନାହିଁ, ଏବଂ—ଏବଂ ଦୀର୍ଘ ସମୟ...ଲମ୍ବା ପ୍ରାର୍ଥନା କର ନାହିଁ, ଏବଂ *ଏହା, ତାହା*, କିମ୍ବା *ଅନ୍ୟ* କୁହ ନାହିଁ, ଏବଂ—ଏବଂ ତାହା ସବୁକିଛି ଏକ ଦେଖାଇବା ପାଇଁ କର ନାହିଁ।" ବୁଝିଲେ? ସେ କହିଲେ, "ଯେତେବେଳେ ତୁମେ ପ୍ରାର୍ଥନା...ପ୍ରାର୍ଥନା କର, ଏକାନ୍ତରେ ଚାଲି ଯାଅ, ଗୁପ୍ତ କୋଠରୀରେ, ତୁମ ପଛରେ ଦ୍ୱାର ରୁଦ୍ଧ କର; ଗୁପ୍ତରେ ଦେଖୁଥିବା ପିତାଙ୍କ ନିକଟରେ ପ୍ରାର୍ଥନା କର, ସେ ତୁମକୁ ଉନ୍ମୁକ୍ତରେ ପୁରସ୍କାର ଦେବେ।" ତେବେ, ତାହାହିଁ ହେଉଛି ଗୁପ୍ତରେ ପ୍ରାର୍ଥନା କରିବାର ଉପାୟ, ତାହାହିଁ ଅଟେ ଯାହାକି ସେ କରିବାକୁ କହିଛନ୍ତି।

182 ମାତ୍ର ଯେତେବେଳେ ଆପଣ, କେହି ଜଣେ, ଯେତେବେଳେ ସେମାନେ ଭିତରକୁ ଆସନ୍ତି, ଗାୟନ ନେତୃତ୍ୱକାରୀ, କୁହନ୍ତୁ, "ଠିକ୍ ଅଛି..." ପ୍ରଥମ ଗୀତ ପରେ, ତାହାପରେ କେହି ଜଣେ ପ୍ରାର୍ଥନା କରନ୍ତୁ, ସେ ଯିଏକେହି ବି ହେଉନ୍ତୁ, କେବଳ ଏକ ଛୋଟ ପ୍ରାର୍ଥନା। ଠିଆ ହୋଇ ସମସ୍ତ ରାଜ୍ୟପାଳଙ୍କ ପାଇଁ, ଏବଂ ପ୍ରଭୃତିଙ୍କ ପ୍ରାର୍ଥନା କରନ୍ତୁ ନାହିଁ। ଯଦି କୌଣସି ପ୍ରାର୍ଥନା ଅନୁରୋଧ ଥାଏ, ଏହାକୁ ଜଣାନ୍ତୁ, ଏହାକୁ ପଠାନ୍ତୁ, ସେଗୁଡିକୁ ପଠାଇ ରଖନ୍ତୁ, ତାହା ଲେଖି ରଖନ୍ତୁ। କୁହନ୍ତୁ, "ଏଠାରେ, ଆଜି ରାତିରେ, ପ୍ରାର୍ଥନା କରିବାରେ, ଆମେ ମନେ ପକାଉଅଛୁ ଭଉଣୀ *ଅମୁକ-ଓ-ଅମୁକ*, ହସ୍ପିଟାଲରେ ଥିବା ଭାଇ *ଅମୁକ-ଓ-ଅମୁକ, ଅମୁକ-ଓ-ଅମୁକ*, ଏବଂ *ଅମୁକ-ଓ-ଅମୁକ*, ଏବଂ *ଅମୁକ-ଓ-ଅମୁକ।* ଆପଣ ପ୍ରାର୍ଥନା କଲାବେଳେ ସେମାନଙ୍କୁ ନିଜର ପ୍ରାର୍ଥନାରେ ମନେରଖନ୍ତୁ। ଭାଇ ଜୋନ୍ସ, କଅଣ ଆପଣ ଆମକୁ ପ୍ରାର୍ଥନାରେ ଆଗେଇ ନେବେ କି। ଆସନ୍ତୁ ଛିଡା ହେବା।" ବୁଝିଲେ? ଏହାକୁ ମଞ୍ଚ ଉପରେ ରଖିଦିଅନ୍ତୁ। ସେମାନଙ୍କୁ କୁହନ୍ତୁ, ସେମାନେ ତାହା ପ୍ରତି ଅଭ୍ୟସ୍ତ ହୁଅନ୍ତୁ, "ଯଦି ଆପଣଙ୍କ ପାଖରେ ପ୍ରାର୍ଥନା ପାଇଁ ଏକ ଅନୁରୋଧ ଅଛି, ଏହାକୁ *ଏଠାରେ, ଏଠାରେ* ଉପରେ ରଖନ୍ତୁ।" କଥାବାର୍ତ୍ତା କରନ୍ତୁ ନାହିଁ, "ଯାହାର ବର୍ତ୍ତମାନ ଏକ ଅନୁରୋଧ ଅଛି, କଅଣ ଆପଣ ଏହାକୁ ଜଣାଇବେ କି..." ଏବଂ ତାହାପରେ, ପ୍ରଥମ ବିଷୟ, କେହିଜଣେ ଉଠି କୁହନ୍ତି, "ପରମେଶ୍ୱରଙ୍କ ଗୌରବ ହେଉ!" ଆପଣ ଜାଣନ୍ତି, ଏବଂ ସେହିପରି ଆରମ୍ଭ ହୁଏ, ଏବଂ ପ୍ରଥମ ବିଷୟ ଆପଣ ଜାଣନ୍ତି, ବେଳେବେଳେ ସେମାନେ ବସିବା ପୂର୍ବରୁ ଏହା ଅଧା ଘଣ୍ଟା ହୋଇଯାଇଥାଏ। ବୁଝିଲେ?

183 ଆମେ ଏହି ମଣ୍ଡଳୀ ପାଇଁ ଦାୟୀ ଅଟୁ, ଅନ୍ୟମାନଙ୍କ ପାଇଁ ନୁହେଁ; ଏହା ପରମେଶ୍ୱରଙ୍କ ପ୍ରତି ଆମର ଦାୟିତ୍ୱ ଅଟେ। ଏହି କାର୍ଯ୍ୟାଳୟଗୁଡ଼ିକ ପରମେଶ୍ୱରଙ୍କ ପ୍ରତି ଆପଣଙ୍କର ଦାୟିତ୍ୱ ଅଟେ। ବୁଝିଲେ? ସେହି କାରଣ ଯାହା ପାଇଁ ଆଜି ରାତିରେ ମୁଁ ଏହା କହୁଅଛି, ଆପଣମାନଙ୍କୁ ଏହି ସବୁ କହୁଅଛି, କାରଣ ପରମେଶ୍ୱରଙ୍କ ପ୍ରତି ଏହା ମୋର ଦାୟିତ୍ୱ ଅଟେ; ଏହା ଆପଣଙ୍କର ଦାୟିତ୍ୱ ଅଟେ: ଏହାକୁ ନିର୍ବାହ କରନ୍ତୁ। ବୁଝିଲେ?

184 ତେବେ, ଏବଂ ଯେତେବେଳେ ସେହିପରି କିଛି...କେହି ଜଣେ ପ୍ରାର୍ଥନାରେ କଢେଇ ନିଅନ୍ତୁ, ଏବଂ ଯେତେବେଳେ ସେମାନେ କରନ୍ତି, ତାହା ଉତ୍ତମ ଅଟେ, ସେମାନେ ପ୍ରାର୍ଥନାରେ କଢେଇ ନିଅନ୍ତୁ, ତାହାପରେ ବସି ଯାଆନ୍ତୁ।

185 ଏବଂ ଯଦି ଆପଣଙ୍କର ଏକ ବିଶେଷ ଅଛି...ତେବେ, ମୁଁ ଏହା କହିବି ନାହିଁ, ମୁଁ ତାହା ଦେଇ ଯିବି ନାହିଁ...ଏବଂ ଯଦି କେହି ଏକ ବିଶେଷ ଗୀତ ଗାଇବାକୁ ଚାହାଁନ୍ତି, ଏହାକୁ ମଣ୍ଡଳୀରେ ଘୋଷଣା କରନ୍ତୁ । ସେମାନଙ୍କୁ କୁହନ୍ତୁ, ଯେ, "ଯେକୌଣସି ବିଶେଷ, କିମ୍ବା ଏପରି କିଛି ଯାହା ଗାଇବାକୁ ଚାହୁଁଛନ୍ତି, ତେବେ ଗୀର୍ଜା ଆରମ୍ଭ ହେବା ପୂର୍ବରୁ ସେମାନେ ଗୀତ ନେତୃତ୍ତ୍ୱକାରୀଙ୍କୁ ଦେଖା କରନ୍ତୁ ।" ଏବଂ ଏହା ଜଣାନ୍ତୁ...କୁହନ୍ତୁ, "ତେବେ, ମୁଁ ଦୁଃଖିତ, ଭାଇ, ମୁଁ ଇଚ୍ଛା କରିବି...ନିଶ୍ଚିତରେ ତାହା କରିବାକୁ ଚାହିଁବି, ମାତ୍ର ମୋ—ମୋ ପାଖରେ ଆଜି ରାତି ପାଇଁ ମୋର ବିଶେଷ ରହିଅଛି । ବୋଧହୁଏ ଯଦି ଆପଣ ମୋତେ କହିବେ ଯେ ଆପଣ ଏକ ନିର୍ଦ୍ଦିଷ୍ଟ ରାତିରେ ଏଠାକୁ ରହିବାକୁ ଯାଉଛନ୍ତି, ମୁଁ ଏହାକୁ ଆପଣଙ୍କ ପାଇଁ କାର୍ଯ୍ୟକ୍ରମରେ ରଖିବି । ଦେଖନ୍ତୁ, ମୁଁ ମୋର କାର୍ଯ୍ୟକ୍ରମକୁ ଏଠାରେ ଲେଖି ରଖିଛି ।"

186 ତେବେ—ତେବେ ଭାଇ କ୍ୟାପ୍ସ କିମ୍ବା ଯିଏକେହି ବି ଗୀତର ନେତୃତ୍ୱ ନେଉଛନ୍ତି...ଏବଂ ଜଣେ ଗୀତ ନେତୃତ୍ୱକାରୀ ରଖନ୍ତୁ, ଏହା ଯିଏକେହି ବି ହୁଅନ୍ତୁ ନା କାହିଁକି । ଏବଂ ଦେଖନ୍ତୁ, ସେମାନଙ୍କୁ ଛିଡ଼ା ହୋଇ କହିବାକୁ ଦିଅନ୍ତୁ ନାହିଁ, କିମ୍ବା ଜଣେ ପ୍ରଚାରକ ଭାବରେ ପ୍ରଚାର ଆରମ୍ଭ କରିବାକୁ ଦିଅନ୍ତୁ ନାହିଁ । ସେମାନେ ସେଠାରେ ଠିଆ ହୁଅନ୍ତୁ ଏବଂ ଗୀତର ନେତୃତ୍ୱ ନିଅନ୍ତୁ, ତାହା ହେଉଛି ସେମାନଙ୍କର କାମ ।

187 ଦେଖନ୍ତୁ, ପ୍ରଚାର କରିବା ଏହା ପାଳକଙ୍କ କାମ ଅଟେ, ଗୀତ ଗାଇବା ନୁହେଁ । ସେ ଗୀତ ନେତୃତ୍ୱ କରିବା ପାଇଁ ନୁହଁନ୍ତି, ଗାୟନ ନେତୃତ୍ୱକାରୀ ଗୀତଗୁଡ଼ିକର ନେତୃତ୍ୱ ନିଅନ୍ତି । ସେ ଉତ୍ତରଦାୟୀ ଅଟନ୍ତି, ଏବଂ ପବିତ୍ରଆତ୍ମାଙ୍କ ଅଭିଷେକ ତଳେ ନୂତନ ଭାବରେ ସେଠାରେ ଥିବା ସେହି କାର୍ଯ୍ୟାଳୟରୁ, ଯେଉଁଠାରେ ବି, ବାହାରି ଆସିବା ଉଚିତ୍ ଅଟେ, ଯେତେବେଳେ ଏହା ସମୟ ହୁଏ । ତାଙ୍କୁ ଏପରିକି ମଞ୍ଚ ଉପରେ ସୁଦ୍ଧା ରହିବାର ପ୍ରୟୋଜନ ନାହିଁ, ଯେତେବେଳେ ଏହା ଚାଲିଥାଏ । ସେ ପଛରେ ତାଙ୍କର କାର୍ଯ୍ୟାଳୟରେ ରୁହନ୍ତୁ, ଦେଖନ୍ତୁ, କିମ୍ବା ଏଠାରେ ପଛରେ, କିମ୍ବା ଏହା ଯେଉଁଠାରେ ବି ଅଟେ, ଏଠାରେ ଥିବା ଆନ୍ତଃଦୂରଭାଷ ଇଣ୍ଟରକମ୍ ତାହାଙ୍କୁ ଖବର ଦେଇ ଦେବ, ଦେଖନ୍ତୁ, ଯେତେବେଳେ ଏହା ସମୟ ହେବ । ଯେତେବେଳେ ସେ ସେହି ଶେଷ ଶୁଣନ୍ତି...ଯଦି ସେଠାରେ ଏକ ବିଶେଷ ଗୀତ ଅଛି, ଯେପରିକି ତୃତୀୟ ଗୀତ ନିମନ୍ତେ ଏକକ, ଯୁଗଳ, କିମ୍ବା କିଛି ଗୋଟାଏ ସେପରି ଗୋଟିଏ ଥାଏ । ବୁଝିଲେ?

188 ଏହା ଯେ ଆପଣଙ୍କର ଦୁଇଟି ମାଣ୍ଡଳିକ ଗୀତ ହୋଇସାରିଛି, ପ୍ରାର୍ଥନା, ଆପଣଙ୍କର ଦାନ ସଂଗ୍ରହ ଯଦି ଆପଣ ଏହାକୁ ନେବାକୁ ଯାଉଛନ୍ତି । ଏବଂ ପ୍ରତ୍ୟେକ ବ୍ୟକ୍ତି ନିଜ କର୍ତ୍ତବ୍ୟର ପଦରେ ରୁହନ୍ତୁ । କୁହନ୍ତୁ, "ଠିକ ଅଛି, ଯେତେବେଳେ ଆମେ ଏହି ଶେଷ ଗୀତ ଗାଉଅଛୁ, ତେବେ, ଯଦି କର୍ମକର୍ତ୍ତାମାନେ ଚାହାଁନ୍ତି, ସେମାନେ ସନ୍ଧ୍ୟା ନୈବେଦ୍ୟ ସଂଗ୍ରହ ପାଇଁ ଆଗକୁ ଆସନ୍ତୁ ।" ବୁଝିଲେ? ଏବଂ ଯେତେବେଳେ ସେମାନେ ସେହି ଗୀତ ଗାଇବା ସମାପ୍ତ କରନ୍ତି, ଏଠାରେ ସେହି କର୍ମକର୍ତ୍ତାମାନେ ଠିଆ ହୋଇଥାନ୍ତି । କୁହନ୍ତୁ, "ଠିକ ଅଛି, ବର୍ତ୍ତମାନ ଆମେ ପ୍ରାର୍ଥନା କରିବାକୁ ଯାଉଅଛୁ, ଏବଂ ପ୍ରାର୍ଥନା ଉତ୍ସର୍ଗ କରିବା ସମୟରେ, ଆମେ ଏଠାରେ *ଅମୁକ-ଓ-ଅମୁକ*, ଏବଂ *ଅମୁକ-ଓ-ଅମୁକ* କୁ ସ୍ମରଣ କରିବାକୁ ଚାହୁଁ," ଏହାକୁ ପଢ଼ି

ଦିଅନ୍ତୁ, ଆପଣ ଜାଣନ୍ତି, ସେପରି ଭାବରେ, ସେପରି ଭାବରେ। "ଠିକ ଅଛି, ସମସ୍ତେ ଠିଆ ହୋଇଯାଆନ୍ତୁ। ଭାଇ, କଅଣ ଆପଣ ଆମକୁ ପ୍ରାର୍ଥନାରେ ଆଗେଇ ନେବେ କି?" ତାହାପରେ ଏହା ସମାପ୍ତ ହୁଏ।

189 ତାହାପରେ ସେମାନେ ଯେତେବେଳେ ଏହି ଦ୍ୱିତୀୟ ଗୀତକୁ ଗାଉଥାଆନ୍ତି, କିମ୍ବା ଆପଣ ଯାହା ଗାଉଥାଆନ୍ତି, ଆପଣଙ୍କୁ, ଏହା ପୂର୍ବରୁ କି, ନିଜର ନୈବେଦ୍ୟ କାଢି ନିଅନ୍ତୁ, ଯଦି ଆପଣ ନିଜର ନୈବେଦ୍ୟ ସଂଗ୍ରହ କରିବାକୁ ଯାଉଅଛନ୍ତି। ତାହାକୁ ଛାଡି...ମୁଁ ଆପଣଙ୍କର ପ୍ରଥମ ଗୀତ ନେବି, ଏବଂ ତାହାପରେ ଆପଣଙ୍କର ସନ୍ଧ୍ୟା ନୈବେଦ୍ୟ ଗ୍ରହଣ କରିବି, ଏବଂ ତାହାପରେ ଆପଣଙ୍କର ଦ୍ୱିତୀୟ ଗୀତ ସହିତ ଯିବି, ଏବଂ ତାହାପରେ ଏହା ସହିତରେ ଯିବି। ତାହାପରେ ଏଠାରେ ଆପଣଙ୍କର ଶେଷ ଗୀତ, ଆପଣଙ୍କର ଶେଷ ଗୀତ, ଦେଖନ୍ତୁ, ପାଳକଙ୍କର ନିର୍ଣ୍ଣୟ ହେଉ। ଏବଂ ଠିକ୍ ସେହି ଶେଷ ଭଜନ ଗାଇବା ମାତ୍ରେ, ସେହି ଓର୍ଗାନ ବାଦ୍ୟ ଆପଣଙ୍କର—ଆପଣଙ୍କର—ଆପଣଙ୍କର ସେହି ପ୍ରାରମ୍ଭିକ ସଂଗୀତ ସହିତ ଆରମ୍ଭ ହେଉ, ଆପଣଙ୍କର ପାଳକ ବାହାରି ଆସନ୍ତୁ। ଦେଖନ୍ତୁ, ସବୁକିଛି କ୍ରମରେ ଅଟେ। ସମସ୍ତେ ନୀରବ ରହିଥାନ୍ତି। ଆଉ କିଛି କୁହାଯିବାର ନ ଥାଏ। ପ୍ରତ୍ୟେକ ଦୀକନ୍ ତାଙ୍କ କର୍ତ୍ତବ୍ୟରେ ରହିଥାନ୍ତି। ପାଳକ ସେଠାରେ ଠିଆ ହୋଇଥାନ୍ତି।

190 ବାହାରକୁ ଆସନ୍ତି, ନିଜର ଦର୍ଶକବୃନ୍ଦଙ୍କୁ ଅଭିବାଦନ କରନ୍ତି, ତାଙ୍କ ପୁସ୍ତକ ଆଡକୁ ବୁଲି ପଡନ୍ତି ଏବଂ କୁହନ୍ତି, "ଆଜି ରାତି, ଆମେ ବାଇବଲରୁ ପାଠ କରୁଅଛୁ।" ଦେଖନ୍ତୁ, ସେ ଏହାକୁ ପ୍ରସ୍ତୁତ କରିବା ପରେ, "ଆମେ ବାଇବଲରୁ ପାଠ କରୁଅଛୁ।" ଏବଂ ବେଳେବେଳେ ଏହା ଏକ ଭଲ କଥା ଅଟେ ଯଦି ଆପଣ କୁହନ୍ତି, "ପରମେଶ୍ୱରଙ୍କ ବାକ୍ୟକୁ ସମ୍ମାନ ଦେବା ପାଇଁ, ଆସନ୍ତୁ ଆମେମାନେ ନିଜ ପାଦରେ ଛିଡ଼ା ହୋଇଯିବା ଯେତେବେଳେକି ଆମେ ବାକ୍ୟ ପାଠ କରୁ।" ଦେଖନ୍ତୁ, ତାହାପରେ ପଢ଼ନ୍ତୁ, "ଆଜି ରାତିରେ, ମୁଁ ଗୀତସଂହିତା ପୁସ୍ତକରୁ ପାଠ କରୁଛି," କିମ୍ବା ଏହା ଯାହାକିଛି ବି ଅଟେ। କିମ୍ବା ଅନ୍ୟ କେହି ଏହାକୁ ପାଠ କରନ୍ତୁ, ଗୀତର ନେତୃତ୍ୱକାରୀ, କିମ୍ବା ସହଯୋଗୀ, କେହି ଜଣେ ଯିଏକି ସେଠାରେ ଆପଣଙ୍କ ସହିତରେ ଥାଆନ୍ତି, ସେ ତାହା ପାଠ କରନ୍ତୁ, ଯାହା ବି ହେଉ; ଯେଉଁଠାରେକି ଏହା ସର୍ବୋତ୍ତମ ଅଟେ ଯଦି ଆପଣ ଏହାକୁ ନିଜେ ପାଠ କରନ୍ତି, ଯଦି ଆପଣ ଏହା ପାରୁଛନ୍ତି। ତାହାପରେ ଏହାକୁ ସେହିପରି ଭାବରେ ପାଠ କରନ୍ତୁ, ତାହାପରେ ନିଜର ମୂଳ ପାଠ ନିଅନ୍ତୁ। ବୁଝିଲେ? ସେତିକି ସମୟ ମଧ୍ୟରେ, ଆପଣ ପ୍ରାୟଃ ତିରିଶ ମିନିଟ୍ ଗତ ହୋଇ ସାରିଥିବ, ଏହା ଠିକ୍ ସେତେବେଳେ ପ୍ରାୟଃ ଆଠଟା ହେଉଥିବ।

191 ଏବଂ ଆଠଟାରୁ ନେଇ ପ୍ରାୟଃ ଆଠଟା ପଇଁ-ଚାଳିଶ ପର୍ଯ୍ୟନ୍ତ, କିଛି ଗୋଟାଏ ତିରିଶରୁ ପଇଁଚାଳିଶ ମିନିଟ୍ ମଧ୍ୟରେ, ସେହି ବାକ୍ୟକୁ ସେଠାରେ ଠିକ୍ ସେହିପରି ଭାବରେ ରଖନ୍ତୁ ଯେପରି ପବିତ୍ରଆତ୍ମା ଆପଣଙ୍କୁ ଏହା ଦିଅନ୍ତି, ଦେଖନ୍ତୁ, ଠିକ୍ ସେହିପରି ଭାବରେ, ଏହାକୁ ଠିକ୍ ସେହିପରି ଭାବରେ ସେହି ସ୍ଥାନରେ ରଖନ୍ତୁ ଯେପରିକି ସେ ଏହାକୁ କରିବା ପାଇଁ କହିଥାନ୍ତି, ଦେଖନ୍ତୁ, ଅଭିଷେକ ତଳେ।

192 ତାହାପରେ ଆପଣଙ୍କର ଯଜ୍ଞବେଦୀର ଡାକରା ଦିଅନ୍ତୁ, କୁହନ୍ତୁ, "ଯଦି ଏହି ମଣ୍ଡଳୀରେ ଏପରି କେହି ଅଛନ୍ତି ଯିଏକି ଖ୍ରୀଷ୍ଟଙ୍କୁ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବାକୁ ଚାହାଁନ୍ତି, ଆମେ ଆପଣଙ୍କୁ ପଚାରୁଅଛୁ, ଆପଣଙ୍କୁ ଠିକ୍ ବର୍ତ୍ତମାନ ହିଁ ବେଦୀକୁ ନିମନ୍ତ୍ରଣ କରୁଅଛୁ, କେବଳ ନିଜ ପାଦରେ ଠିଆ ହୋଇଯାଆନ୍ତୁ।" ବୁଝିଲେ?

193 ଏବଂ ଯଦି—ଏବଂ ଯଦି କେହି ଠିଆ ହୁଅନ୍ତି ନାହିଁ, ଧରନ୍ତୁ, "ଏଠାରେ କେହି ଅଛନ୍ତି କି ଯିଏକି ବାପ୍ତିସ୍ମ ପାଇଁ ପ୍ରାର୍ଥୀ ଅଟନ୍ତି, ଯିଏକି ପୂର୍ବରୁ ଅନୁତାପ କରିସାରିଛନ୍ତି, ଏବଂ ପାପ କ୍ଷମା ନିମନ୍ତେ ଜଳରେ ବାପ୍ତିଜିତ ହେବାକୁ ଚାହୁଁଛନ୍ତି? ଯଦି ସେମାନେ ଆସିବାକୁ ଇଚ୍ଛା କରନ୍ତି, ଆମେ ବର୍ତ୍ତମାନ ଆପଣଙ୍କୁ ସୁଯୋଗ ଦେଉଅଛୁ। ଓର୍ଗାନ ସଂଗୀତଟି ବାଜୁଥିବାବେଳେ ଆପଣ ଆସିବେ କି?" କଅଣ ଆପଣ ବୁଝିଲେ?

194 କେହି ଆସନ୍ତି ନାହିଁ, ସେତେବେଳେ କୁହନ୍ତୁ, "କଅଣ ଏଠାରେ କେହି ଅଛନ୍ତି କି ଯିଏକି... ଯିଏ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଗ୍ରହଣ କରି ନାହାଁନ୍ତି ଏବଂ ଆଜି ରାତିରେ ଏହା କରିବାକୁ ଚାହାଁନ୍ତି, ଆପଣଙ୍କ ପାଇଁ ଆମେ ପ୍ରାର୍ଥନା କରୁ ବୋଲି ଚାହାଁନ୍ତି?" ତେବେ, ବୋଧହୁଏ କେହି ଜଣେ ଆସନ୍ତି, ତାହାପରେ ଦୁଇ ବା ତିନି ଜଣ ସେମାନଙ୍କ ଉପରେ ହାତ ରଖନ୍ତି, ସେମାନଙ୍କ ପାଇଁ ପ୍ରାର୍ଥନା କରନ୍ତି। ସେମାନଙ୍କୁ ସେଗୁଡିକ ମଧ୍ୟରୁ ଗୋଟିଏ କୋଠରୀକୁ ପଠାଇ ଦିଆଯାଉ, ସେମାନଙ୍କ ସହିତରେ କେହି ଜଣେ ଥାଆନ୍ତୁ, ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ସହିତ କିପରି ଆସିବେ ତାହା ବିଷୟରେ ସେମାନଙ୍କୁ କୌଣସି ସ୍ଥାନରେ ନିର୍ଦ୍ଦେଶ ଦିଆଯାଉ। ମଣ୍ଡଳୀ ସେମାନଙ୍କଠାରୁ ଅନତି ଦୂରରେ ଥାଏ।

195 ଯଦି କେହି ହେବାକୁ ଆସନ୍ତି...ଖ୍ରୀଷ୍ଟଙ୍କୁ ଗ୍ରହଣ କରିବାକୁ ଚାହାଁନ୍ତି ଏବଂ ପ୍ରାର୍ଥନା କରାଇବା ନିମନ୍ତେ ଯଜ୍ଞବେଦୀ ପାଖରେ ଠିଆ ହୋଇଥାନ୍ତି, ନିଜର କରନ୍ତୁ...ସେମାନେ ପ୍ରାର୍ଥନା କରନ୍ତୁ। ଏବଂ ଯେତେବେଳେ ସେମାନେ କରନ୍ତି, କେବଳ କୁହନ୍ତୁ, "ବର୍ତ୍ତମାନ ନିଜର ମସ୍ତକଗୁଡିକୁ ନତ କରନ୍ତୁ, ଆମେ ପ୍ରାର୍ଥନା କରିବାକୁ ଯାଉଅଛୁ।" ଏବଂ କୁହନ୍ତୁ, "କଅଣ ଆପଣ ବିଶ୍ୱାସ କରନ୍ତି କି?"

196 ଯଦି ଏପରି କୌଣସି ଛୋଟ ବିଷୟ ଥାଏ ଯାହାକି ମଣ୍ଡଳୀକୁ ଆଦୌ କୌଣସି ପ୍ରକାରେ ବିଳମ୍ୱ କରୁଥାଏ, ସେମାନଙ୍କୁ ଠିକ୍ ସେତେବେଳେ ହିଁ ପ୍ରାର୍ଥନା କକ୍ଷକୁ ପଠାଇ ଦିଅନ୍ତୁ, ଏବଂ ସେମାନଙ୍କ ସହିତ ସେଠାକୁ ଯାଆନ୍ତୁ, କିମ୍ବା ସେମାନଙ୍କ ସହିତ କାହାରିକୁ ସେଠାକୁ ପଠାନ୍ତୁ। ଏବଂ ମଣ୍ଡଳୀକୁ ଠିକ୍ ସେହିପରି ଭାବରେ ଗତି କରିବାକୁ ଦିଅନ୍ତୁ, ଦେଖନ୍ତୁ, ସେହିପରି ଭାବରେ, ଆପଣ ସେତେବେଳେ ଯାଏଁ ସେମାନଙ୍କୁ କୌଣସି ସ୍ଥାନରେ ଅଟକାଇ ରଖି ନାହାଁନ୍ତି। ବୁଝିଲେ?

197 ଏବଂ ତାହାପରେ ଯେତେବେଳେକି...ଏହା ପୂର୍ବରୁ...ଭିତରେ—ଅଳ୍ପ କିଛି ଭିତରେ... ତେବେ ଯଦି ସେମାନେ କୁହନ୍ତି, ଧରନ୍ତୁ, ଯଦି କେହି ଆସନ୍ତି ନାହିଁ, ତେବେ କୁହନ୍ତୁ, "କଅଣ ଏଠାରେ ଏପରି କେହି ଅଛନ୍ତି କି ଯିଏକି ଆଜି ରାତିରେ ସେମାନଙ୍କର ଅସୁସ୍ଥତା ପାଇଁ

ତେଲରେ ଅଭିଷେକ ହେବାକୁ ଚାହାଁନ୍ତି? ଆମେ ଏଠାରେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରୁ ।”

198 “ତେବେ, ମୁଁ ଆପଣଙ୍କୁ ବ୍ୟକ୍ତିଗତ ଭାବରେ ଦେଖା କରିବାକୁ ଚାହେଁ, ଭାଇ ନେଭିଲ୍ ।”

“ତେବେ, ଆପଣ ମୋତେ କାର୍ଯ୍ୟାଳୟରେ ଦେଖା କରନ୍ତୁ ଦୀକନ୍‌ମାନଙ୍କ ମଧ୍ୟରୁ ଜଣକାକୁ ଦେଖା କରନ୍ତୁ, ସେମାନେ ଏହାର କଥା ବୁଝିବେ ।” ବୁଝିଲେ?

“ଭାଇ, ମୋ ପାଖରେ ଏପରି କିଛି ବିଷୟ ଅଛି ଯାହାକି ମୁଁ ଆପଣଙ୍କୁ କହିବାକୁ ଚାହେଁ ।”

“ତେବେ, ଏଠାରେ ଥିବା ଦୀକନ୍‌ମାନଙ୍କ ମଧ୍ୟରୁ ଜଣେ ଆପଣଙ୍କୁ କାର୍ଯ୍ୟାଳୟରେ ଦେଖା କରିବେ, ଏବଂ ଆମେ…ମୁଁ ତୁରନ୍ତହିଁ ସେବା ପରେ ଆପଣଙ୍କୁ ଦେଖା କରିବି ।”

199 “ତେବେ, ବର୍ତ୍ତମାନ ଯେତେବେଳେ ଆମେ ବରଖାସ୍ତ ପାଇଁ ଠିଆ ହେବୁ ।” ଦେଖନ୍ତୁ, ଏବଂ ଆପଣ ଏହି ସମଗ୍ର ବିଷୟରେ ପ୍ରାୟଃ ଗୋଟିଏ ଘଣ୍ଟା ଓ ପଇଁ-ଚାଳିଶ ମିନିଟ୍ ରୁ ଅଧିକ ସମୟ ନେଇ ନାହାଁନ୍ତି । ବୁଝିଲେ? ଦେଖନ୍ତୁ, ଗୋଟିଏ ଘଣ୍ଟା ଓ ତିରିଶ ମିନିଟ୍, ଆପଣଙ୍କର ସେବା ସମାପ୍ତ ହୋଇଯାଏ । ଆପଣଙ୍କର ଅତି ଛୋଟ, ଶୀଘ୍ର ବାର୍ତ୍ତା ଦେବାର ସରିଲା; ଆପଣ—ଆପଣ ତାହା ପ୍ରଦାନ କଲେ ଯାହାକି କରା ହୋଇଅଛି; ଆପଣ କରିଛନ୍ତି…ଏବଂ ସମସ୍ତେ ସନ୍ତୁଷ୍ଟ ଅଟନ୍ତି, ଏବଂ ଭଲ ଅନୁଭବ କରି ଘରକୁ ଯାଆନ୍ତି । ବୁଝିଲେ? ଯଦି ଆପଣ ତାହା ନ କରନ୍ତି, ତେବେ, ଆପଣ ଦେଖନ୍ତୁ, ଯଦି ଆପଣ ଦିଅନ୍ତି…ଦେଖନ୍ତୁ, ଆପଣ—ଆପଣ—ଆପଣ ଭଲ ଅଭିପ୍ରାୟ କରୁଛନ୍ତି, ଦେଖନ୍ତୁ, ମାତ୍ର ଦେଖନ୍ତୁ…

200 ଆପଣ ଜାଣନ୍ତି, ମୋ ପାଇଁ ଏହି ମଞ୍ଚ ଉପରେ ପ୍ରାୟଃ ତେ-ତିରିଶ ବର୍ଷ ହେଲାଣି, ତେ-ତିରିଶ ବର୍ଷ, ଏବଂ ସମଗ୍ର ବିଶ୍ୱରେ । ଆପଣ ସେହି ସମୟ ମଧ୍ୟରେ ଅଳ୍ପ ଟିକିଏ କିଛି ଶିଖିଯାଆନ୍ତି, ନିଶ୍ଚିତରେ । ବୁଝିଲେ? ଯଦି ଆପଣ ନ ଶିଖନ୍ତି, ତେବେ ଭଲ ହେବ ଯେ ଆପଣ ଛାଡ଼ି ଦିଅନ୍ତୁ । ତେଣୁ ତାହାହେଲେ, ଦେଖନ୍ତୁ, ମୁଁ ଏହା ପାଇଅଛି: ବର୍ତ୍ତମାନ, ଯଦି ଆପଣ କେବଳ ସାଧୁମାନଙ୍କ ସହିତ ସମ୍ପୂର୍ଣ୍ଣ ଭାବରେ ବ୍ୟବହାର କରୁଛନ୍ତି, ହେ ପୁରୁଷ, ତାହାହେଲେ ଆପଣ ଯଦି ଚାହାଁନ୍ତି ଆପଣ ସମଗ୍ର ରାତିସାରା ରହିପାରନ୍ତି । କିନ୍ତୁ ଆପଣ…ଦେଖନ୍ତୁ, ଆପଣ ଅବିକଳ ଭାବରେ ସେମାନଙ୍କ ସହିତ ବ୍ୟବହାର କରୁନାହାଁନ୍ତି, ଆପଣ ଏଠାରେ ଏମାନଙ୍କୁ ଧରିବାକୁ ଚେଷ୍ଟା କରୁଛନ୍ତି । ଏମାନେ ହିଁ ଏଠାରେ ଅଟନ୍ତି ଯାହାକୁ ଆପଣ ଧରୁଛନ୍ତି, ଆପଣଙ୍କୁ ତ ସେମାନଙ୍କ କ୍ଷେତ୍ରରେ କାମ କରିବାକୁ ପଡ଼ିବ । ବୁଝିଲେ? ଏବଂ କରନ୍ତୁ ନାହିଁ…ସେମାନଙ୍କୁ ଏଠାକୁ ଆଣନ୍ତୁ ଏବଂ ତାହାପରେ ବାକ୍ୟ ଆସୁ, ଏବଂ ତାହାପରେ ଦେଖନ୍ତୁ, ସେଠାରେ କୌଣସି ଅଭିଯୋଗ ହୋଇପାରେ ନାହିଁ । ଯଦି ଏଠାରେ ଏପରି କିଛି ବିଷୟ ଥାଏ ଯାହାକି ସେମାନେ ଆପଣଙ୍କଠାରେ ଦେଖିବାକୁ ଚାହାଁନ୍ତି, ତେବେ, ଭଲ, ସେମାନଙ୍କୁ ସେହିପରି ଭାବରେ ଠିକ କାର୍ଯ୍ୟାଳୟକୁ ନେଇଯାଆନ୍ତୁ, ମାତ୍ର ମଣ୍ଡଳୀକୁ ଅଟକାଇ ରଖନ୍ତୁ ନାହିଁ ।

201 ତାହାପରେ, ଆପଣ ଜାଣନ୍ତି, ଲୋକମାନେ ଉଠି କହିବେ, “ତେବେ, ମୁଁ ଆପଣଙ୍କୁ କୁହେ, ଆସନ୍ତୁ ଏକ ଭଲ ସାକ୍ଷ୍ୟ ସଭା କରିବା ।” ବୁଝିଲେ? ମୋର ଅଭିପ୍ରାୟ ଏହା ଉପରେ

କୌଣସି ସମାଲୋଚନା କରିବା ନୁହେଁ, ମୋର ଅଭିପ୍ରାୟ କେବଳ ଆପଣଙ୍କୁ ସତ କହିବା ଅଟେ। ମୋର ଅଭିପ୍ରାୟ ଆପଣଙ୍କୁ ସତ କହିବା ଅଟେ। ବୁଝିଲେ? ମୁଁ ଅନେକଙ୍କର ସାକ୍ଷ୍ୟ ସଭାଗୁଡିକୁ ପାଇଅଛି...ସେଗୁଡିକ—ସେଗୁଡିକ ଭଲ କରିବା ଅପେକ୍ଷା ବେଳେବେଳେ ଅଧିକ କ୍ଷତି କରିଥାନ୍ତି। ଦେଖନ୍ତୁ, ସେଗୁଡିକ ପ୍ରକୃତରେ କରିଥାନ୍ତି।

202 ତେବେ, ଯଦି କେହି ଉଦ୍ଦୀପନାର ସମୟରେ ଏକ ଅତ୍ୟନ୍ତ ନାଲି-ଗରମ ସାକ୍ଷ୍ୟ ଦେଇଥାଏ, ଆପଣ ଜାଣନ୍ତି, ଆପଣଙ୍କର ଏକ ଉଦ୍ଦୀପନା ଚାଲିଛି, ଆପଣ ଜାଣନ୍ତି, ଗୋଟିଏ ସଭାରେ, ଏବଂ କେହି ଜଣେ ଉଦ୍ଧାର ପାଇଛନ୍ତି ଏବଂ କେବଳ ଗୋଟିଏ ଶବ୍ଦ କହିବାକୁ ଚାହୁଁଛନ୍ତି, ତେବେ, ପରମେଶ୍ୱର ଧନ୍ୟ ହେଉନ୍ତୁ, ସେ ନିଜର ପ୍ରାଣକୁ ହାଲୁକା କରନ୍ତୁ। କଅଣ ଆପଣ ଦେଖୁଛନ୍ତି କି? ଯଦି ସେ—ଯଦି ସେ ଚାହାଁନ୍ତି—ଯଦି ସେ ତାହା କରିବାକୁ ଚାହାଁନ୍ତି, ଦେଖନ୍ତୁ, ଠିକ୍ ଉଦ୍ଦୀପନାର ସମୟରେ, ଧରନ୍ତୁ, "ମୁଁ କେବଳ କହିବାକୁ ଚାହେଁ, 'ପ୍ରଭୁ ମୋ ପାଇଁ ଯାହା କରିଛନ୍ତି ସେଥିପାଇଁ ତାଙ୍କୁ ଧନ୍ୟବାଦ ହେଉ।' ସେ ଗତ ସପ୍ତାହରେ ମୋତେ ଉଦ୍ଧାର କଲେ, ଏବଂ ମୋର ହୃଦୟ ପରମେଶ୍ୱରଙ୍କ ଗୌରବରେ ଦଗ୍ଧ ହେଉଅଛି। ପରମେଶ୍ୱରଙ୍କର ଧନ୍ୟବାଦ ହେଉ," ବସି ଯାଆନ୍ତି। ଆମେନ୍! ତାହା ଉତ୍ତମ ଅଟେ, ବଢି ଚାଲନ୍ତୁ। ଦେଖନ୍ତୁ, ତାହା ଠିକ୍ ଅଟେ।

203 କିନ୍ତୁ ଯେତେବେଳେ ଆପଣ କୁହନ୍ତି, "ତେବେ ଆସନ୍ତୁ। ପରବର୍ତ୍ତୀ କିଏ? ପରବର୍ତ୍ତୀ କିଏ? ବର୍ତ୍ତମାନ ଆସନ୍ତୁ ଏକ ଶବ୍ଦ ଶୁଣିବା, ଆସନ୍ତୁ ସାକ୍ଷ୍ୟର ଏକ ଶବ୍ଦ ଶୁଣିବା।" ତେବେ, ଯଦି ଆପଣଙ୍କର ଏକ ସଭା ନିୟୋଜିତ କରି ରଖାହୋଇଛି, ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ରାତି, ଦେଖନ୍ତୁ, ତେବେ ଆପଣ ଯାଉଛନ୍ତି: "ଆଜି ରାତି...ପରବର୍ତ୍ତୀ ବୁଧବାର ରାତିରେ, ପ୍ରାର୍ଥନା ସଭା ପରିବର୍ତ୍ତେ, ଏହା ଏକ ସାକ୍ଷ୍ୟ ସଭା ହେବାକୁ ଯାଉଅଛି। ଆମେ ଚାହୁଁଛୁ ଯେ ସମସ୍ତେ ଆସନ୍ତୁ, ଏବଂ ଏହା ସାକ୍ଷ୍ୟର ସଭା ହେବାକୁ ଯାଉଅଛି।" ଏବଂ ତାହାପରେ ଯେତେବେଳେ ସେମାନେ ସାକ୍ଷ୍ୟ ଦେବା ପାଇଁ ଏକ ସ୍ଥାନକୁ—କୁ ଆସନ୍ତି, ବାକ୍ୟ ପାଠ କରନ୍ତି, ପ୍ରାର୍ଥନା କରନ୍ତି, ଏବଂ ତାହାପରେ କୁହନ୍ତି, "ବର୍ତ୍ତମାନ, ଆମେ ଏହାକୁ ସାକ୍ଷ୍ୟ ରାତି ବୋଲି ଘୋଷଣା କରିଅଛୁ।" ତେଣୁ ଲୋକମାନଙ୍କୁ ସେହି ଗୋଟିଏ ଘଣ୍ଟା କିମ୍ବା ପଇଁ-ଚାଳିଶ ମିନିଟ୍ କିମ୍ବା ତିରିଶ ମିନିଟ୍, କିମ୍ବା ଏହା ଯାହାକିଛି ଅଟେ, ସାକ୍ଷ୍ୟ ଦେବାକୁ ଦିଅନ୍ତୁ, ଆଉ ତାହାପରେ—ତାହାପରେ ସେହିପରି ଭାବରେ ଆଗକୁ ଯାଆନ୍ତୁ। ବୁଝନ୍ତୁ ଯେ ମୁଁ କଅଣ କହୁଅଛି? ଏବଂ ମୁଁ ଭାବୁଛି ଯେ ଏହା ଆପଣଙ୍କର ମଣ୍ଡଳୀକୁ ସାହାଯ୍ୟ କରିବ, ଯଦି ଆପଣ ଏହାକୁ ସେପରି କରନ୍ତି, ଏହା ସର୍ବମୋଟ, ସବୁକିଛିକୁ ସାହାଯ୍ୟ କରିବ।

204 ବର୍ତ୍ତମାନ, ଏହା...ମୁଁ ବିଳମ୍ବ କରୁଛି, ତେଣୁ...ଭାଇମାନେ—ଭାଇମାନେ, ଏଗୁଡିକ ମୋର ଜ୍ଞାନର ସର୍ବୋତ୍ତମ ଅନୁସାରେ ଅଟେ। ମୁଁ ଦେଖେ ଯେ ଆପଣଙ୍କ ହୃଦୟରେ କଅଣ ଅଛି, ଆପଣ ପଚାରିଥିବା ପ୍ରଶ୍ନଗୁଡ଼ିକର ଏହା ହେଉଛି ମୋର ଜ୍ଞାନ ଅନୁସାରେ ସର୍ବୋତ୍ତମ ଉତ୍ତର। ତେବେ, ବର୍ତ୍ତମାନଠାରୁ ଆପଣ ଜାଣନ୍ତି। ଏବଂ ଯଦି ଏହା କେବେ ଆପଣଙ୍କ ମନରେ ଆସେ, ତାହାହେଲେ ଟେପ୍ ନିକଟକୁ ଆସନ୍ତୁ। ତାହା ପଚାରନ୍ତୁ...ଟେପ୍ ଶୁଣନ୍ତୁ।

ଯଦି ଏହା ଦୀକନ୍, ଟ୍ରଷ୍ଟି, କିମ୍ବା ଏହା ଯାହାକିଛି ବି ଅଟେ, ତେବେ ଟେପ୍ ଚଲାଯାଉ । ଯଦି ମଣ୍ଡଳୀ ଏହା ଶୁଣିବାକୁ ଚାହାଁନ୍ତି ତେବେ ଏହାକୁ ସେଠାରେ ଥିବା ସେମାନଙ୍କ ନିମନ୍ତେ ଚଲାଯାଉ । ଠିକ୍ ଅଛି । ଏବଂ ତାହା—ତାହା ଏଠାରେ ଏଇଥ୍ ଏଣ୍ଡ୍ ପେନ୍ ଷ୍ଟ୍ରିଟରେ ଥିବା ଏହି ଆରାଧନାଳୟ ପାଇଁ ପରମେଶ୍ୱରଙ୍କ ଇଚ୍ଛା ପ୍ରତି ମୋର ଜ୍ଞାନ ଅନୁସାରେ ସର୍ବୋତ୍ତମ ଅଟେ, ଏବଂ ସେହି ଉପାୟରେ ହିଁ ମୁଁ ଆପଣ ଭାଇମାନଙ୍କୁ ପ୍ରତ୍ୟାଦେଶ ଦେଉଅଛି ଯେ ପବିତ୍ରଆତ୍ମାଙ୍କ ନେତୃତ୍ୱରେ ସମସ୍ତ ଦୟା ଏବଂ ପ୍ରେମ ସହିତରେ, ଏହାକୁ ନିର୍ବାହ କରାଯାଉ, ଓ ଲୋକମାନଙ୍କ ସମ୍ମୁଖରେ ତୁମର ଅନୁଗ୍ରହକୁ ଦେଖାଯାଉ ଯେ ଆପଣ ଖ୍ରୀଷ୍ଟିଆନ ଅଟନ୍ତି । ଏବଂ *ଖ୍ରୀଷ୍ଟିଆନ*ର ଅର୍ଥ ଏକ ଶିଶୁ ନୁହେଁ ଯାହାକୁକି ଯେକୌଣସି ସ୍ଥାନକୁ ଠେଲି ଦିଆ ଯାଇପାରେ, ତାହାର ଅର୍ଥ “ଏପରି ଜଣେ ବ୍ୟକ୍ତି ଯିଏକି ପ୍ରେମରେ ପରିପୂର୍ଣ୍ଣ, କିନ୍ତୁ ତଥାପି, ପରମେଶ୍ୱରଙ୍କ ପ୍ରତି ସେତିକି ପ୍ରେମରେ ପରିପୂର୍ଣ୍ଣ ଅଟନ୍ତି ଯେତିକି ସେ ମଣ୍ଡଳୀ ପାଇଁ ଅଟନ୍ତି ।” କଅଣ ଆପଣ ବୁଝିଲେ ଯେ ମୁଁ କଅଣ କହୁଅଛି?

205 କଅଣ ଏକ ପ୍ରଶ୍ନ ଅଛି କି? ଟେପ୍ ଏଠାରେ ଶେଷ ହେବାକୁ ଯାଉଅଛି, ଏବଂ କେହି ଜଣେ ମୋ ପାଇଁ ସେଠାରେ ଅପେକ୍ଷା କରି ରହିଛନ୍ତି । ସେ କେଉଁ ସମୟରେ ସେଠାରେ ରହିବାର ଥିଲେ? [ବିଲି ପଲ୍ ଉତ୍ତର ଦିଅନ୍ତି, “ଠିକ୍ ବର୍ତ୍ତମାନ ।”—ସମ୍ପା ।] ଠିକ୍ ବର୍ତ୍ତମାନ । ସେ ନିଜେ ଏଠାକୁ ଆସୁଛନ୍ତି କି? [“ମୁଁ ଯାଇ ତାଙ୍କୁ ଆଣିବି ।”] ଠିକ୍ ଅଛି । ଠିକ୍ ଅଛି, ମହାଶୟ ।

206 ତେବେ, ମୁଁ ଜାଣେ ଯେ ଆମେମାନେ ବର୍ତ୍ତମାନ ବାହାରକୁ ଯାଉଅଛୁ ଯଦି ଆଉ କୌଣସି—ଆଉ କୌଣସି ବିଷୟ କୁହାଯିବା ପାଇଁ ନାହିଁ । ହୁଁ? ତେବେ, ଯଦି ନାହିଁ, ତେବେ ଆସନ୍ତୁ ବରଖାସ୍ତ କରିବା । ହଁ । ହଁ, ଭାଇ କଲିନ୍ସ? [ଭାଇ କଲିନ୍ସ କୁହନ୍ତି, “ଅଧିକ ଉତ୍ତମ ହୋଇପାରେ ଯଦି ଟେପ୍‌ଗୁଡିକ ବନ୍ଦ କରି ଦିଆଯାଏ ।”—ସମ୍ପା ।] ଠିକ୍ ଅଛି । [ଟେପ୍‌ରେ ରିକ୍ତ ସ୍ଥାନ ।]

207 ତେବେ, ଭାଇମାନେ, ମୁଁ ଆଜି ରାତିରେ ଆପଣମାନଙ୍କ ସହିତ ଏଠାରେ ରହିଥିବାରୁ, ଏବଂ ଭାଇ ନେଭିଲ୍, ଏବଂ ସମସ୍ତ ଦୀକନ୍, ଏବଂ ଟ୍ରଷ୍ଟି, ଏବଂ ରବିବାର ଶ୍ରେଣୀ ଅଧୀକ୍ଷକଙ୍କୁ, ଆପଣ ସମସ୍ତଙ୍କୁ ପ୍ରସଂଶା କରିଅଛି । ଆମେ ଭରସା କରୁ ଯେ ପରମେଶ୍ୱରଙ୍କ ରାଜ୍ୟ ପାଇଁ ପ୍ରଭୁ ବର୍ତ୍ତମାନ ଆପଣମାନଙ୍କୁ ଏହି ଆଦେଶଗୁଡିକୁ ପାଳନ କରିବାରେ ସାହାଯ୍ୟ କରିବେ । ମୁଁ ଏହା କହିବାର କାରଣ ହେଉଛି ଯେ ମୁଁ ଭାବୁଛି ଆପଣମାନେ ଶିଶୁ ଅବସ୍ଥାଠାରୁ ବୟସ୍କ ପର୍ଯ୍ୟନ୍ତ ବୃଦ୍ଧି ପାଇଛନ୍ତି । ଯେତେବେଳେ ଆପଣ ଶିଶୁ ଥିଲେ, ଆପଣ ଶିଶୁ ପରି କଥା କହୁଥିଲେ, ଏବଂ ଆପଣ ଶିଶୁ ପରି ବୁଝୁଥିଲେ । ମାତ୍ର ବର୍ତ୍ତମାନ ଆପଣ ଜଣେ ପୁରୁଷ ଅଟନ୍ତି, ତେଣୁକରି ଆସନ୍ତୁ ପରମେଶ୍ୱରଙ୍କ ଗୃହରେ ବୟସ୍କ ଭାବରେ କାର୍ଯ୍ୟ କରିବା, ନିଜକୁ ଆଚରଣ କରିବା, ଏବଂ ଆମର କାର୍ଯ୍ୟାଳୟଗୁଡିକୁ ସମ୍ମାନ ଦେବା, ଏବଂ ପ୍ରତ୍ୟେକ କାର୍ଯ୍ୟାଳୟକୁ ସମ୍ମାନ ଦେବା । ପ୍ରଭୁ ଆମକୁ ଦେଇଥିବା ପ୍ରତ୍ୟେକ ଦାନକୁ, ଆସନ୍ତୁ ଏହାକୁ କ୍ରମରେ ରଖିବା, ଏବଂ ଆମର ବରଦାନ ଏବଂ ଆମର କାର୍ଯ୍ୟାଳୟଗୁଡିକ ସହିତରେ ପରମେଶ୍ୱରଙ୍କୁ ସମ୍ମାନ କରିବା ।

ଆସନ୍ତୁ ପ୍ରାର୍ଥନା କରିବା ।

208 ସ୍ୱର୍ଗୀୟ ପିତା, ଆମେ ଆଜି ରାତି ପୁରୁଷମାନଙ୍କର ଏହି ସମାବେଶ ପାଇଁ ଧନ୍ୟବାଦ ଦେଉଅଛୁ ଯେଉଁମାନେକି ଏଠାରେ କାର୍ଯ୍ୟାଳୟଗୁଡିକରେ ରଖାଯାଇଛନ୍ତି ଯେ ପ୍ରଭୁଙ୍କ କାର୍ଯ୍ୟ କରାଯାଏ ଯାହାକି ଏଠାରେ ଜେଫର୍ସନଭିଲେରେ ଏହି ମଣ୍ଡଳୀରେ କରା ଯାଉଅଛି । ପରମେଶ୍ୱର, ତୁମର ହାତ ସେମାନଙ୍କ ଉପରେ ରହିଥାଉ, ତୁମେ ସେମାନଙ୍କୁ ସାହାଯ୍ୟ କର ଏବଂ ଆଶୀର୍ବାଦ କର । ହେଉ ଯେ ମଣ୍ଡଳୀ ଏବଂ ଲୋକମାନେ ବୁଝନ୍ତୁ ଓ ଜାଣନ୍ତୁ ଯେ ଏହା ପରମେଶ୍ୱରଙ୍କ ରାଜ୍ୟକୁ ଉନ୍ନତ କରିବା ନିମନ୍ତେ ଅଟେ, ଯେପରିକି ଆମେମାନେ ବୁଝିବାର ଲୋକ ହୋଇପାରୁ ଏବଂ ପରମେଶ୍ୱରଙ୍କ ଆତ୍ମାଙ୍କୁ ଜାଣିପାରୁ, ଏବଂ କଅଣ କରିବାର ଅଛି ତାହା ଜାଣିପାରୁ । ପିତା, ଏହା ପ୍ରଦାନ କର । ତୁମର ଆଶୀର୍ବାଦ ସହିତ ବର୍ତ୍ତମାନ ଆମକୁ ବରଖାସ୍ତ କର, ଏବଂ ପବିତ୍ରଆତ୍ମା ଆମ ଉପରେ ନଜର ରଖନ୍ତୁ ଓ ଆମକୁ ମାର୍ଗଦର୍ଶନ କରନ୍ତୁ, ଏବଂ ଆମକୁ ସୁରକ୍ଷା ଦିଅନ୍ତୁ, ଏବଂ ଆମେ ସର୍ବଦା କର୍ତ୍ତବ୍ୟର ପଦରେ ବିଶ୍ୱସ୍ତ ଦେଖାଯାଉ । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ପ୍ରାର୍ଥନା କରେ । ଆମେନ୍ ।

***ମଣ୍ଡଳୀ ପ୍ରବନ୍ଧ*** ORI63-1226

(Church Order)

**ମଣ୍ଡଳୀର ଆଚରଣ, କ୍ରମ ଏବଂ ସିଦ୍ଧାନ୍ତ ଶୃଙ୍ଖଳା**

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଡିସେମ୍ବର 26, ୧୨୬୦, ଗୁରୁବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲ୍ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ବ୍ରାନ୍‌ହାମ୍ ଟେବର୍ନେକଲ୍ ଆଧିକାରିକ ବୋର୍ଡ୍ ସଭା ପାଇଁ ପ୍ରଚାର କରାଯାଇଥିଲା, ମ୍ୟାଗ୍ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି। ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା।

ORIYA

©2023 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:



VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org